

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧ ଜୁନ୍ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 1 JUNE 2023
Vol.No. 34 ■ No. 144 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ସରକାରୀ କର୍ମଚାରୀଙ୍କ ପାଇଁ ଅନୁକମ୍ପା ସହାୟତା ୧୦ ଲକ୍ଷକୁ ବୃଦ୍ଧି

ଭୁବନେଶ୍ୱର , ୩୧/୦୫ (ନି.ପ୍ର): ରାଜ୍ୟର ସରକାରୀ କର୍ମଚାରୀ ମାନଙ୍କ ପାଇଁ ଅନୁକମ୍ପାମୂଳକ ସହାୟତା ରାଶିର ପରିମାଣରେ ବୃଦ୍ଧି କରାଯାଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଏ ସଂପର୍କିତ ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ଏହି ନିଷ୍ପତ୍ତି ଅନୁଯାୟୀ ଦାୟିତ୍ୱ ପାଳନ ସମୟରେ କର୍ମଚାରୀ ମାନଙ୍କ ମୃତ୍ୟୁ ଘଟିଲେ ସେ କ୍ଷେତ୍ରରେ ସହାୟତା ରାଶିର ପରିମାଣକୁ ବର୍ତ୍ତମାନର ୪ ଲକ୍ଷ ଟଙ୍କାରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ସେହିପରି ଆଘାତ ଯୋଗୁ ସ୍ଥାୟୀ ଅକ୍ଷମତା କ୍ଷେତ୍ରରେ ସହାୟତା ରାଶିର ପରିମାଣ ୨ ଲକ୍ଷରୁ ୫ ଲକ୍ଷ ଟଙ୍କାକୁ ଏବଂ ଆଂଶିକ ଅକ୍ଷମତା କ୍ଷେତ୍ରରେ ସହାୟତା ରାଶିର ପରିମାଣ ୧ ଲକ୍ଷ ଟଙ୍କାରୁ ୨ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି ।

# ରାହୁଲ ଗାନ୍ଧିଙ୍କ ବୟାନକୁ ନେଇ ଚର୍ଚ୍ଚା

ନୂଆଦିଲ୍ଲୀ,୩୧/୦୫ : ଆମେରିକାରେ ରହୁଥିବା ଭାରତୀୟ ବଂଶୋଦ୍ଭବଙ୍କୁ ସମ୍ବୋଧନ କରିବା ବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବିଜେପିକୁ କଡ଼ା ସମାଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଯଦି ଭଗବାନଙ୍କ ପାଖରେ ବସାଇ ଦିଆଯିବ, ତା'ହେଲେ ତାଙ୍କୁ ମଧ୍ୟ ପୂରା ବ୍ରହ୍ମାଣ୍ଡ ବିଷୟରେ ସେ ବୁଝାଇବା ଆରମ୍ଭ କରିଦେବେ ବୋଲି ରାହୁଲ ଗାନ୍ଧି ତାଚ୍ଛଲ୍ୟ କରି କହିଛନ୍ତି। ୬ ଦିନିଆ ଆମେରିକା ଗସ୍ତରେ ଯାଇଥିବା ରାହୁଲ ଗାନ୍ଧି ସାନ ଫ୍ରାନ୍ସିକୋରେ ଆୟୋଜିତ କାର୍ଯ୍ୟକ୍ରମରେ ଭାରତୀୟ ବଂଶୋଦ୍ଭବଙ୍କୁ ସମ୍ବୋଧନ କରିଥିଲେ। ଏହି ସମୟରେ ସେ କହିଥିଲେ ଯେ ଭାରତରେ ଏମିତି କିଛି ଲୋକ ଅଛନ୍ତି, ଯେଉଁମାନେ ଭଗବାନଙ୍କ ଠାରୁ ମଧ୍ୟ ଅଧିକ ଜାଣିଥିବା ଭାବନ୍ତି। ସେଭଳି ଲୋକଙ୍କ ମଧ୍ୟରୁ ଗୋଟିଏ ନମୁନା ହେଲେ ପ୍ରଧାନମନ୍ତ୍ରୀ ମୋଦି। କଂଗ୍ରେସ ବିଦେଶ ସଂଗଠନ ପକ୍ଷରୁ ଆୟୋଜିତ ମହବତ କି ଦୁକାନ ବା ପ୍ରେମର ଦୋକାନ କାର୍ଯ୍ୟକ୍ରମରେ ରାହୁଲ ଗାନ୍ଧି କହିଛନ୍ତି, "କିଛି ଲୋକ ପୂରା ନିଶ୍ଚିତ ହୋଯାଇଛନ୍ତି ସେମାନେ ସବୁ କିଛି ଜାଣିଛନ୍ତି। ସେମାନେ ଐତିହାସିକଙ୍କୁ ଇତିହାସ, ବୈଜ୍ଞାନିକଙ୍କୁ ବିଜ୍ଞାନ ଓ ସେନାକୁ ଯୁଦ୍ଧ ବିଷୟରେ ପାଠପଢ଼ାଇବାକୁ ସକ୍ଷମ ବୋଲି ଭାବନ୍ତି। ଏ ବିଶ୍ୱ ବହୁତ ବଡ଼। ଜଣେ ବ୍ୟକ୍ତିଙ୍କ ପକ୍ଷରେ ସବୁ କିଛି ଜାଣିବା ବହୁତ କଷ୍ଟ। କିନ୍ତୁ ଭାରତରେ ଏମିତି କିଛି ଲୋକ ଅଛନ୍ତି, ଯେଉଁମାନେ ଭାବି ନେଇଛନ୍ତି ଯେ ସେମାନେ ସବୁ ବିଷୟରେ ଜାଣିଛନ୍ତି। ସେମାନେ ଭାବନ୍ତି ଯେ ସେମାନେ ଭଗବାନଙ୍କ ଠାରୁ ମଧ୍ୟ ଅଧିକ ଜାଣିଛନ୍ତି। ସେମାନେ ଭଗବାନଙ୍କ ସହ ବିସପାରିବେ ଓ କ'ଣ ସବୁ ଚାଲିଛି, ସେକଥା ମଧ୍ୟ ବୁଝାଇ ପାରିବେ। ହଁ, ଏହା ସତ ଯେ ଆମ ପ୍ରଧାନମନ୍ତ୍ରୀ ସେଭଳି ଜଣେ ନମୁନା। ଆପଣ ଯଦି ମୋଦିଜୀଙ୍କୁ ଭଗବାନଙ୍କ ସହ ବସାଇ ଦେବେ, ତା'ହେଲେ ସେ ଭଗବାନଙ୍କୁ ମଧ୍ୟ ବ୍ରହ୍ମାଣ୍ଡ କେମିତି କାମ କରୁଛି, ସେକଥା ବୁଝାଇବା ଆରମ୍ଭ



କରିଦେବେ। ଏହା ଶୁଣି ଭଗବାନ ମଧ୍ୟ ସେ କ'ଣ ସବୁ ସୃଷ୍ଟି କରିଛନ୍ତି, ତା'କୁ ନେଇ ଦ୍ୱନ୍ଦ୍ୱରେ ପଡ଼ିବେ। ସେମାନେ ଭାବୁଛନ୍ତି ଯେ ସେମାନେ ଐତିହାସିକଙ୍କୁ ଇତିହାସ, ବୈଜ୍ଞାନିକଙ୍କୁ ବିଜ୍ଞାନ ଓ ସେନାକୁ ଯୁଦ୍ଧ ବିଷୟରେ ପାଠପଢ଼ାଇ ପାରିବେ। କିନ୍ତୁ ଏହା ସବୁ ଅଳ୍ପଜ୍ଞାନ। ସେମାନେ ଶୁଣିବାକୁ ପ୍ରସ୍ତୁତ ନାହାନ୍ତି।" ତେବେ ରାହୁଲ ଗାନ୍ଧିଙ୍କ ଏପରି ବୟାନକୁ ବିଜେପି ତୀବ୍ର ସମାଲୋଚନା କରିଛି। କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ଦାବି କରିଛନ୍ତି ଯେ କଂଗ୍ରେସ ନେତା ରାହୁଲ ଗାନ୍ଧି ନିଜର ବିଦେଶ ଗସ୍ତ ସମୟରେ ଭାରତକୁ ଅପମାନିତ କରିଛନ୍ତି। ସେ କହିଛନ୍ତି, "ନିଜର ବିଦେଶ ଗସ୍ତ ସମୟରେ ରାହୁଲ ଗାନ୍ଧି ଭାରତକୁ ଅପମାନିତ କରିଛନ୍ତି। ଏହା ଆଦୌ ଗ୍ରହଣୀୟ ନୁହେଁ। ସେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଅପମାନିତ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଭାରତକୁ ଅପମାନିତ କରିଛନ୍ତି। ସେ ଭାରତର ବିକାଶଧାରା ଉପରେ ପ୍ରଶ୍ନ ଉଠାଇଛନ୍ତି। ପୂରା ବିଶ୍ୱ ଆମର ଅଭିବୃଦ୍ଧିକୁ ସାବାସି ଦେଉଥିବା ବେଳେ ରାହୁଲ ଗାନ୍ଧି ଭାରତର ଛବିକୁ ଖରାପ କରିବାକୁ ଚେଷ୍ଟା କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ବିଶ୍ୱର ୨୪ ଜଣ ସାଂସଦ ଓ ରାଷ୍ଟ୍ରପତିଙ୍କୁ ଭେଟିବା ସହ ବିଦେଶ ଗସ୍ତ ସମୟରେ ୫୦ରୁ ଅଧିକ ବୈଠକ କରିଛନ୍ତି। ଅନେକ ବିଶ୍ୱସ୍ତରୀୟ ନେତା ମୋଦିଙ୍କୁ ସବୁଠାରୁ ଲୋକପ୍ରିୟ ନେତା ବୋଲି କହିଛନ୍ତି।"

## ୨୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୩୧/୦୫ (ନି.ପ୍ର): ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ କାଳବୈଶାଖୀ ଜନିତ ବର୍ଷା ଓ ଝଡ଼ ପବନର ସମ୍ଭାବନା ରହିଛି। ଆସନ୍ତା ୨୪ ଘଂଟା ମଧ୍ୟରେ ଓଡ଼ିଶାର କିଛି ଜିଲ୍ଲାରେ ଘଂଟା ପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିବା ସହ ବଜ୍ରପାତ, ଘଡ଼ଘଡ଼ି ସହ କାଳବୈଶାଖୀ ହେବାର ସମ୍ଭାବନା ରହିଛି । ଏଥିପାଇଁ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ୨୪ ଘଂଟା ଲାଗି ୨୦ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାଗୁଡିକ ହେଲା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, କେନ୍ଦୁଝର, ମୟୂରଭଞ୍ଜ, ଢ଼େଙ୍କାନାଳ, ଖୋର୍ଦ୍ଧା, ପୁରୀ , ନୟାଗଡ ,ଗଜପତି, ଗଞ୍ଜାମ, କନ୍ଧମାଳ, କୋରାପୁଟ, ରାୟଗଡ଼ା, ସୁନ୍ଦରଗଡ଼, ଦେବଗଡ଼ ଓଝାରସୁଗୁଡ଼ା। ସେହିପରି ଜୁନ୍ ୧ ତାରିଖରେ ପବନର ବେଗ ୩୦ରୁ ୪୦ କିମି ରହିବା ସହ ବଜ୍ରପାତ, ଘଡ଼ଘଡ଼ି ସହ କାଳବୈଶାଖୀ ହେବାର ସମ୍ଭାବନା ରହିଛି। ଏଥିପାଇଁ ଗଜପତି , ଗଂଜାମ, କନ୍ଧମାଳ, ରାୟଗଡା କୋରାପୁଟ, ଖୋର୍ଦ୍ଧା , କେନ୍ଦୁଝର , ନୟାଗଡ ଓ ମୟୁରଭଂଜ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି।

## ପାଇପ୍ ପଡି ଛାତ୍ରୀ ମୃତ୍ୟୁ ଘଟଣା
## ୨ ସହକାରୀ ଯନ୍ତ୍ରୀ ନିଲମ୍ବିତ



କଟକ/ଭୁବନେଶ୍ୱର, ୩୧/୦୫ (ନି.ପ୍ର): କଟକ ମହାନଗର ନିଗମ ଅନ୍ତର୍ଗତ କେଶରପୁର ଅଂଚଳରେ ନିର୍ମାଣାଧୀନ ବକ୍ସ ଡ୍ରେନ କାମରେ ନର୍ଦ୍ଦମା ପାଣି ନିଷ୍କାସନ ପାଇଁ ବ୍ୟବହାର ହେଉଥିବା ପାଇପ ତଳେ ଚାପି ହୋଇ ମଙ୍ଗଳବାର ଅପରାହ୍ନରେ ନାବାଳିକା ମୃତ୍ୟୁ ଘଟିଥିଲା। ଏହି ଘଟଣାରେ କର୍ତବ୍ୟରେ ଅବହେଳା ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ବୁଧବାର ସହକାରୀ ଯନ୍ତ୍ରୀ ସଂଜୀବ ପ୍ରଧାନ ଓ ଦିଲୀପ ସାହୁଙ୍କୁ ନିଲମ୍ବନ କରିଛି। ଏନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆଦେଶନାମା ଜାରି ହୋଇଛି। ଅପରପକ୍ଷରେ ମୃତ ନାବାଳିକାର ପରିବାରକୁ ୧୦ ଲକ୍ଷ ଟଙ୍କା। ମିଳିବ ବୋଲି କଟକ ମେୟର ସୁବାସ ସିଂହ ସୂଚନା ଦେଇଛନ୍ତି। ଏଥିସହ ସେ କହିଛନ୍ତି, ଜାଇକା କାମ ହେଉଥିବା ସ୍ଥାନମାନଙ୍କରେ ସୂଚନା ଫଳକ ଲଗାଇବା ଓ କେହି ଯେପରି ଆହତ ନ ହେବେ ସେଥିପାଇଁ କାମ ଚାଲିଥିବା ସ୍ଥାନ ଚାରିପଟେ ବ୍ୟାରିକେଡ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

▶▶ପୃଷ୍ଠା ୭

## ଜେଲରେ କେହି ବିଳାସରେ ରହିପାରିବେନି : ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୩୧/୦୫ :ସୁପ୍ରିମକୋର୍ଟ ମଙ୍ଗଳବାର ଦିନ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇ କହିଛନ୍ତି ଯେ ଜେଲ୍‌ରେ କେହି ବିଳାସରେ ରହିପାରିବେନି କିମ୍ବା ବିଳାସ ପାଇପାରିବେନି। ଜେଲ୍‌ରେ ବିଳାସ ଆଶା କରିବା ଅସମ୍ଭବ ଏବଂ ଅଯଥାର୍ଥ ବୋଲି କୋର୍ଟ କହିଛନ୍ତି। ଏକ ଆର୍ଥିକ ଅନିୟମିତତା ମାମଲାରେ ଅସ୍ଥାୟୀ ଜାମିନ ଚାହିଁଥିବା ହର୍ଷ ଦେବ ଠାକୁରଙ୍କ ଆବେଦନର ଶୁଣାଣି କରି ଆଜି ଜଷ୍ଟିସ ବେଲା ତ୍ରିବେଦୀଙ୍କ ଖଣ୍ଡପୀଠ ଏହି ଟିପ୍ପଣୀ ଦେଇଛନ୍ତି। ଆବେଦନକାରୀଙ୍କ ଓକିଲ କୋର୍ଟରେ ତାଙ୍କ ମହକିଲଙ୍କୁ ଆଶ୍ୱସ୍ତି ଦେବାପାଇଁ ଦାବି କରିଥିଲେ। ଓକିଲ ଜଣଙ୍କ କହିଥିଲେ ତାଙ୍କ ମହକିଲ ହର୍ଷ ଦେବ ଠାକୁର ଜେଲ୍‌ରେ ବିଳାସରେ ନାହାନ୍ତି। ତେଣୁ ସେ ତାଙ୍କ ମହକିଲଙ୍କ ପାଇଁ ଜାମିନ ଚାହିଁଥିଲେ। ମାମଲାର ବିଚାରଣା ଶେଷ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରିବାପାଇଁ ଆବେଦନକାରୀ ଅନୁରୋଧ କରିଥିଲେ। କିନ୍ତୁ କୋର୍ଟ ଏହି ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିବା ସହ କହିଛନ୍ତି ଯେ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରିହେବନି।

## ପ୍ରକାଶିତ ହେଲା ଯୁକ୍ତ ଦୁଇ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ

### ବିଜ୍ଞାନରେ ୮୪.୯୩ ଓ ବାଣିଜ୍ୟରେ ପାସ୍ ହାର ୮୧.୧୨ ପ୍ରତିଶତ

ଭୁବନେଶ୍ୱର, ୩୧/୦୫ (ନି.ପ୍ର): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ (ଯୁକ୍ତ୨) ବିଜ୍ଞାନ ଓ ବାଣିଜ୍ୟ ବିଭାଗ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ଚଳିତ ଥର ବିଜ୍ଞାନରେ ପାସ୍ ହାର ୮୪.୯୩ ପ୍ରତିଶତ ରହିଥିବା ବେଳେ ବାଣିଜ୍ୟରେ ପାସ୍ ହାର ୮୧.୧୨ ପ୍ରତିଶତ ରହିଛି । ବୁଧବାର ପୂର୍ବାହ୍ନ ୧୧ଟାରେ ଭୁବନେଶ୍ୱରସ୍ଥିତ ପରିଷଦର ମୁଖ୍ୟାଳୟରେ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଓ ବିଭାଗୀୟ ସଚିବ ଅଶ୍ୱଥୀ ଏସ୍ ପରୀକ୍ଷା ଫଳ ପୁସ୍ତିକାକୁ ଉନ୍ମୋଚନ କରିଛନ୍ତି । ଚଳିତ ବର୍ଷ ବିଜ୍ଞାନରେ ପରୀକ୍ଷା ଦେଇଥିଲେ ୯୩,୭୩୪ ଛାତ୍ରଛାତ୍ରୀ । ସେଥିମଧ୍ୟରୁ ୭୮,୯୩୮ଜଣ ପାସ୍ କରିଛନ୍ତି। ଏମାନଙ୍କ ଭିତରୁ ପ୍ରଥମ ଶ୍ରେଣୀରେ ୩୯,୫୭୩ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇ ଥିବା ବେଳେ



ଦ୍ୱିତୀୟ ଶ୍ରେଣୀରେ ୨୪,୨୫୭ ଓ ତୃତୀୟ ଶ୍ରେଣୀରେ ୧୪,୮୫୨ ଜଣ ପାସ କରିଛନ୍ତି। ପୁଅଙ୍କ ପାସ ହାର -୮୪.୨୮ ରହିଥିବା ବେଳେ ଝିଅଙ୍କ ପାସ ହାର ୮୫.୬୭ ପ୍ରତିଶତ ରହିଛି । ସେହିପରି ବାଣିଜ୍ୟରେ ମୋଟ୍ ୨୪,୦୮୨ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ଭିତରୁ ୧୯,୫୩୬ ଜଣ ପାସ୍ କରିଛନ୍ତି। ପୁଅଙ୍କ ପାସ ହାର ୭୯.୫୨ ରହିଥିବା ବେଳେ ଝିଅଙ୍କ ପାସ ହାର ୮୩. ୮୭ ପ୍ରତିଶତ ରହିଛି । କଳା ଓ ଧନ୍ଦାମୂଳକ ପାଠ୍ୟକ୍ରମର ପରୀକ୍ଷା ଫଳ ଜୁନ୍ ୮ ସୁଦ୍ଧା ପ୍ରକାଶ କରିବାକୁ ଲକ୍ଷ୍ୟ ରଖାଯାଇଥିବା ପରିଷଦ ଅଧ୍ୟକ୍ଷ ଅଶ୍ୱିନୀ କୁମାର ମିଶ୍ର ସୂଚନା ଦେଇଛନ୍ତି।

▶▶ପୃଷ୍ଠା ୭

## ଅଭୟକାନ୍ତ ପାଠକଙ୍କ ୬୬ ଲକ୍ଷ ଟଙ୍କାର ସମ୍ପତି ଆଟାଚ୍ କଲା ଇଡି

ଭୁବନେଶ୍ୱର , ୩୧/୦୫ (ନି.ପ୍ର): ପୂର୍ବତନ ଆଇଏଫଏସ୍ ଅଧିକାରୀ ଅଭୟକାନ୍ତ ପାଠକଙ୍କ ୬୬ ଲକ୍ଷ ଟଙ୍କାର ସଂପତି ଆଟାଚ୍ କରିଛି ପ୍ରବର୍ତନ ନିର୍ଦ୍ଦେଶାଳୟ (ଇଡି)। ପ୍ରିଭେନସନ୍ ଅଫ୍ ମନିଲଣ୍ଡରିଂ ଆଇନ୍ ବଳରେ ଇଡି ଅଭୟ ପାଠକଙ୍କ ସମ୍ପତି ଆଟାଚ୍ କରିଛି। ଆୟବହିର୍ଭୂତ ସଂପତି ଓ ଚାକିରି କରାଇ ଦେବା ନାଁରେ ଅର୍ଥ କାରବାର ମାମଲାର ତଦନ୍ତ ଏବେବି ଜାରି ରଖିଛି ଇଡି।

# ଓଡ଼ିଶା ଆସିବେ ମୋଦି ଓ ଶାହ

ନୂଆଦିଲ୍ଲୀ,୩୧/୦୫ : କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରର ୯ବର୍ଷ ପୂର୍ତ୍ତି ଅବସରରେ ଆଜିଠୁ ବିଜେପିର ଓଡ଼ିଶା ସମେତ ଦେଶବ୍ୟାପୀ 'ମହା ଜନସମ୍ପର୍କ ଅଭିଯାନ' ଆରମ୍ଭ ହୋଇଛି । ଜୁନ୍ ୩୦ତାରିଖ ପର୍ଯ୍ୟନ୍ତ ଏକମାସ ଧରି ଏହି ଜନସମ୍ପର୍କ ଯାତ୍ରାରେ ରାଜ୍ୟର ପ୍ରାୟ ୩କୋଟି ଲୋକଙ୍କ ପାଖରେ ପହଂଚିବାକୁ ରାଜ୍ୟ ବିଜେପି ଲକ୍ଷ୍ୟ ରଖିଛି। ଏହି ଜନସମ୍ପର୍କ ମହାଯାତ୍ରାରେ ଓଡ଼ିଶାରେ ୪ଟି ବୃହତ୍ ଜନସଭା ହେବ । ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପ୍ରମୁଖ ଯୋଗ ଦେବେ ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ସୂଚନା ଦେଇଛନ୍ତି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ସାମଲ



କହିଛନ୍ତି ଯେ, ରାଜ୍ୟରେ ଡବଲ ଇଞ୍ଜିନର ସରକାର ଗଠନ ପାଇଁ ଦଳର ୩୭,୬୦୬ ବୁଥର ୫ ଲକ୍ଷ କର୍ମକର୍ତ୍ତା ରାଜ୍ୟର ୧ କୋଟି ପରିବାରକୁ ଭେଟି ମୋଦି ସରକାରଙ୍କ ୯ବର୍ଷର ସଫଳତା ବିଷୟରେ ଆଲୋଚନା କରିବେ। ଗତ ୯ ବର୍ଷ ହେଉଛି ଭାରତବର୍ଷ ପାଇଁ 'ନବନିର୍ମାଣ' ଏବଂ 'ଗରିବକଲ୍ୟାଣ' ର ୯ବର୍ଷ। ଏକବିଂଶ ଶତାବ୍ଦୀ ହେଉଛି ଭାରତବର୍ଷର ବୋଲି ଆଜି ସମଗ୍ର ବିଶ୍ୱ କହୁଛି। ଗତ ୯ ବର୍ଷ ଭିତରେ ଭାରତବର୍ଷ ଗୋଟିଏ ନିର୍ଦ୍ଦିଷ୍ଟ ଦଳର 'ଆମ ପରିବାର, ଆମ ବିକାଶ' କୁ ପରିତ୍ୟାଗ କରି 'ସବକା ସାଥ, ସବକା ବିକାଶ'ର କାହାଣୀ ଲେଖିଛି। 'ଜାତିବାଦ', 'ପରିବାରବାଦ', 'ଭ୍ରଷ୍ଟାଚାର' ଏବଂ 'ତୁଷ୍ଟିକରଣ'ର ରାଜନୀତିକୁ ଅନ୍ତ କରି 'ବିକାଶବାଦ୍ ରାଜନୀତି'ର ପ୍ରତିଷ୍ଠା କରିବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସକ୍ଷମ ହୋଇଛନ୍ତି। ତେଣୁ ମୋଦି ସରକାରଙ୍କ ସେବା, ସୁଶାସନ ଓ ଗରିବକଲ୍ୟାଣର ଗତ ୯ ବର୍ଷର ସଫଳତାକୁ ପ୍ରତ୍ୟେକ ଘରେ ଘରେ ପହଂଚାଇବା ପାଇଁ ବିଜେପି ରାଷ୍ଟ୍ରୀୟ ସଭାପତି ଜଗତ୍ ପ୍ରକାଶ ନଡ୍ଡାଙ୍କ ନିର୍ଦ୍ଦେଶରେ ଆଜି ମେ ୩୧ ରୁ ଆସନ୍ତା ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଏକ ମାସ ବ୍ୟାପୀ 'ମହା ଜନସଂପର୍କ ଅଭିଯାନ'ର ଶୁଭାରମ୍ଭ ହୋଇଛି । ପ୍ରଧାନମନ୍ତ୍ରୀ ମୋଦି ଆଜି ରାଜସ୍ଥାନର ଆଜମେରଠାରେ ମହାର୍ୟାଲି କରି ଏହି ଅଭିଯାନର ଶୁଭାରମ୍ଭ କରିଛନ୍ତି। ଆଗାମୀ ୧ ମାସରେ ସମଗ୍ର ଦେଶରେ ଏହି ଭଳି ୫୧ ଟି ମହାର୍ୟାଲିର ଆୟୋଜନ କରାଯିବ। କେନ୍ଦ୍ରର ଶୀର୍ଷ ନେତୃତ୍ୱ ଏହି ଅଭିଯାନରେ ସାମିଲ ହେବେ। ଏହି କ୍ରମରେ ଓଡ଼ିଶାରେ ୪ ଟି ମହା ଜନସଭା ହେବ ଓ ଏଥିରେ ପ୍ରଧାନମନ୍ତ୍ରୀ

▶▶ପୃଷ୍ଠା ୭

## ଗେହଲଟଙ୍କ ବଡ଼ ଘୋଷଣା: ଘର ପିଛା ମିଳିବ ଶହେ ୟୁନିଟ ମାଗଣା ବିଜୁଳି

ନୂଆଦିଲ୍ଲୀ,୩୧/୦୫ : ଆସନ୍ତା ବର୍ଷ ହେବାକୁ ଯାଉଛି ବିଧାନସଭା ନିର୍ବାଚନ । ଏହି ନିର୍ବାଚନ ବୈତରଣୀ ପାର ହେବାକୁ ଅଣ୍ଟା ଭିଡିଲେଣି ରାଜସ୍ଥାନରେ କ୍ଷମତାସୀନ କଂଗ୍ରେସ ସରକାର। ରାଜ୍ୟବାସୀଙ୍କୁ ମାସକୁ ଶହେ, ଦୁଇ ଶହ ୟୁନିଟ ମାଗଣା ବିଜୁଳି ଘୋଷଣା କରି ଆପ୍ ଓ କଂଗ୍ରେସ୍ ଦିଲ୍ଲୀ ଓ କର୍ଣ୍ଣାଟକାରେ ବହୁମତ ହାସଲ କରିଥିବା ବେଳେ ଏବେ ଏହି ଫର୍ମୁଲା ଧରିଛନ୍ତି ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ । ଜୁନ୍ ୧ରୁ ଘର ପିଛା ଶହେ ୟୁନିଟ୍ ଲେଖା ମାଗଣା ବିଦ୍ୟୁତ୍ ଦେବାକୁ ସେ ଘୋଷଣା କରିଛନ୍ତି। ଏହାଦ୍ୱାରା ପ୍ରାୟ କୋଟିଏ ଘରୋଇ ବିଦ୍ୟୁତ୍ ଉପଭୋକ୍ତା ଉପକୃତ ହେବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ଏଥି ବିଲ୍ ରାଜ୍ୟ ବଜେଟରେ ପାସ୍ ହେବା ପରେ ଆଇନ୍‌ର ପରିଣତ ହେବ । ଏହି



ସ୍କିମ ପାଇଁ ଗେହଲଟ ସରକାରଙ୍କୁ ୫,୨୦୦ କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ ଉଠାଇବାକୁ ପଡ଼ିବ । ରାଜ୍ୟ ସରକାର ପୂର୍ବରୁ ଦେଉଥିବା ସବସିଡିର ପରିମାଣ ୩ଶହ କୋଟିରୁ ୭୫୦ କୋଟି ହୋଇଥିବା ବେଳେ ଏବେ ଯେଉଁ ଫ୍ରି ଦିଆଯିବ ତାକୁ ମିଶାଇଲେ ରାଜ୍ୟ ସରକାରଙ୍କ ଉପରେ ସମୁଦାୟ ୭ ହଜାର କୋଟିର ଅତିରିକ୍ତ ବୋଝ ପଡ଼ିବ । ରାଜ୍ୟରେ ସମୁଦାୟ ଘରୋଇ ବିଦ୍ୟୁତ୍ ଉପଭୋକ୍ତାଙ୍କ ସଂଖ୍ୟା ୧.୨୪ କୋଟି ରହିଛି। ସେମାନଙ୍କ ମଧ୍ୟରୁ ୧.୦୪ କୋଟି ମାସକୁ ଶହେ ୟୁନିଟ୍‌ରୁ କମ୍ ବିଦ୍ୟୁତ୍ ଖର୍ଚ୍ଚ କରୁଛନ୍ତି। ଜଣେ ବ୍ୟକ୍ତି ଗୋଟିଏରୁ ଅଧିକ ବିଦ୍ୟୁତ୍ ସଂଯୋଗ ନେବାକୁ ଅନୁମତି ପାଇଥିଲେ ସେମାନଙ୍କ ଆଧାର କାର୍ଡ ଯାଞ୍ଚ କରାଯିବ । ଯଦି ଏକ ପରିବାରର ଅଧିକ ସଂଖ୍ୟକ ବ୍ୟକ୍ତି ନିଜ ଆଧାର କାର୍ଡ ହିସାବରେ ଅଧିକ ସଂଯୋଗ ମାଗନ୍ତି, ତେବେ ସେମାନେ ତାହା ପାଇପାରିବେ ବୋଲି ଜଣେ ଅଧିକାରୀ କହିଛନ୍ତି ।

▶▶ପୃଷ୍ଠା ୭

# ଜିଲ୍ଲାରେ ଫାଇଲେରିଆ ରୋଗର ନିୟନ୍ତ୍ରଣ ଓ ନିରାକରଣ ନିମନ୍ତେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ୧୦ ଅଗଷ୍ଟରୁ ୧୯ ଅଗଷ୍ଟ ପର୍ଯ୍ୟନ୍ତ

ସୁବର୍ଣ୍ଣପୁର, ୩୧/୦୫ (ନି.ପ୍ର): ଜିଲ୍ଲାରେ ଫାଇଲେରିଆ ରୋଗର ନିୟନ୍ତ୍ରଣ ଓ ନିରାକରଣ ନିମନ୍ତେ ସୁବର୍ଣ୍ଣପୁର ଜିଲ୍ଲାରେ ଅଗଷ୍ଟ ୧୦ ରୁ ୧୯ ଅଗଷ୍ଟ ପର୍ଯ୍ୟନ୍ତ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ କରାଯିବ। ଆଶା ଓ ଅଙ୍ଗନବାଡି କର୍ମୀ ମାନେ ଏହି ଦିନ ମାନଙ୍କରେ ଘରକୁ ଘର ଯାଇ ଫାଇଲେରିଆ ରୋଗ ଉପରେ ସଚେତନତା ସୃଷ୍ଟି କରିବା ସହ ବୟସ ଅନୁସାରେ ଫାଇଲେରିଆ ନିରାକରଣ ନିମନ୍ତେ ଉଦ୍ଦିଷ୍ଟ ଔଷଧ ଆଲବେଣ୍ଡାଜଲ, ଡି.ଇ.ସି ଓ ଆଇବରମେକଟିନ ଟ୍ୟାବଲେଟ ଖୁଆଇବେ। ଏହି ଔଷଧ ସମ୍ପୂର୍ଣ୍ଣ ନିରାପଦ ଥିବା ଏବଂ ପେଟପୁରା ଖାଦ୍ୟ ଖାଇବା ପରେ ଔଷଧ ସେବନ କରିବା ନିମନ୍ତେ ବୈଠକରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡ଼ଃ. ବିଶ୍ୱ ରଞ୍ଜନ ପତି ବୈଠକରେ ସୂଚନା ଦେବାସହ ବୈଠକର ତାତ୍ପର୍ଯ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଔଷଧ ୨ ବର୍ଷରୁ କମ ବୟସର ଶିଶୁ, ଗର୍ଭବତୀ ମହିଳା କିମ୍ବା ଅତିଶୟ ଗୁରୁତର ରୋଗରେ ଶଯ୍ୟାଶାୟୀ ପୀଡିତଙ୍କ ବ୍ୟତୀତ ଅନ୍ୟ ସମସ୍ତଙ୍କୁ ସେବନ କରାଯିବ। ଆମ ଜିଲ୍ଲାରେ ଗତ ବର୍ଷ ଫାଇଲେରିଆ ସର୍ବେକ୍ଷଣରେ ଜିଲ୍ଲାର ୬୯ ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡିଥିଲା, ମାତ୍ର ଗତବର୍ଷ ସାମୁହିକ ଔଷଧ ସେବନ ପରେ ଏହି ରୋଗରେ ଆକ୍ରାନ୍ତଙ୍କ ସଂଖ୍ୟା ଯଥେଷ୍ଟ କମ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି। କ୍ୟୁଲେକ୍ସ ମଶା ଏହି ରୋଗର ବାହକ ଥିବାବେଳେ ସମସ୍ୟା ଏହା କି ଏହି ରୋଗ ସଂକ୍ରମଣ ହେବାର ଅନେକ ବର୍ଷ ପରେ ଯାଇ ହାଇଡ୍ରୋସିଲ ଓ ଗୋଦରଗୋଡ଼ ଆଦି ଲକ୍ଷଣ ରୂପରେ ପ୍ରକାଶ ପାଇଥାଏ। ବୈଠକରେ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ ଅଧକ୍ଷତା କରି ଏହି ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମକୁ ସଫଳ ଓ ସୁନିଶ୍ଚିତ କରିବା ନିମନ୍ତେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର ସମ୍ପୃକ୍ତ ଅଧିକାରୀଙ୍କୁ ପରାମର୍ଶ ଦେବାସହ କୌଣସି ଯୋଗ୍ୟ ବ୍ୟକ୍ତି ଯେପରି ବାଦ ନ ପଡ଼ନ୍ତି ସେଥିପ୍ରତି ବିଶେଷ ଯତ୍ନବାନ ହେବା ଏବଂ ସାମୁହିକ ଔଷଧ ସେବନର ନିର୍ଦ୍ଧାରିତ ୫ ବର୍ଷ ଅବଧି ମଧ୍ୟରେ ଜିଲ୍ଲାରୁ ଏହି ରୋଗର ମୁଳୋତ୍ପାଟନ ଉପରେ କାର୍ଯ୍ୟ କରିବାକୁ ଗୁରୁତ୍ୱାରୋପ କରିଛନ୍ତି। ସେ ଆହୁରି ମଧ କହିଛନ୍ତି ଯେ, ଜିଲ୍ଲାର ପ୍ରତ୍ୟେକ ବିଭାଗ ସମନ୍ୱୟ ପୂର୍ବକ କାର୍ଯ୍ୟକ୍ରମରେ ସାମିଲ ହେବାସହ ଜିଲ୍ଲାକୁ ଆଗାମୀ ଦିନରେ ଫ୍ୟାଲେରିଆ ମୁକ୍ତ କରିବାକୁ ଯତ୍ନବାନ ହେବାକୁ ଆହ୍ୱାନ କରିଛନ୍ତି। ଜିଲ୍ଲାର ସମସ୍ତ ଗ୍ରାମ ଓ ସହରାଂଚଳର ଜନବସତିର ସମସ୍ତ ଯୋଗ୍ୟ ଲୋକଙ୍କୁ ଔଷଧ ସେବନ କରାଯିବ। କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରରେ ଘରକୁ ଘର ଯାଇ ଔଷଧ ସେବନ କରିବା ନିମନ୍ତେ ୨୫୮୪ ଜଣ ଔଷଧ ସେବନ କର୍ମୀ ନିୟୋଜିତ କରାଯାଇଛି। ପୁନଶ୍ଚ କାର୍ଯ୍ୟକୁ ସୁନିଶ୍ଚିତ ଓ ତଦାରଖ କରିବା ନିମନ୍ତେ ୨୬୩ ଜଣ ସୁପରଭାଇଜରଙ୍କୁ ନିୟୋଜିତ କରାଯାଇଥିବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି। ଏଥି ନିମନ୍ତେ ସରକାରଙ୍କ ତରଫରୁ ଆବଶ୍ୟକ ଡିଇସି ଟ୍ୟାବଲେଟ, ଆଲବେନ୍ଡାଜଲ, ଆଇଭରମେକ୍ଟିନ ଟ୍ୟାବଲେଟ ଜିଲ୍ଲାକୁ ଆସିବାକୁ ଥିବା ବୈଠକରେ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ ଏବଂ ବ୍ୟବସ୍ଥିତ ସହ ସୁପରିଚାଳନା କରିବା ନିମନ୍ତେ ସେକ୍ଟର ଲେବେଲ, ବ୍ଲକ ଲେବେଲ ଓ ମୁନିସିପାଲିଟି ଲେବେଲରେ ରେପିଡ ରେସପନ୍ସ ଟିମ ଗଠନ କରାଯାଇ ଦାଇତ୍ୱ ଦିଆଯିବା ଉପରେ ସୂଚନା ଦେଇଛନ୍ତି ବିଭାଗୀୟ ଅଧିକାରୀ। କାର୍ଯ୍ୟକ୍ରମକୁ ସୁରୁଖୁରୁରେ ସମାପନ କରିବା ନିମନ୍ତେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସଦସ୍ୟ ଡ଼ଃ. ନିଶିଥ ଦାଶ ଏବଂ ରାଜ୍ୟ ଏନିମୋଲୋଜିଷ୍ଟ ଦିପ୍ତୀ ମହାପାତ୍ର ପ୍ରମୁଖ ଯୋଗଦାନ କରି ସ୍ୱାସ୍ଥ୍ୟ ସଂଗଠନ ସମସ୍ତ ପ୍ରକାର ସହଯୋଗର ହାତ ବଢ଼ାଇ ଥିବା ସୂଚନା ପ୍ରଦାନ କରି ଜିଲ୍ଲାରେ ଫେଲେରିଆର ସ୍ଥିତି, ଅବସ୍ଥିତି ଓ ତାର ନିରାକରଣ ନିମନ୍ତେ ନିଆଯିବାକୁ ଥିବା ବ୍ୟବସ୍ଥା ସମ୍ପର୍କରେ ପାୱାର ପ୍ରେଜେଂଟେସନ ଦ୍ୱାରା ତଥ୍ୟ ଭିତିକ ଆଲୋଚନା କରି ସମସ୍ତ ବିଭାଗର ସହଯୋଗ କାମନା କରିଥିଲେ। ଆଜିର ଏହି ପ୍ରଥମ ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଥିବା ବେଳେ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ ଅଧକ୍ଷତା କରିଥିଲେ। ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା, ସିଡିଓ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ନିହାର ରଞ୍ଜନ କଁହର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଭି.ଭି.ଡି. ଡ଼ଃ. ରମେଶ ଚନ୍ଦ୍ର ସ୍ୱାଇଁ, ଡିପିଏଚଓ, ଜିଲ୍ଲା ଟିବି ଅଧିକାରୀ ପଦ୍ମହଂସ ଦୋରା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଡିପିଏମଏନଏଚଏମ ବିଶ୍ୱମ୍ବର ବେହେରା, ଭେକଟର ବାହିତ ରୋଗ ପରାମର୍ଶଦାତା ଚନ୍ଦ୍ରଶେଖର ମିଶ୍ର, ଯବ କୀମସନ ପଧାନ, ଜିଲ୍ଲା ସଂଯୋଜକ ଫ୍ୟାଲେରିଆ କାର୍ଯ୍ୟକ୍ରମ ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ସୁବର୍ଣ୍ଣପୁର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବ୍ରହ୍ମକ୍ଷେତ୍ର ଘୋଷଯାତ୍ରା ପାଇଁ ପ୍ରଶାସନିକ ପ୍ରସ୍ତୁତି : ରଥଟଣା ବେଳେ ରଥ ଉପରେ ୨୦ ଜଣ ରହିବାକୁ ନିଷ୍ପତି

ସାଲେପୁର, ୩୧/୦୫ (ନି.ପ୍ର): ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ବ୍ରହ୍ମକ୍ଷେତ୍ର ପୀଠ ଶ୍ରୀ ଶ୍ରୀ ବଳଦେବଜୀଉଙ୍କର ଶ୍ରୀଗୁଣ୍ଡିଚା ଯାତ୍ରା ଜୁନ୍ ୨୦ ତାରିଖରେ ଅନୁଷ୍ଠିତ ହେବ । ଏହା ପୂର୍ବରୁ ନବଯୌବନ ଦର୍ଶନ ଓ ନେତ୍ରୋତ୍ସବ ମଧ ପାରମ୍ପରିକ ରୀତିରେ ପାଳନ କରାଯିବ । ଚଳିତ ବର୍ଷ ଘୋଷ ଯାତ୍ରାକୁ ସରସ, ସୁନ୍ଦର ଓ ଶୃଙ୍ଖଳିତ କରିବା ପାଇଁ ସୋମବାର ପୂର୍ବାହ୍ନରେ ମନ୍ଦିର ପରିସରରେ ଏକ ପ୍ରଶାସନିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ତହସିଲଦାର ଦିଲ୍ଲୀପ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ବଳଦେବଜୀଉ ମନ୍ଦିର ମ୍ୟାନେଜିଂ ବୋର୍ଡର ଟ୍ରଷ୍ଟୀ ଧୀରେନ୍ଦ୍ରନାଥ ବେହେରାଙ୍କ ପୌରୋହିତ୍ୟରେ ଏଥିରେ ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ନୟନା ମଲ୍ଲିକ, ସ୍ୱାସ୍ଥ୍ୟକର୍ମୀ ସୁବ୍ରତ କୁମାର ସେଠୀଙ୍କ ସମେତ ବିଭିନ୍ନ ଲାଇନ ବିଭାଗର ଅଧିକାରୀ, ଶ୍ରୀଜୀଉଙ୍କର ନାଜିମନ୍ତ, ପଣ୍ଡାପଡିହାରୀ ଓ ରଥ ନିର୍ମାଣ କରୁଥିବା କାରିଗରମାନେ ଯୋଗଦେଇ ଶୃଙ୍ଖଳିତ ଯାତ୍ରାର ବିଭିନ୍ନ ଦିଗ ସଂକ୍ରାନ୍ତରେ ଆଲୋଚନା କରିଥିଲେ । ବିଶେଷକରି ଚଳିତ ବର୍ଷ ୧୫ ତାରିଖ ମଧ୍ୟରେ ରଥ ନିର୍ମାଣ କାର୍ଯ୍ୟ ଶେଷ କରିବା, ରଥ ଦାଣ୍ଡରେ ଯାଇଥିବା ବିଦ୍ୟୁତ ଖୁଂଟ ଓ ତାରକୁ ଉଠାଇ କେବୁଲ ଦ୍ୱାରା ଭୂଇଁତଳେ ନେଇ ସଂଯୋଗ ଦେବା, ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ଯାତ୍ରୀମାନଙ୍କର ସୁବିଧା ପାଇଁ ଏକ ନଳକୂପ ଖୋଳିବା, ରଥଦାଣ୍ଡକୁ ଯଥାଶୀଘ୍ର ପରିଷ୍କାର ପରିଚ୍ଛନ୍ନ କରିବା, ରଥଯାତ୍ରାର ୯ ଦିନ ସ୍ଥାନୀୟ ବଜାରରେ ଆମିଷ ଦ୍ରବ୍ୟ ବିକ୍ରି ନିଷେଧ କରିବା, ଯାତ୍ରୀମାନଙ୍କ ପାଇଁ ପାନୀୟ ଜଳ ଟ୍ୟାଙ୍କର ବ୍ୟବସ୍ଥା କରିବା, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରାଥମିକ ଚିକିତ୍ସା କରିବା ଏବଂ ଓ.ଆର.ଏସ୍. ଓ ବ୍ଲିଚିଂ ପର୍ଯ୍ୟାପ୍ତ ପରିମାଣରେ ଯୋଗାଇ ଦେବା, ଶୃଙ୍ଖଳା ରକ୍ଷା ପାଇଁ ଅଧିକ ସଂଖ୍ୟକ ପୋଲିସ ଫୋର୍ସ ନିୟୋଜିତ କରିବା ଆଦି ସଂକ୍ରାନ୍ତରେ ବିଶଦ୍ ଆଲୋଚନା କରାଯାଇଥିଲା । ସଂଧ୍ୟା ପୂର୍ବରୁ ଶ୍ରୀଗୁଣ୍ଡିଚା ମନ୍ଦିରରେ ରଥ ପହଂଚିବା ଏବଂ ରଥଟଣା ହେଲା ବେଳେ ରଥ ଉପରେ ୨୦ରୁ ଅଧିକ ଲୋକ ନରହିବା ଉପରେ ଗୁରୁତ୍ୱାରୋପ କରାଯାଇଛି । ଏହାଛଡା ରଥ ତିଆରି ପୂର୍ବରୁ ପ୍ରତ୍ୟେକ ବର୍ଷ ମ୍ୟାନେଜିଂ ଟ୍ରଷ୍ଟ ବୋର୍ଡ ପକ୍ଷରୁ ୧୫୦୦ ସିଫ୍ଟ ଶାଳୁଆକାଠ ଯୋଗାଇ ଦେବାକୁ ବାରମ୍ବାର ଅନୁରୋଧ କରାଯାଉଥିଲେ ମଧ ଏଥିପ୍ରତି କେହି କର୍ଣ୍ଣପାତ କରୁନଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା । ଏହି ବୈଠକରେ ଟ୍ରଷ୍ଟ ବୋର୍ଡର ସଭ୍ୟ ଚୌଧୁରୀ ଅଜୟ କୁମାର ନନ୍ଦ, ରାଜେନ୍ଦ୍ର ମୋହନ କର, ସରପଂଚ ପ୍ରତିନିଧି ଜ୍ଞାନରଂଜନ ରାଉତ, ବଳଦେବଜୀଉ ବ୍ୟବସାୟୀ ସଂଘର ସଭାପତି ସନ୍ତୋଷ ପ୍ରଧାନ, ଯୁବ ସ୍ୱେଚ୍ଛାସେବୀ ଦୀପକ ପରିଡା, ପ୍ରଫୁଲ୍ଲ କୁମାର ପଣ୍ଡା, ପ୍ରୀତିରଂଜନ ପଣ୍ଡା, କୃଷ୍ଣଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ଶ୍ରୀ ଜିଉଙ୍କ ତହସିଲଦାର ଅଚ୍ୟୁତାନନ୍ଦ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଥାନାଦ୍ୱାରୀ ଲାଗିବ ନୋଟିସ୍

ସାଲେପୁର, ୩୧/୦୫ (ନି.ପ୍ର): କମିଶନରେଟ୍ ପୁଲିସ ବ୍ୟବସ୍ଥାରେ ଏକାଧିକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ଦିନକୁ ଦିନ ନୂଆ ନିର୍ଦ୍ଦେଶାନାମାଗୁଡିକୁ କଡାକଡି ଭାବେ କାର୍ଯ୍ୟକାରୀ କରିବା ପାଇଁ ଉଚ୍ଚକର୍ତ୍ତୃପକ୍ଷ ପଦକ୍ଷେପ ନେଇଛନ୍ତି । ତେବେ ଗିରଫ ସମୟରେ ଥିବା ନିୟମାବଳୀକୁ ଥାନାଗୁଡିକ ପାଳନ କରୁନଥିବା ଅଭିଯୋଗ ହେବା ପରେ କମିଶନରଙ୍କ କାର୍ଯ୍ୟାଳୟରୁ ପ୍ରତ୍ୟେକ ଥାନାକୁ ତାଗିଦ କରାଯାଇଛି । ଗିରଫ ନିୟମାବଳୀ ସଂପର୍କୀତ ନୋଟିସ୍ କୁ ଥାନା କାନ୍ଥରେ ଲଗାଇବାକୁ କୁହାଯାଇଛି । କୌଣସି ଅଭିଯୁକ୍ତକୁ ଗିରଫ କରିବା ସମୟରେ ଯେଉଁ ନିୟମ ପୁଲିସ ପାଳନ କରିବା କଥା ତାହାକୁ କଡାକଡି ଭାବେ ପାଳନ କରିବାକୁ ଡିସିପି ପିନାକୀ ମିଶ୍ର ପ୍ରତ୍ୟେକ ଥାନାର ଆଇଆଇସି ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଯଦି କୌଣସି ଥାନା ଅଧିକାରୀ ଗିରଫ ସମୟରେ ରହିଥିବା ନିୟମାବଳୀକୁ ଉଲଘଂନ କରନ୍ତି ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିସିପି ଶ୍ରୀ ମିଶ୍ର କରିଛନ୍ତି ।

ପ୍ରକାଶ ଥାଉ କି, କୌଣସି ଅଭିଯୁକ୍ତକୁ ଗିରଫ କରିବାକୁ ଯାଇଥିବା ପୁଲିସ ଅଧିକାରୀ ସାଦା ପୋଷାକରେ ନଯାଇ ପୁଲିସ ପୋଷାକରେ ଯିବେ । ପୋଷାକ ଉପରେ ସଂପୃକ୍ତ ପୁଲିସ ଅଧିକାରୀଙ୍କ ନାମ ଓ ନମ୍ବର ରହିବା ଅପରିହାର୍ଯ୍ୟ । ପୁଲିସ ଗିରଫ କଲେ ଗିରଫ ତାରିଖ ଓ ସମୟ ଥିବା ଏକ 'ମେମୋ ଅଫ ଆରେଷ୍ଟ' ବା ଗିରଫ ତାଲିକା ପ୍ରସ୍ତୁତ କରିବେ । ଯେଉଁଥିରେ କି ଜଣେ ସାକ୍ଷୀ ଓ ଗିରଫ ବ୍ୟକ୍ତିଙ୍କ ସ୍ୱାକ୍ଷର ରହିବା ବାନ୍ଛନୀୟ । ବ୍ୟକ୍ତିଙ୍କ ଗିରଫଦାରୀ ଏବଂ ତାଙ୍କୁ ରଖାଯାଇଥିବା ଆବଦ୍ଧ ଘର ସଂପର୍କରେ ଗିରଫ ହୋଇଥିବା ବ୍ୟକ୍ତିଙ୍କ ବନ୍ଧୁ କିମ୍ବା ସମ୍ପର୍କୀୟଙ୍କୁ ଜଣାଇବା ଆବଶ୍ୟକ । ଗିରଫ ବ୍ୟକ୍ତିଙ୍କର ପରିବାର, ବନ୍ଧୁ କିମ୍ବା ସଂପର୍କୀୟମାନେ ଯଦି ଜିଲ୍ଲା ବାହାରେ ରହୁଥିବେ ସେମାନଙ୍କୁ ଗିରଫ ହେବାର ସମୟ, ତାରିଖ ଓ ରଖାଯାଇଥିବା ଘର(ହାଜତ) ବିଷୟରେ ସର୍ବନିମ୍ନ ୮ରୁ ସର୍ବାଧିକ ୧୨ ଘଂଟା ମଧ୍ୟରେ ଆଇନ ସହାୟତା ସଂସ୍ଥା ମାଧ୍ୟମରେ ଜଣାଇବା ଗୁରୁତ୍ୱପୂର୍ଣ୍ଣ । ପୁଲିସ ଅଧିକାରୀ ଅଭିଯୁକ୍ତଙ୍କୁ ଗିରଫ ସମୟରେ ଆବଶ୍ୟକସ୍ଥଳେ ଫୋନ୍ ବ୍ୟବହାର କରିବାର ସୁଯୋଗ ଦେଇପାରିବେ । ଗିରଫ ସମ୍ବନ୍ଧୀୟ ସୂଚନାର ଏକ ଲିଖିତ ତଥ୍ୟରେ ପରଦର୍ଶକ ଦାୟିତ୍ୱରେ ଥିବା ପୁଲିସ ଅଫିସରଙ୍କ ନାମ ଉଲ୍ଲେଖ ରହିବ । ଗିରଫ ହୋଇଥିବା ଅଭିଯୁକ୍ତଙ୍କ ସଂପର୍କୀୟ ଥାନାକୁ ଆସି ତାଙ୍କ ସମ୍ପର୍କୀୟଙ୍କ ସବିଶେଷ ତଥ୍ୟ ସେ ପୁଲିସ ଡାଏରୀରୁ ପଢି ଜାରିପାରିବେ । ଅନ୍ୟପକ୍ଷରେ ଗିରଫ ହୋଇଥିବା ଅଭିଯୁକ୍ତଙ୍କର ଡାକ୍ତରୀମାଇନା ଏବଂ ଆଘାତ ବିବରଣୀ ଥାନାରେ ଲିଖିତ ଭାବେ ରହିବ । ସେହି ବିବରଣୀରେ ଗିରଫ କରିଥିବା ପୁଲିସ ଏବଂ ଗିରଫ ହୋଇଥିବା ବ୍ୟକ୍ତିର ଦସ୍ତଖତ ସଂଲଗ୍ନ ଏକ ନକଲ ଗିରଫ ଅଭିଯୁକ୍ତ ବା ତାଙ୍କ ସମ୍ପର୍କୀୟଙ୍କୁ ପୁଲିସ ପ୍ରଦାନ କରିବେ । ଯଦି କୌଣସି ଅଭିଯୁକ୍ତ ଗିରଫ ହୋଇ କୋର୍ଟଚାଲାଣ ହୋଇନଥିବେ, ସେ କ୍ଷେତ୍ରରେ ୪୮ ଘଂଟା ମଧ୍ୟରେ ଥରେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ । ସମସ୍ତ ତଥ୍ୟ ସମ୍ବଳିତ ନକଲ ଅଦଲାତରେ ମାଜିଷ୍ଟ୍ରେଟ୍‌ଙ୍କ ପାଖରେ ପୁଲିସ ଉପସ୍ଥାପନ କରିବ । ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ଜେରା ସମୟରେ ତାଙ୍କ ଓକିଲଙ୍କୁ ଭେଟିବାର ସୁଯୋଗ ଦିଆଯିବ । ଏଥିରେ ପୁଲିସ ସହଯୋଗ କରିବ । ଏଭଳି ବିଭାଗୀୟ ନିର୍ଦ୍ଦେଶନାମା ଗିରଫ ହୋଇଥିବା ଅଭିଯୁକ୍ତଙ୍କ କ୍ଷେତ୍ରରେ ପାଳନ କରିବା ବାଧ୍ୟତାମୂଳକ । ହେଲେ କେତେକ ଥାନାରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି । ଏହାକୁ ଦୃଷ୍ଟିରେ ରଖି ଥାନା ଅଧିକାରୀମାନେ ଏହି ନିୟମକୁ କଡାକଡି ଭାବେ ପାଳନ କରିବାକୁ ଡିସିପିଙ୍କ କାର୍ଯ୍ୟାଳୟ ପକ୍ଷରୁ ନୋଟିସ୍ ଜାରି ହେବା ସହିତ ଚେତାଇ ଦିଆଯାଇଛି ।

# ବୈପାରିଗୁଡାରେ ଗୌଡ଼ ଗର୍ଜନ ସମାବେଶ

ଜୟପୁର , ୩୧/୦୫ (ନି.ପ୍ର): କୋରାପୁଟ ଜିଲ୍ଲା ବୈପାରିଗୁଡା ଠାରେ ଗୌଡ଼ ଗର୍ଜନ ସମାବେଶ ଅନୁଷ୍ଠିତ ହୋଇଯାଇଛି। ହଜାର ହଜାର ସଂଖ୍ୟାରେ ଗୌଡ଼ ସମାଜର ଲୋକ ବୈପାରିଗୁଡା ରାଜରାସ୍ତାରେ ବିଭିନ୍ନ ଦାବି ନେଇ ଗର୍ଜନ କରିଥିଲେ । ପ୍ରଥମେ ବିରଖମ୍ଭ ମନ୍ଦିର ଛକ ଠାରୁ ଶୋଭାଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟରେ ପହଂଚି ସମାଜ ପକ୍ଷରୁ ଏକ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରାଯାଇଥିଲା। ପୁଣି ଶୋଭାଯାତ୍ରାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ରେ ପହଂଚିଥିଲା। ସେଠାରେ ମଧ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଏହାପରେ ଜିଲ୍ଲା କାର୍ଯ୍ୟକାରି ସଭାପତି ସାଥୀରାମ ନାୟକଙ୍କ ନେତୃତ୍ୱରେ ବୈପାରିଗୁଡା ପାଠାଗାର ଠାରେ ଏକ ବୈଠକର ଆୟୋଜନ କରାଯାଇଥିଲା । ଜିଲ୍ଲା ଯାଦବ ମହାସଭା ଦ୍ୱାରା ଆହୁତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସଭାପତି ମଦନ ମୋହନ ନାୟକ, ମୁଖ୍ୟବକ୍ତା ଭାବେ ସାଧାରଣ ସମ୍ପାଦକ ରାଜେନ୍ଦ୍ର କୁମାର ଗୌଡ଼, ସମ୍ମାନୀୟ ଅତିଥି ରୂପେ କବିରାଜ ପରମେଶ୍ୱର ପାତ୍ର ଯୋଗ ଦେଇଥିଲେ । ବ୍ଲକ ସଭାପତି କନ୍ଦା ଗୌଡ଼ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବୈଠକରେ ଆଲୋଚନା ହୋଇଥିଲା ଯେ, ଗତ ୧୬-୦୪-୨୦୨୩ରେ ଜୟପୁର ଦଶହରା ପଡ଼ିଆରେ ଯେଉଁ 'ଗୌଡ଼ ଅଧିକାର ସମାବେଶ' ଅନୁଷ୍ଠିତ ହୋଇଥିଲା ତାହାର ସୁଦୂର ପ୍ରସାରୀ ପ୍ରଭାବ ସମାଜରେ ପଡ଼ିଛି । କିନ୍ତୁ ଏଥିରେ ସମାଜ ଖୁସି ନାହିଁ । କାରଣ ଯେଉଁ ଦାବି ନେଇ ଏହି ଆନ୍ଦୋଳନ ଆରମ୍ଭ, ସେଥିରେ କିଛି ସଫଳତା ମିଳିନାହିଁ । ପରବର୍ତ୍ତୀ କାଳରେ ସମାଜ ପକ୍ଷରୁ କୋରାପୁଟ ଜିଲ୍ଲାପାଳଙ୍କୁ ୧୮-୪-୨୩ରେ ଏବଂ ବ୍ରହ୍ମପୁର ଦକ୍ଷିଣାଂଚଳ ରାଜସ୍ୱ କମିଶନରଙ୍କୁ ୨-୫-୨୦୨୩ ତାରିଖରେ ଦାବିପତ୍ର ପ୍ରଦାନ କରାଯାଇଛି । କିନ୍ତୁ ସରକାରୀ ସ୍ତରରେ କୌଣସି ସୁଫଳ ମିଳିନାହିଁ । ତେଣୁ ଆନ୍ଦୋଳନକୁ ବ୍ଲକସ୍ତର ଯାଏଁ ନେବାକୁ ସ୍ଥିର ହୋଇଛି । ଏହି କ୍ରମରେ ପ୍ରଥମ ବ୍ଲକ ଭାବେ ବୈପାରିଗୁଡା ଠାରେ 'ଗୌଡ଼ ଗର୍ଜନ ସମାବେଶ' ଅନୁଷ୍ଠିତ ହୋଇଥିଲା । ସମାଜ ପକ୍ଷରୁ କୁହାଯାଇଛି ଯେ, ଅବିଭକ୍ତ କୋରାପୁଟ ଜିଲ୍ଲା ଜନସଂଖ୍ୟାର ୨୨ ପ୍ରତିଶତ ହେଉଛନ୍ତି ଗୌଡ଼ । ସେମାନଙ୍କ ଚାଲିଚଳଣି, ଜୀବନଶୈଳୀ, ସାମାଜିକ ସ୍ଥିତି, ଆର୍ଥିକ ମାନଦଣ୍ଡକୁ ତର୍ଜମା କଲେ ଜଣାଯାଏ, ଅନ୍ୟ ଜାତି ମାନଙ୍କ ତୁଳନାରେ ବହୁ ପଛରେ , ସରକାର ସେମାନଙ୍କୁ ୨୦୮ ଜାତି ମଧ୍ୟରେ ପଛୁଆ ବର୍ଗ ଅନ୍ତର୍ଭୁକ୍ତ କରିଛନ୍ତି, ଯଦ୍ୱାରା କୌଣସି କ୍ଷେତ୍ରରେ ବି ସେମାନଙ୍କୁ ସଂରକ୍ଷଣ ମିଳୁ ନାହିଁ । ପ୍ରତି କ୍ଷେତ୍ର ଶିକ୍ଷା ହେଉ କି ଚାକିରୀ କିମ୍ବା ରାଜନୀତି, ଗୌଡ଼ ଭାଗିଦାରୀ ଜିଲ୍ଲାରେ ୧ ପ୍ରତିଶତ ବି ନାହିଁ । ସଂସଦରେ ରାଜ୍ୟରୁ ଗୌଡ଼ ଲୋକ ନାହାନ୍ତି, ରାଜ୍ୟ ମନ୍ତ୍ରୀ ମଣ୍ଡଳରେ ବି କେହି ନାହାନ୍ତି, ଏପରିକି ବିଧାନସଭାରେ ବି ସ୍ଥିତି ନ କହିବା ଭଲ । ଏହିସବୁ କାରଣ ଯୋଗୁଁ ଶାସନତନ୍ତ୍ରକୁ ନେଇ ନିସଙ୍ଗତ ମନେ କରୁଥିବା ଗୌଡ଼ ମାନେ କହିଛନ୍ତି । ତେଣୁ ସେମାନଙ୍କ ୭ ଦଫା ଦାବି ମୁଖ୍ୟମନ୍ତ୍ରୀ ଶୁଣନ୍ତୁ ବୋଲି ବୈଠକରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ କାର୍ଯ୍ୟକାରୀ ସଭାପତି ଡମ୍ବୁରୁ ଗୌଡ଼, ଉପ ସଭାପତି ଲଳିତ ଗୌଡ଼,ଧନ ଗୌଡ଼ ,ହର ଗୌଡ଼, ସାଧାରଣ ସମ୍ପାଦକ ପୀତବାସ ଗୌଡ଼, ଉଦୟ ନାଥ ମହାଙ୍କୁଡ଼ ପ୍ରମୁଖ ଉପସ୍ଥିତ ଥିଲେ ।

# ପାର୍ବତୀଗିରି ବାଳ ନିକେତନରେ ବାଜିଲା ଶାହାନାଈ: ବାହାହୋଇ ପରିଚୟ ପାଇଲା ଶିବାନୀ

ବଲାଙ୍ଗିର, ୩୦ ମଇ (ହି.ସ.)- ବଲାଙ୍ଗିର ଉପକଣ୍ଠର ପଥରଚେପା ଠାରେ ରହିଛି ସମାଜସେବୀ ତଥା ସ୍ୱାଧିନତା ସଂଗ୍ରାମୀ ପାର୍ବତୀଗିରିଙ୍କ ଦ୍ୱାରା ସ୍ଥାପିତ ପାର୍ବତୀଗିରି ବାଳନିକେତନ । ୧୯୯୫ ମସିହାରୁ ଏହି ବାଳନିକେତନରେ ଅନାଥ ଶିଶୁମାନଙ୍କୁ ସେବାଯତ୍ନ କରାଯାଇ ଆସୁଛି । ଏହି ବାଳନିକେତନ ସ୍ଥାପିତ ହେବାର ଦୀର୍ଘ ୨୮ବର୍ଷ ପରେ ଆଜି ଜଣେ ସାବାଳିକା ଅନ୍ତେବାସୀ ଶିବାନୀ ଦାସଙ୍କର ବିବାହ ସମ୍ପନ୍ନ ହୋଇଛି । ଗତକାଲି ହଳଦୀରସମ, ସଂଗୀତ କାର୍ଯ୍ୟକ୍ରମ ପରେ ଆଜି ଧୂମଧାମରେ ଶିବାନୀଙ୍କର ବିବାହ ସମ୍ପନ୍ନ ହୋଇଛି । ବଲାଙ୍ଗିର ଜିଲାପାଳ ଚଂଚଳ ରାଣା, ଶିକ୍ଷାବିତ ପ୍ରଫେସର ମଧୁସୂଦନ ପତି, ପୌରପାଳିକାର ଅଧକ୍ଷା ଲିକା ସାହୁ, ଶାନ୍ତିଲତା ବହିଦାର, ପ୍ରୋବାସନ ଆପିଏସ କୁଳଦୀପ, ଉପଜିଲ୍ଲାପାଳ କେ.ନାଗଭୂଷଣ, ସଦର ଏସଡିପିଓ ତୁଫାନ ବାଗ, ସଦର ଆଇଆଇସି ଶ୍ରୀକାନ୍ତ ସାହୁ, ମାରୱାଡି ସମାଜର ସଭାପତି ମନୋଜ ଜୈନ, ରୋଟାରିଆନ ଇଂ.ସତ୍ୟନାରାୟଣ ଅଗ୍ରୱାଲ, ବବିତା ଅଗ୍ରୱାଲ, ଧର୍ମେନ୍ଦ୍ର ନନ୍ଦ ତଥା ସହରର ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ବିବାହ ହୋଇଥିଲା । ଅନୁଷ୍ଠାନର ସଂପାଦିକା ସଂସ୍କୃତି ପଟ୍ଟନାୟକ ଓ ତାଙ୍କ ପତି ବାବୁଲା ବହିଦାର ଶିବାନୀର କନ୍ୟାଦାନ କରିଛନ୍ତି । ବାଳନିକେତନରେ ପୂର୍ବରୁ କେବଳ ଅନାଥ ଶିଶୁମାନଙ୍କୁ ରଖାଯାଇ ପାଠ ପଢାଯାଉଥିଲା । ୧୨ ବର୍ଷ ବୟସର ହେଲେ ସେମାନଙ୍କୁ ବରଗଡ ଜିଲ୍ଲା ପାଇକମାଳ କସ୍ତୁରବା ଆଶ୍ରମକୁ ନିଆଯାଇ ରଖାଯାଉଥିଲା । କିନ୍ତୁ, ଏବେ ସରକାର ନିଜେ ଏହାର ପରିଚାଳନା କରିବା ପରେ ସବୁ ବୟସର ପୁଅ ଝିଅ ଏଠାରେ ରହୁଛନ୍ତି । ସେମାନଙ୍କୁ ଉଚ୍ଚତର ଶିକ୍ଷା ସହିତ ନିଯୁକ୍ତି ସୁଯୋଗ ଦିଆଯାଉଛି । ଅନାଥ ହୋଇ ନିଜର ପରିଚୟ ଖୋଜୁଥିବା ଶିବାନୀ ଆଜି ପରିଚୟ ପାଇଛି । ବେଲପଡା ବ୍ଲକ ଅନ୍ତର୍ଗତ ମଣ୍ଡଳ ଗାଁର ସ୍ୱର୍ଗତ ବିଦ୍ୟାଧର ଖମାରୀଙ୍କ ଏକମାତ୍ର ପୁଅ ଦେବାଶିଷ ଖମାରୀ ଶିବାନୀଙ୍କ ହାତଧରି ପାଣିଗ୍ରହଣ କରିଛନ୍ତି । ଜନ୍ମଜନ୍ମାନ୍ତର ପାଇଁ ଦୁହେଁ ଦୁହିଁଙ୍କୁ ପତିପତ୍ନୀ ରୂପେ ସ୍ୱୀକାର କରି ନୂତନ ପରିବାର ଗଠନ କରିଛନ୍ତି । ଆଶ୍ରମରେ ରହୁଥିବା ପ୍ରାୟ ୬୦ ଜଣ ଶିଶୁଙ୍କ ଅଲିଅଳି ଶିବାନୀ ନାନୀ ଆଜି ବାହା ହୋଇଛି । ସେଥିପାଇଁ ସମସ୍ତଙ୍କ ମନ ଖୁବ ଖୁସି । ପ୍ରଥମ କରି ଆଶ୍ରମର ଏକ ଝିଅକୁ ବାହାଦେଇ ବହିଦାର ପରିବାର ମଧ ବହୁତ ଖୁସି । ତାଙ୍କର ବଡଝିଅକୁ ବାହା କରାଉଛନ୍ତି ବୋଲି ବାବୁଲା ବହିଦାର କହିଛନ୍ତି । ଜିଲ୍ଲାପାଳ ଚଂଚଳ ରାଣା ଶିବାନୀକୁ ସରକାରୀ ନୀୟମ ଅନୁଯାୟୀ ୫୦ ହଜାର ଟଙ୍କାର ଏକ ଚେକ ପ୍ରଦାନ କରିଛନ୍ତି । ଜିଲ୍ଲାପାଳ କହିଛନ୍ତି ଯେ, ସମାଜରେ ଅନେକ ଅବହେଳିତ ଶିଶୁ ରହିଛନ୍ତି । ସେମାନଙ୍କୁ ସାମାଜିକ ନ୍ୟାୟ ଦେବା ଆମ ସମସ୍ତଙ୍କର ଦାୟୀତ୍ୱ । ଆଜି ଦେବାଶୀଷ ଭଳି ଜଣେ ଯୁବକ ଶିବାନୀକୁ ବାହାହୋଇ ଉଦାହରଣ ସୃଷ୍ଟି କରିଛନ୍ତି ବୋଲି କହିଛନ୍ତି । ଠିକ ସେହିପରି ଏଭଳି ଆଦର୍ଶ ବିବାହ ସମାଜରେ ନୂତନ ପ୍ରେରଣା ଜାଗ୍ରତ କରିବ ବୋଲି ପ୍ରଫେସର ମଧୁସୂଦନ ପତି ମତ ଦେଇଛନ୍ତି । ଆଶ୍ରମରେ ବହୁଦିନରୁ ରହିଆସୁଥିବା ପରିଚାରିକା ସୁଧିରା ବେହେରା ଏହି ବାହାଘରରେ ଖୁବ ଖୁସି । ଏହି ଆଶ୍ରମରୁ ପ୍ରଥମ କରି ଜଣେ ଝିଅ ବିବାହ କରୁଥିବାରୁ ସମସ୍ତ ଅନ୍ତେବାସୀ ଖୁବ ଉତ୍ସାହିତ ବୋଲି କହିଛନ୍ତି । ଦୀର୍ଘ୧୩ ବର୍ଷ ତଳେ ୨୦୧୦ ମସିହାରେ ପାଟଣାଗଡ ନିକଟସ୍ଥ ଧୁବଳପଡା ରାସ୍ତାରେ ୮ବର୍ଷ ବୟସ ଶିବାନୀ ଏକାକି ବୁଲୁଥିଲା । ତା ଜନ୍ମକଲା ମାଆ ବାପା ତାକୁ ଛାଡି କୁଆଡେ ଚାଲିଯାଇଥିଲେ । ସକାଳୁ କାନ୍ଦୁଥିବା ଅବସ୍ଥାରେ ପାଟଣାଗଡ ପୋଲିସ ତାକୁ ଉଦ୍ଧାର କରି ଚାଇଲ୍ଡଲାଇନ ଜରିଆରେ ଆଣି ପାର୍ବତୀଗିରୀ ବାଳନିକେତନରେ ଛାଡିଦେଇଥିଲେ । ଏଠାରେ ସେ ରହି ପାଠପଢିଲା । ଶିବାନୀ ଜଣେ ଉଚ୍ଚଶିକ୍ଷିତା ଯୁବତୀ । ମାଟ୍ରିକ ପାଠପରେ ସେ ଗନ୍ଧମାର୍ଦ୍ଦନ ଆଇଟିଆଇରେ ପାଠ ପଢିଥିଲା । ଜଣେ ସଫଳ ଆଇଟିଆଇ ଫିଟର ହୋଇଛି । ତାକୁ ପତ୍ନୀ ରୂପେ ଦେବାଶୀଷ ପାଇଛନ୍ତି । ତାଙ୍କର ସଫଳ ଜୀବନ ପାଇଁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଆଶୀର୍ବାଦ କରିଛନ୍ତି । ଏହି ବିବାହ କରାଇବାରେ ଡିସିପିୟୁ ଲକ୍ଷ୍ମୀ ସିଂ, ପାର୍ବତୀଗିରି ବାଳନିକେତନର ଅଧିକ୍ଷକ ଆଶିଷ ଖମାରୀ, ସ୍ୱେଚ୍ଛାସେବୀ ଅରୂଣ ଖୁଆସ, ନନ୍ଦକିଶୋର ସାମଲ, ପ୍ରଦ୍ୟୁମ୍ନ ସାହୁ, ଅଲି ପଧାନ, ସର୍ଜନ ସାହୁ, ଦଶରଥ ଦାସ, କୌଶଲ୍ୟା ପଶାୟତ, ହେମାଙ୍ଗୀନୀ ପୁଟା ପ୍ରମୁଖ ଭୂମିକା ନେଇଥିଲେ ।

# ଚମ୍ପୁଆରେ ସିପିଆଇର ଜନ ସଚେତନତା ପଦଯାତ୍ରା

ଚମ୍ପୁଆ, ୩୧/୦୫ (ନି.ପ୍ର): ଚମ୍ପୁଆ ସଦର ମହକୁମାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ତରଫରୁ ଏକ ଜନ ସଚେତନତା ପଦଯାତ୍ରା ଆୟୋଜିତ ହୋଇଯାଇଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ ବିରୋଧି ନୀତିଗୁଡ଼ିକୁ ବିରୋଧ କରି ଏହି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। କେନ୍ଦୁଝର ଜିଲ୍ଲା ସିପିଆଇ ସହ ସମ୍ପାଦକ ବିଦ୍ୟାଧର ମହାନ୍ତଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିପିଆଇ ରାଜ୍ୟ ସମ୍ପାଦକ ଅଭୟ ସାହୁ ଯୋଗ ଦେଇଥିଲେ। ବାର୍ଦ୍ଧକ୍ୟ ଭତା ୩୦୦୦ ଟଙ୍କାକୁ ବୃଦ୍ଧି, ଚମ୍ପୁଆ ଡାକ୍ତରଖାନା ରେ ଡାକ୍ତର ନିଯୁକ୍ତି, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୫୦୦ ଟଙ୍କାକୁ ବୃଦ୍ଧି, ଦଖଲ ଜମି ର ଜମି ପଟ୍ଟା ପ୍ରଦାନ, ଗରିବମାନଙ୍କୁ ୨୦୦ ୟୁନିଟ ମାଗଣା ବିଦ୍ୟୁତ ଯୋଗାଣ, କୃଷି ଋଣ ଛାଡ, ଚମ୍ପୁଆ ସଦର ମହକୁମାରେ ରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା, ଚମ୍ପୁଆ ରେ ବାଇପାସ୍ ନିର୍ମାଣ , ଦରଦାମ ବୃଦ୍ଧିରେ ଅଙ୍କୁଶ ଲଗାଇବା, ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି ଆଦି ଦାବୀ ନେଇ ଚମ୍ପୁଆ ବ୍ଲକ୍ ରୁ ପାର୍ଟି ତରଫରୁ ଏକ ଶୋଭାଯାତ୍ରା ଆରମ୍ଭ ହୋଇ ଚମ୍ପୁଆ ବଜାର ପରିକ୍ରମା କରିବା ପରେ ଗାନ୍ଧୀ ଛକ ଠାରେ ଦଳର ନେତାମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ବିଷଦଗାର କରିଥିଲେ।

# ନାହିଁ ନାହିଁରେ ଚାଲିଛି ଅସୁରେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

ସାଲେପୁର, ୩୧/୦୫ (ନି.ପ୍ର): ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ ଅସୁରେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଯାହାକି ବ୍ରିଟିଶ ଅମଳର ଡାକ୍ତରଖାନା । ଏହି ଡାକ୍ତରଖାନାଟିକୁ ଓଡିଆ ଭାଷା ସାହିତ୍ୟ ଆନ୍ଦୋଳନର କର୍ଣ୍ଣଧାର ତଥା ପ୍ରଥମ ଓଡିଆ ଖବରକାଗଜ ଉତ୍କଳ ଦୀପିକାର ପ୍ରତିଷ୍ଠାତା କର୍ମବୀର ଗୌରୀଶଙ୍କର ରାୟ ପ୍ରତିଷ୍ଠା କରିଥିଲେ । ଗ୍ରାମାଂଚଳରେ ବସବାସ କରୁଥିବା ଜନସାଧାରଣ ସ୍ୱାସ୍ଥ୍ୟ ସମସ୍ୟାରୁ ଉପଶମ ହେବେ ବୋଲି ମହତ୍ ଚିନ୍ତାଧାରାରେ ଗଢି ଉଠିଥିଲା ଏହି ଡାକ୍ତରଖାନାଟି । ଏହି ଡାକ୍ତରଖାନାଟି ଗଢା ହେବାର ଶହେ ବର୍ଷରୁ ଅଧିକ ବର୍ଷ ହୋଇଗଲା । ଏହା କଟକ ଜିଲ୍ଲାର ସର୍ବ ପୁରାତନ ସ୍ୱାସ୍ଥ୍ୟକେନ୍ଦ୍ର ଅଟେ । ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ କଟକ ଜିଲ୍ଲା ସମେତ କେନ୍ଦ୍ରାପଡା ଜିଲ୍ଲାର ପଚାଶ ହଜାରୁ ଅଧିକ ଜନସାଧାରଣ ନିର୍ଭର କରିଥାନ୍ତି । ସବୁଠାରୁ ଦୁଃଖ ଘଟଣା ଏବେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ନାହିଁ ନାହିଁରେ ଚାଲିଛି । ଅସୁରେଶ୍ୱର ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ବର୍ଷ ହେବ ମେଡିସିନ ଡାକ୍ତର ନାହାଁନ୍ତି । ଜଣେ ଆୟୁଷ ଡାକ୍ତର କେବଳ ସାହା ଭରସା । ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ବର୍ହି ବିଭାଗ ଗୃହ ଦୀର୍ଘ ଦୁଇ ବର୍ଷ ହେବ ଅଧାପନ୍ତରିଆ ହୋଇ ପଡିରହିଛି । ଯାହାଫଳରେ ଅନ୍ୟ ଗୋଟିଏ ଗୃହରେ ଡାକ୍ତରଖାନା ଚାଲିଛି । ଯେଉଁଠି ଡାକ୍ତର ଦେଖୁଛନ୍ତି ସେଠାରେ ଔଷଧ ମଧ ଦିଆଯାଉଛି । ନା ଅଛି ରୋଗୀ ଶୋଇବା ପାଇଁ ଶଯ୍ୟା, ନା ଅଛି ଦୁର୍ଘଟଣାଜନିତ ଚିକିତ୍ସା ପାଇଁ ଆନୁସଙ୍ଗିକ ଉପକରଣ । ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ କର୍ମଚାରୀଙ୍କ ଅଭାବ ରହିଛି । ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପାଚେରୀ ନଥିବାରୁ ଦିନରେ ଅବାଧରେ ଗାଈ, ଗୋରୁ, ଛେଳି ମେଣ୍ଢାଙ୍କ ରାଜ୍ ଚାଲିଛି । ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ଏହାଛଡା ଅସୁରେଶ୍ୱର ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପ୍ରାଣୀ ଚିକିତ୍ସାକେନ୍ଦ୍ର ଏକ ଗୃହରେ ମଧ ଚାଲୁଛି । ଯେଉଁଠାରେ ମଣିଷଙ୍କ ସହିତ ଗାଈଗୋରୁମାନେ ମଧ ଏକସଙ୍ଗରେ ଚିକିତ୍ସିତ ହେଉଛନ୍ତି । ପ୍ରାଣୀ ଚିକିତ୍ସାଳୟ ଗୃହ ଅସୁରେଶ୍ୱର ସେବା ସମବାୟ ସମିତି ନିକଟରେ ନିର୍ମିତ ହୋଇ ପଡିଥିଲେ ମଧ କ'ଣ ପାଇଁ ଏହିଠାରେ ପ୍ରାଣୀ ଚିକିତ୍ସାଳୟ ଚାଲିଛି ତାହା ବୁଝାପଡୁନାହିଁ । ଏହି ସ୍ୱାସ୍ଥ୍ୟକେନ୍ଦ୍ରର ସର୍ବାଙ୍ଗୀନ ଉନ୍ନତି ସହିତ କର୍ମଚାରୀ, ଡାକ୍ତର ଓ ଅନୁସଙ୍ଗୀକ ଜିନିଷପତ୍ର ଯୋଗାଇ ଦେବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି ।

# ଆହତ ଯୁବକକୁ କାଉଡ଼ିରେ ଭାର କରି ୮ କିଲୋମିଟର ବୋହି ଆଣିଲେ ମେଡିକାଲ

ମାଲକାନଗିରି, ୩୧/୦୫ (ନି.ପ୍ର): ପୁଣି ମାଲକାନଗିରି ଜିଲ୍ଲାରେ ଦେଖିବାକୁ ମିଳିଛି ସରକାରଙ୍କ ବିକାଶର ନଗ୍ନଚିତ୍ର । ଆହତ ବ୍ୟକ୍ତିଙ୍କୁ ହସ୍ପିଟାଲ ପହଂଚାଇବାକୁ ଆସିଲାନି ଆମ୍ବୁଲାନ୍ସ । କାଉଡିରେ ହସ୍ପିଟାଲ ବୁହାହେଲେ ବ୍ୟକ୍ତି ଜଣକ । ଏହି ଚିତ୍ର ହିଁ ବୟାନ କରୁଛି ସରକାରଙ୍କ ବିକାଶମୂଳକ କାର୍ଯ୍ୟ କେତେ ସଫଳ । ଏମିତି କିଛି ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲାର ଖଇରପୁଟ ବ୍ଲକ ରାସବେଡା ପଂଚାୟତରେ । ଆମ୍ବୁଲାନ୍ସ ନ ଆସିବାରୁ ଜଣେ ଆହତ ବ୍ୟକ୍ତିଙ୍କୁ କାଉଡିଆରେ ବୋହି ୮ କିଲୋମିଟର ଆଣି ହସ୍ପିଟାଲରେ ଚିକିତ୍ସା କରାଇଛନ୍ତି ଗ୍ରାମବାସୀ । ସୂଚନା ମୁତାବକ, ଗତକାଲି ତାଗାବେଡା ଗ୍ରାମର ମଙ୍ଗଳା ମୁଦୁଲି ନାମକ ଜଣେ ବଣ୍ଡା ଯୁବକ ଗଛରୁ ପଡି ଗୁରୁତର ଆହତ ହୋଇଥିଲେ । ହେଲେ ରାସ୍ତା ନ ଥିବାରୁ ଗାଁକୁ ଆମ୍ବୁଲାନ୍ସ ପହଂଚି ପାରିନଥିଲା । ଶେଷରେ ତାଗାବେଡା ଗ୍ରାମର କିଛି ଯୁବକ ଓ ପରିବାରବର୍ଗ ମିଶି ଖାଲଢିପ, ଜଙ୍ଗଲର ପାହାଡ଼ିଆ ରାସ୍ତାରେ ତାଙ୍କୁ ୮ କିଲୋମିଟରେ କାଉଡିରେ ବୋହି ରାସବେଡା ପହଂଚି ଥିଲେ ।

ଧ୍ୱନି ପ୍ରତିଧ୍ୱନି
୩ ♣ ବାଲେଶ୍ୱର ♣ ଗୁରୁବାର, ୧ ଜୁନ୍, ୨୦୨୩

# ରାସ୍ତାରେ ଗାଡ଼ିରୁ ତେଲ ସରିଗଲେ ଏହି ଦେଶରେ ଦିଆଯାଏ ଦଣ୍ଡ



ରାସ୍ତାରେ ଦ୍ରୁତ ଗତିରେ ଗାଡି ଚଳାଇବା ଏବଂ କାରକୁ ଅଟକାଇ ଭିଡିଓ ତିଆରି କରିବା ପାଇଁ ଲୋକଙ୍କୁ ଦଣ୍ଡ ଦିଆଯିବା ବିଷୟରେ ଆପଣ ନିଶ୍ଚୟ ଶୁଣିଥିବେ, କିନ୍ତୁ ଆପଣ କେବେ ଶୁଣିଛନ୍ତି କି ରାସ୍ତା ମଝିରେ ଯଦି ଇନ୍ଧନ ସରିଯାଏ ତେବେ ବି ଦଣ୍ଡ ମିଳିବ ହଁ, ଦୁନିଆରେ ଏପରି ଏକ ଦେଶ ଅଛି ଯେଉଁଠାରେ ଆପଣ ଯେତେ ଦ୍ରୁତ ଗତିରେ ଗାଡି ଚଲାନ୍ତୁ ପଛେ ଏଥିରେ କୌଣସି ପ୍ରତିବନ୍ଧକ ନାହିଁ, କିନ୍ତୁ ଯଦି ଆପଣଙ୍କର କାରର ରାସ୍ତା ମଝିରେ ତେଲ ସରିଯାଏ, ତେବେ ଆପଣଙ୍କୁ ଏଥିପାଇଁ ଦଣ୍ଡିତ କରାଯିବ ।

କେବଳ ଏତିକି ନୁହେଁ, ଏହି ଦେଶରେ ଆହୁରି ଅନେକ ନିୟମ ଅଛି, ଯାହାକୁ ଶୁଣିଲେ ଆପଣ ଅଜବ ବୋଲି କହିବେ। ଏହି ଦେଶର ନାମ ହେଉଛି ଜର୍ମାନୀ । ଏହା ହେଉଛି ସେହି ଜର୍ମାନୀ, ଯେଉଁଠାରେ ହିଟଲର ଏକଛତ୍ରବାଦୀ ଶାସନ କରୁଥିଲେ, ଯେଉଁଥିପାଇଁ ଦ୍ୱିତୀୟ ବିଶ୍ୱଯୁଦ୍ଧ ହୋଇଥିଲା । ଯଦିଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜର୍ମାନୀ ଦେଶ ସମ୍ପୂର୍ଣ୍ଣ ଗରିବ ହୋଇଯାଇଥିଲା, କିନ୍ତୁ ଆଜି ଏହା ଦୁନିଆର ସବୁଠାରୁ ଶକ୍ତିଶାଳୀ ଦେଶ ମଧ୍ୟରେ ଗଣାଯାଇଛି।

ଆଜି ଇଞ୍ଜିନିୟରିଂ କ୍ଷେତ୍ରରେ ଜର୍ମାନୀର ନାମ ପ୍ରଥମେ ଆସୁଛି । ଜର୍ମାନୀରେ, ଆପଣ ରାସ୍ତାରେ ଯେତେ ଜୋରରେ ଗାଡିଚାଳନା କରିପାରିବେ, ଏଥିପାଇଁ କୌଣସି ପ୍ରକାରର ଦଣ୍ଡର ବ୍ୟବସ୍ଥା ନାହିଁ । କିନ୍ତୁ ଯଦି ଆପଣଙ୍କ ଗାଡିର ଇନ୍ଧନ ରାସ୍ତା ମଝିରେ ସରିଯିବ, ତେବେ ଏଠାରେ ଏହାକୁ ଅପରାଧ ଭାବରେ ବିବେଚନା କରାଯିବ ଏବଂ ଏଥିପାଇଁ ଆପଣଙ୍କୁ ଦଣ୍ଡ ଦିଆଯାଇପାରେ କିମ୍ବା ଆପଣ ଜରିମାନା ମଧ୍ୟ ଦେଇପାରନ୍ତି ।

# ଋତୁସ୍ରାବ କଷ୍ଟକୁ ଅଣଦେଖା କରନ୍ତୁନି: ହୋଇପାରେ ବଡ ସମସ୍ୟା

ଋତୁସ୍ରାବ ସମୟରେ ମହିଳାମାନେ ପ୍ରାୟତଃ ପେଟରେ ଯନ୍ତ୍ରଣା ଅନୁଭବ କରନ୍ତି । ଅନେକ ମହିଳାଙ୍କର ପେଟ, ଅଣ୍ଟା, ତଳି ପେଟ ଏବଂ ଗୋଡରେ ଯନ୍ତ୍ରଣା ଅନୁଭବ ହୋଇଥାଏ । ଏହାକୁ ପିରିୟଡ୍ କ୍ରମ୍ପସ୍ ମଧ୍ୟ କୁହାଯାଏ । ଏହି ଯନ୍ତ୍ରଣା ସାଧାରଣତଃ ଦୁଇରୁ ତିନି ଦିନ ପର୍ଯ୍ୟନ୍ତ ରହିପାରେ । ଏହା ଏକ ସାଧାରଣ ସମସ୍ୟା, କିନ୍ତୁ ଅନେକଙ୍କ ପାଇଁ ଏହି ଯନ୍ତ୍ରଣା ଅସହ୍ୟ ହୋଇଯାଏ । ଯେଉଁଥିପାଇଁ ସେମାନଙ୍କୁ ଔଷଧ ଖାଇବାକୁ ପଡେ । ଯାହା ପରବର୍ତ୍ତୀ ସମୟରେ ଅନେକ ସମସ୍ୟା ସୃଷ୍ଟି କରିବାର ସମ୍ଭାବନା ଥାଏ । ଋତୁସ୍ରାବ ସମୟରେ ଅସହ୍ୟ ଯନ୍ତ୍ରଣା ପଛରେ ଅନେକ ଗଭୀର କାରଣ ଥାଇପାରେ । ଏପରି ପରିସ୍ଥିତିରେ ଯଦି ଆପଣଙ୍କୁ ବହୁତ ଯନ୍ତ୍ରଣା ହେଉଛି ତେବେ ଏହାକୁ ଅଣଦେଖା କରନ୍ତୁ ନାହିଁ ଏବଂ ଔଷଧ ଖାଇବା ପରିବର୍ତ୍ତେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରନ୍ତୁ । ଋତୁସ୍ରାବ ସମୟରେ ଅଧିକ ଯନ୍ତ୍ରଣା ପ୍ରକୃତରେ ପ୍ରୋଷ୍ଟାଗ୍ଲାଣ୍ଡିନ୍ସ ନାମକ ଏକ ରାସାୟନିକ କାରଣରୁ ହୋଇଥାଏ କିମ୍ବା ଏହାକୁ ଆମେ ହରମୋନ୍ ମଧ୍ୟ କହିପାରିବା । ଋତୁସ୍ରାବ ସମୟରେ ଗର୍ଭାଶୟରେ ପ୍ରୋଷ୍ଟାଗ୍ଲାଣ୍ଡିନ ସୃଷ୍ଟି ହୁଏ , ଯାହା ମାଂସପେଶୀର ସଂକୋଚନ କରେ । ଏହା ପେଟ ଏବଂ ପିଠିରେ ଯନ୍ତ୍ରଣା କରାଏ । ଏହି ହରମୋନ୍ ଅଣ୍ଡାଦାନ, ଋତୁସ୍ରାବ ପ୍ରକ୍ରିୟା ଏବଂ ମହିଳାମାନଙ୍କ ପ୍ରଜନନ ପ୍ରଣାଳୀକୁ ସକ୍ରିୟ କରାଇଥାଏ ।

ଋତୁସ୍ରାବ ସମୟରେ ଯନ୍ତ୍ରଣା ସ୍ୱାଭାବିକ ବୋଲି ଡାକ୍ତରମାନେ କହିଛନ୍ତି। ବାସ୍ତବରେ, ଅଧିକାଂଶ ମହିଳା ଋତୁସ୍ରାବ ସମୟରେ ଯନ୍ତ୍ରଣା ଏବଂ ଅସନ୍ତୋଷ ଅନୁଭବ କରନ୍ତି । କିନ୍ତୁ ଅତ୍ୟଧିକ ଯନ୍ତ୍ରଣା ଯାହା ଆପଣଙ୍କ ମନ ଏବଂ ଶରୀରକୁ ଅଧିକ ପ୍ରଭାବିତ କରେ ତାହା ସ୍ୱାଭାବିକ ନୁହେଁ । ଏହା ଆପଣଙ୍କ ପ୍ରଜନନ କ୍ଷମତାରେ କିଛି ଅସୁବିଧା କରିପାରେ । ଯଦି ଆପଣ ଏଭଳି ଯନ୍ତ୍ରଣା ଭୋଗୁଛନ୍ତି ଏବଂ ଗର୍ଭଧାରଣ ପାଇଁ ଯୋଜନା କରୁଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

■ଯଦି ପିରିୟଡ୍ ସମୟରେ କଷ୍ଟ ଅସହ୍ୟ ଏବଂ ଭୟଙ୍କର ହେଉଛି, ତେବେ ତୁରନ୍ତ ସ୍ତ୍ରୀ ରୋଗ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରିବା ଉଚିତ୍ ।

■ଅଧିକରୁ ଅଧିକ ଯନ୍ତ୍ରଣା ଦେଉଥିବା ପିରିୟଡ୍ କ୍ରାମ୍ପସ ପଛରେ କୌଣସି ପୁରୁଣା ରୋଗର କାରଣ ମଧ୍ୟ ରହିଥାଏ । ଯାହା ପ୍ରଜନନ କ୍ଷମତାକୁ ପ୍ରଭାବିତ କରେ ।

■ଫାଇବ୍ରଏଡର ବିକାଶିତ ହେବାର ଅନ୍ୟତମ କାରଣ, ଏହା ହେଉଛି ଏକ ପ୍ରକାର ଟ୍ୟୁମର୍ ଯାହା ଗର୍ଭାଶୟ ଭିତରେ ବିକଶିତ ହୁଏ । ଏହି କାରଣରୁ ବହୁତ ଯନ୍ତ୍ରଣା ହୋଇଥାଏ । ଏହା ଗର୍ଭପାତର ଆଶଙ୍କାକୁ ବଢାଇଥାଏ ।

***ଏଣ୍ଡୋମେଟ୍ରିଓସିସ୍ ରୋଗ***

■ଏହି ରୋଗ ହେବା ଦ୍ୱାରା ଗର୍ଭାଶୟର ଟିସୁ ଗର୍ଭାଶୟ ବାହାରେ ବ୍ୟାପିବା ଆରମ୍ଭ କରିଥାଏ । ଏହା ଦ୍ୱାରା ଆଖପାଖ ଟିସୁକୁ ମଧ୍ୟ ପ୍ରଭାବିତ କରେ । ଏହି ରୋଗ ପ୍ରଜନନ କ୍ଷମତାକୁ ପ୍ରଭାବିତ କରେ । ଏହି ରୋଗ ପ୍ରବଳ ଯନ୍ତ୍ରଣାଦାୟକ ହୋଇଥାଏ । ଅନେକ ମହିଳା ଏହି କାରଣରୁ ସନ୍ତାନ ପ୍ରସବ କରିବାରେ ଅସମର୍ଥ ହୋଇଥାନ୍ତି।

# ଷ୍ଟିଲ୍ ଗ୍ଲାସରେ ପାଣି ପିଇବାର ଅଦ୍ଭୁତ ଫାଇଦା



ପାଣି ପିଇବା ପାଇଁ ଲୋକମାନେ ସାଧାରଣତଃ ଘରେ ଷ୍ଟିଲ ଗ୍ଲାସ ବ୍ୟବହାର କରନ୍ତି । ସେଥିପାଇଁ ପ୍ରାୟ ଘରେ ପାଣି ପିଇବା ଓ ରଖିବା ପାଇଁ ପ୍ଲାଷ୍ଟିକ୍ ବୋତଲ ବ୍ୟବହାର କରାଯାଏ । କାଚରେ ତିଆରି ଗ୍ଲାସ୍ କିମ୍ବା ବୋତଲ ବହୁତ କମ୍ ବ୍ୟବହାର ହୁଏ । ବିଶେଷକରି ଯେତେବେଳେ ଜଣେ ଅତିଥି ଆସନ୍ତି ସେତେବେଳେ ଆମେ କାଚ ଗ୍ଲାସର ବ୍ୟବହାର କରୁ। କିନ୍ତୁ ଯଦି ଆପଣ ପ୍ରତିଦିନ କାଚ ଗ୍ଲାସରେ ପାଣି ପିଅନ୍ତି, ତେବେ ଆପଣ ଅନେକ ଲାଭ ପାଇବେ । ସାଧାରଣତଃ ଯେତେବେଳେ ଆପଣ ପ୍ଲାଷ୍ଟିକ୍ ବୋତଲ କିମ୍ବା ଷ୍ଟିଲ ଗ୍ଲାସରେ ପାଣି ପିଅନ୍ତି ଏହାର ସ୍ୱାଦ ସାଧାରଣ ପାଣି ଠାରୁ ଟିକିଏ ଅଲଗା ଲାଗିଥାଏ । କିଛି ବାସ୍ନା ମଧ୍ୟ ଆସେ । ଏହାର କାରଣ ହେଉଛି ପ୍ଲାଷ୍ଟିକରେ କ୍ଷତିକାରକ ରାସାୟନିକ ପଦାର୍ଥ ଥାଏ । ଯାହା ପାଣି ମାଧ୍ୟମରେ ଶରୀରକୁ ଯାଇ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟିକରେ । କିନ୍ତୁ କାଚ ଗ୍ଲାସ କିମ୍ବା ବୋତଲରେ କୌଣସି ପ୍ରକାରର ରାସାୟନିକ ପଦାର୍ଥର ବିପଦ ନଥାଏ। ଆହୁରି ମଧ୍ୟ କୌଣସି ପ୍ରକାରର ଗନ୍ଧ କିମ୍ବା ସ୍ୱାଦରେ ପରିବର୍ତ୍ତନ ହୋଇନଥାଏ।

ଯେତେବେଳେ କାଚ ଗ୍ଲାସ୍, ବୋତଲରେ ପାଣି ରଖାଯାଏ, ତାହା ଦିନସାରା ସତେଜ ରହିଥାଏ। ଆହୁରି ମଧ୍ୟ ଏଥିରେ ପାଣି ସଫା ଅଛି କି ନାହିଁ ଜାଣିବା ସହଜ ହୋଇଥାଏ।

# ବ୍ରାଉନ୍ କିମ୍ବା ଧଳା ଅଣ୍ଡା: ସ୍ୱାସ୍ଥ୍ୟ ପାଇଁ କେଉଁଟି ଭଲ ?



କୁକୁଡା ଅଣ୍ଡା ଦୁଇଟି ରଙ୍ଗରେ ଧଳା ଏବଂ ବ୍ରାଉନ୍ ରଙ୍ଗରେ ଆସିଥାଏ ଏବଂ ଉଭୟ ବଜାରରେ ସହଜରରେ ମିଳେ । ତେବେ ଆପଣ କେଉଁଟି ବାଛିବା ଉଚିତ୍ ବେଳେ ମନରେ ଆସେ କେଉଁଟା ଅଧିକ ପୁଷ୍ଟିକର କିମ୍ବା ଅଧିକ ସ୍ୱାଦଯୁକ୍ତ ? ଧଳା ଏବଂ ବାଦାମୀ ଅଣ୍ଡା ମଧ୍ୟରେ ପାର୍ଥକ୍ୟ କ'ଣ ? କେଉଁଟା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଭଲ ତାହା କିପରି ଜାଣିବେ ।

ଅଣ୍ଡାର ରଙ୍ଗ ମୁଖ୍ୟତ କୁକୁଡ଼ାଙ୍କ ପ୍ରଜାତି ଏବଂ କୁକୁଡ଼ା ଦ୍ୱାରା ଉତ୍ପାଦିତ ପିଗମେଣ୍ଟ ଉପରେ ନିର୍ଭର କରେ। ଖାଦ୍ୟ, ଚାପ ସ୍ତର ଏବଂ ପରିବେଶ ପରି ଅନ୍ୟାନ୍ୟ କାରଣ ମଧ୍ୟ ଅଣ୍ଡାର ରଙ୍ଗ ଉପରେ ପ୍ରଭାବ ପକାଇପାରେ । ଦୁଇଟି ଅଣ୍ଡା ମଧ୍ୟରେ ପୋଷଣକୁ ନେଇ ବିଶେଷ କିଛି ପାର୍ଥକ୍ୟ ନ ଥାଏ।

ଗୋଟିଏ ବଡ଼ ଅଣ୍ଡାରେ ପ୍ରାୟ ୬.୩ ଗ୍ରାମ ପ୍ରୋଟିନ୍, ୦.୩ ଗ୍ରାମ କାର୍ବୋହାଇଡ୍ରେଟ୍ ଏବଂ ୪.୭ ଗ୍ରାମ ଚର୍ବି ଥାଏ । ଏଥିସହ ଅଣ୍ଡାରେ ପ୍ରାୟ ୦.୮ ମିଗ୍ରା ଆୟରନ୍, ୦.୬ ମିଗ୍ରା ଜିଙ୍କ, ୧୫.୪ ମିଗ୍ରା ସେଲେନିୟମ୍, ୨୩.୫ ମିଗ୍ରା ଫୋଲେଟ୍, ୧୪୭ ମିଗ୍ରା କୋଲାଇନ୍, ୦.୪ ମିସିଜି ଭିଟାମିନ୍ ବି ୧୨ ଏବଂ ୮୦ ମିସିଜି ଭିଟାମିନ୍ ଥାଏ ।

ବାଦାମୀ ଏବଂ ଧଳା ଅଣ୍ଡା ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ଅନେକ ଅଧ୍ୟୟନ ଜଣାଯାଇଛି ଅଣ୍ଡାର ଗୁଣ କିମ୍ବା ପୁଷ୍ଟିକର ପ୍ରୋଫାଇଲ ଉପରେ ରଙ୍ଗର କୌଣସି ପ୍ରଭାବ ପଡେ ନାହିଁ ।

**କେଉଁଟା ଉତ୍ତମ**

ଅନେକ ଲୋକ ବିଶ୍ୱାସ କରନ୍ତି ଯେ ଏକ ନିର୍ଦ୍ଦିଷ୍ଟ ରଙ୍ଗର ଅଣ୍ଡା ଅନ୍ୟ ଅପେକ୍ଷା ସ୍ୱାସ୍ଥ୍ୟକର କିମ୍ବା ସ୍ୱାଦଯୁକ୍ତ। ପ୍ରକୃତ କଥା ହେଉଛି ଉଭୟ ରଙ୍ଗର ଅଣ୍ଡା (ବାଦାମୀ କିମ୍ବା ଧଳା) ପୁଷ୍ଟିକର ଭାବରେ ସମାନ । ସେଥିପାଇଁ ଉଭୟ ଅଣ୍ଡା ସ୍ୱାସ୍ଥ୍ୟପ୍ରଦ ।

# ପରିସ୍ରାର ରଙ୍ଗ ବଦଳିବା ହୋଇପାରେ HIVର ଲକ୍ଷଣ : ପୁରୁଷମାନେ କରନ୍ତୁ ନାହିଁ ଅଣଦେଖା

ଏଚ୍.ଆଇ.ଭି ଅର୍ଥାତ୍ ହ୍ୟୁମାନ୍ ଇମ୍ୟୁନୋଡେଫିସିଏନ୍ସି ଭାଇରସ୍ ଚିକିତ୍ସା କରାନଗଲେ ଏହା ଶରୀରରେ ସଂକ୍ରମଣ ବଢ଼ାଇ ଏଡସକୁ ଜନ୍ମ ଦେଇଥାଏ । ବର୍ତ୍ତମାନ ଏଡସର ଚିକିତ୍ସା ସମ୍ଭବ ନୁହେଁ, କିନ୍ତୁ ଏଚ୍.ଆଇ.ଭି ଚିହ୍ନଟ ହେବା ମାତ୍ରେ ମେଡିସିନ୍ ଏବଂ ସୁସ୍ଥ ଜୀବନଶୈଳୀ ଗ୍ରହଣ କରି ଏଡସ୍ ଷ୍ଟେଜ୍ ପର୍ଯ୍ୟନ୍ତ ପହଞ୍ଚିବାରୁ ଆପଣ ରକ୍ଷାପାଇପାରିବେ । ଏଡସକୁ ଏଡାଇବା ପାଇଁ ଏଚଆଇଭିର ଲକ୍ଷଣ ବୁଝିବା ଅତ୍ୟନ୍ତ ଜରୁରୀ । କିନ୍ତୁ କିଛି ଲକ୍ଷଣ ଅଛି ଯାହା କେବଳ ପୁରୁଷମାନଙ୍କଠାରେ ଏଚଆଇଭି ହେଲେ ଦେଖାଦେଇଥାଏ, ଯାହାକୁ ଭୁଲରେ ବି ଅଣଦେଖା କରିବା ଉଚିତ୍ ନୁହେଁ । ଏପରି ପରିସ୍ଥିତିରେ ଆସନ୍ତୁ ଜାଣିବା ପୁରୁଷମାନଙ୍କୁ କେଉଁ ଲକ୍ଷଣ ଅଣଦେଖା କରିବା ଉଚିତ୍ ନୁହେଁ...

***ପରିସ୍ରା ରଙ୍ଗରେ ପରିବର୍ତ୍ତନ :-***

ଯଦି କୌଣସି ପୁରୁଷଙ୍କୁ ଏଚ୍.ଆଇ.ଭି ହୁଏ, ତେବେ ପରିସ୍ରା ଯିବା ସମୟରେ ଯନ୍ତ୍ରଣା ହୋଇପାରେ । ଏହା ବ୍ୟତୀତ ଆପଣଙ୍କୁ ବାରମ୍ବାର ଶୌଚାଳୟ ବ୍ୟବହାର କରିବାକୁ ପଡିପାରେ । ଏହି ସମୟରେ ପରିସ୍ରା ସହିତ ରକ୍ତ ବାହାରିପାରେ । ବ୍ଲେଡର କିମ୍ବା ରେକ୍ଟମ୍ ଅଞ୍ଚଳରେ ଯନ୍ତ୍ରଣା ହୋଇପାରେ । ସେହି ସମୟରେ ତଳ ପେଟରେ ଯନ୍ତ୍ରଣା ଅନୁଭବ ହୋଇଥାଏ ।

***ପୁରୁଷମାନଙ୍କଠାରେ ଏଚ୍.ଆଇ.ଭି. ର ପ୍ରାରମ୍ଭିକ ଲକ୍ଷଣ:-***

ଟେଷ୍ଟିକଲ୍ସରେ ଯନ୍ତ୍ରଣା ଅନୁଭବ କରିବା, ରକ୍ଟମ୍ ଏବଂ ଅଣ୍ଡାକୋଷରେ ଯନ୍ତ୍ରଣା, ପ୍ରୋଷ୍ଟେଟ୍ ଗ୍ରନ୍ଥି ଫୁଲିବା, ପୁରୁଷମାନଙ୍କ ମଧ୍ୟରେ ଇନଫର୍ଟିଲିଟିର ସମସ୍ୟା, ହାଇପୋଗୋନାଡିଜିମର ଲକ୍ଷଣ, ଇରେକ୍ଟାଇଲ୍ ଡିସଫଙ୍କସନ ।

***ଜ୍ୱର ମଧ୍ୟ ଏଚ୍.ଆଇ.ଭି. ର ଲକ୍ଷଣ ହୋଇପାରେ :-***

ଆପଣଙ୍କୁ ଜ୍ୱରକୁ ଏଚ୍.ଆଇ.ଭି.ର ପ୍ରଥମ ଲକ୍ଷଣ ଭାବରେ ବିବେଚନା କରାଯାଇପାରେ । କାରଣ ଏଚ.ଆଇ.ଭି ଭାଇରସ୍ ଆପଣଙ୍କ ଶରୀରରେ ପ୍ରବେଶ କରିବା ମାତ୍ରେ ଏହା ରକ୍ତ ମାଧ୍ୟମରେ ବଢ଼ିବାକୁ ଲାଗେ, ଯେଉଁ କାରଣରୁ ଇମ୍ୟୁନିଟି ପ୍ରଭାବିତ ହେବା ସହ ଜ୍ୱର ଆସେ । ଏହା ସହ ଜ୍ୱର ହେବା ମାତ୍ରେ ଝାଳ ବୋହିବା, ଥଣ୍ଡା ଅନୁଭବ ହେବା, ଥକା ଲାଗିବା ଓ ଗଳାରେ ଯନ୍ତ୍ରଣା ହେବା ଆଦି ଲକ୍ଷଣ ନଜର ଆସିପାରେ । ଏହା ଛଡ଼ା ବାରମ୍ବାର ପିଲାମାନଙ୍କ ଉପରେ ଶାରୀରିକ ଅତ୍ୟାଚାର ଦ୍ୱାରା ସେମାନେ ଏହା ବିରୋଧରେ କଥା କହିବାକୁ ଲାଗିଥାନ୍ତି । ଆର୍ଥାତ୍ ସେମାନେ ନିଜର ପିତାମାତାଙ୍କ କଥାକୁ ମଧ୍ୟ ଶୁଣି ନଥାନ୍ତି । ଅଭିଭାବକଙ୍କ ପ୍ରତ୍ୟେକ କଥାରେ ସିଏ ରାଗ ଜରଜର ହୋଇଥାନ୍ତି ।



# ପୂଜା ସାମଗ୍ରୀକୁ ଠିକ୍ ସ୍ଥାନରେ ନରଖିଲେ ପଡିଥାଏ ନକାରାତ୍ମକ ପ୍ରଭାବ: ଜାଣନ୍ତୁ କ'ଣ କହୁଛି ବାସ୍ତୁଶାସ୍ତ୍ର ?

ଆମ ହିନ୍ଦୁ ଧର୍ମରେ ପୂଜାର ଅନେକ ମହତ୍ତ୍ୱ ରହିଛି। କିନ୍ତୁ ବାସ୍ତୁଶାସ୍ତ୍ର ଅନୁଯାୟୀ, ପୂଜା ସାମଗ୍ରୀକୁ ଯଦି ଠିକ୍ ସ୍ଥାନରେ ନ ରଖାଯାଏ; ତାହାର ନକାରାତ୍ମକ ପ୍ରଭାବ ପରିବାର ଉପରେ ପଡିଥାଏ। ତେବେ ଆସନ୍ତୁ ଜାଣିବା କେଉଁଠି ପୂଜା ସାମଗ୍ରୀ ରଖିବା ଉଚିତ ...



♦ପୂଜା ଘରେ କୌଣସି ମଣି କିମ୍ବା ରତ୍ନ ପଥରକୁ ରଖିବାକୁ ଚାହୁଁଥିଲେ, ତାହାକୁ ମଧ୍ୟ ସଫା କପଡ଼ା ଉପରେ ରଖିବା ଆବଶ୍ୟକ।

♦ଜଳନ୍ତା ଦୀପକୁ କେବେବି ଖାଲିରେ ତଳେ ଥୋଇବା ଠିକ୍ ? ନୁହେଁ। ଅଳ୍ପ କିଛି ଅରୁଆ ଚାଉଳ ରଖି ତା'ଉପରେ ଦୀପ ଥୋଇପାରିବେ କିମ୍ବା ଦୀପଷ୍ଟାଣ୍ଡ ଉପରେ ରଖି ଦୀପକୁ ଜଳାଇପାରିବେ।

♦ଶାଳଗ୍ରାମଙ୍କୁ ମଧ୍ୟ ଖାଲିରେ ତଳେ ନ ରଖି ସର୍ବଦା ସଫା ରେଶମୀ କପଡ଼ା ଉପରେ ରଖିବା ଦରକାର।

♦ଦେବୀଦେବଙ୍କ ମୂର୍ତ୍ତିକୁ ସର୍ବଦା କାଠ କିମ୍ବା ପିତଳର ଖଟୁଲି ହେଉ କିମ୍ବା କୌଣସି ଆସ୍ଥାନ ଉପରେ ନାଲି ରଙ୍ଗର ସଫା କପଡ଼ା ପକାଇ ତା'ଉପରେ ରଖିବା ଉତ୍ତମ ହୋଇଥାଏ।

♦କେବଳ ମୂର୍ତ୍ତି ନୁହେଁ, ଦେବୀଦେବଙ୍କର ବସ୍ତ୍ର ଓ ଆଭୂଷଣକୁ ମଧ୍ୟ ଚଟାଣ ଉପରେ ସେମିତି ଥୋଇବା ଠିକ୍ ? ନୁହେଁ। ଏହାକୁ ପରିଷ୍କାର ସ୍ଥାନରେ ପଲିଥିନ୍ ହେଉ ଅବା କାଗଜରେ ଭଲ ଭାବେ ଗୁଡ଼ାଇକି ରଖିବା ଦରକାର।

♦ପ୍ରଭୁଙ୍କୁ ଅର୍ପଣ କରାଯାଉଥିବା ଫୁଲକୁ ବି ତଳେ ନ ରଖି କୌଣସି ପବିତ୍ର ଧାତୁ କିମ୍ବା ସ୍ୱଚ୍ଛ ପାତ୍ରରେ ରଖିବା ଦରକାର।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ବିଜୟ...

ସମଗ୍ର ପୃଥିବୀର ବଳିଷ୍ଠ ନେତାମାନଙ୍କ ପାଇଁ କିଛି ଖୁସି ଖବର ନେଇ ଆସିଛି ସେମାନଙ୍କ ବର୍ଗର ଜଣେ ନେତାଙ୍କ ବିଜୟ; ପୁଣି ଥରେ ଧାର୍ମିକ ଏବଂ ସାଂସ୍କୃତିକ ଭାବରେ ରକ୍ଷଣପନ୍ଥୀ ମୂଲ୍ୟବୋଧସମ୍ପନ୍ନ ଜଣେ କଠୋରପନ୍ଥୀ ନେତାଙ୍କ ହାତକୁ ଆସିଛି କ୍ଷମତାର ଡୋର । କ୍ଷମତାର ଅଳିନ୍ଦରେ ନୂଆ ହୋଇ ନଥିବା ୬୯ ବର୍ଷୀୟ ରିସେପ୍ ତାୟିପ୍ ଏର୍ଡୋଗାନ୍, ଯିଏକି ତୁର୍କୀକୁ (ସାମ୍ପ୍ରତିକ ସମୟରେ ନୂଆ ନାମ ତୁର୍କୀଏ) ବିଗତ ୨୦ ବର୍ଷ ଧରି ଶାସନ କରି ଆସିଛନ୍ତି; ବିଶ୍ୱ ମତାମତଠାରୁ ତାଙ୍କର ଆଦର୍ଶବାଦକୁ ଦୂରେଇ ରଖି ନିଜର ଦେଶକୁ ନିଜ ରାଜନୀତିକ ମୂଲ୍ୟବୋଧରେ ଗଢ଼ି ଆସିଛନ୍ତି, ଆଉ ସେଥିପାଇଁ ତାଙ୍କ ଦେଶବାସୀ ତାଙ୍କୁ ପୁନଶ୍ଚ ବିଜୟୀ କରାଇଛନ୍ତି ନିର୍ବାଚନରେ । ତାଙ୍କ ପ୍ରତିଦ୍ୱନ୍ଦ୍ୱୀ, ତାଙ୍କଠୁ ପ୍ରାୟ ବୟସରେ ପା ବର୍ଷ ବଡ଼ କେମାଲ କିଲିଦାରୋଗ୍ଲୁ ଜନମତକୁ ମାନିନେଇ ଏର୍ଡୋଗାନ୍ଙ୍କୁ ଆଉ ଗୋଟିଏ ଅବଧିର ଶାସନ କରିବାକୁ ଛାଡ଼ି ଦେଇଛନ୍ତି । ଗଭୀର ଭାବରେ ବିଭାଜିତ ହୋଇ ଯାଇଥିବା ତୁର୍କୀର ନିର୍ବାଚନରେ ଶ୍ରୀଯୁକ୍ତ କିଲିଦାରୋଗ୍ଲୁ ୪୭.୯ ପ୍ରତିଶତ ଭୋଟ୍ ପାଇଥିବା ବେଳେ ଏର୍ଦୋଗାନ୍ ୫୨.୧ ପ୍ରତିଶତରୁ ଅଧିକ ଭୋଟ୍ ପାଇ ବିଜୟକୁ ତାଙ୍କଠାରୁ ଛଡ଼ାଇ ନେଇଛନ୍ତି। କିଲିଦାରୋଗ୍ଲୁ ଏହି ନିର୍ବାଚନକୁ 'ବିଗତ ବର୍ଷମାନଙ୍କରେ ସର୍ବାଧିକ ଜାଲିଆତିପୂର୍ଣ୍ଣ ନିର୍ବାଚନ' ବୋଲି ଅଭିହିତ କରିଛନ୍ତି। ଅପର ପକ୍ଷରେ, ଏର୍ଲୋଗାନ୍ ତାଙ୍କ ବିଜୟୀ ହେବାର ଅଭିଭାଷଣରେ କହିଛନ୍ତି ଯେ 'ନିର୍ବାଚନରେ ଏକମାତ୍ର ବିଜେତା ହେଉଛି ତୁର୍କୀ । ଯେଉଁ ଲୋକମାନେ ଆମକୁ ଦେଶକୁ ଆଉ ପା ବର୍ଷ ଶାସନ କରିବାର ଦାୟିତ୍ୱ ପ୍ରଦାନ କରିଛନ୍ତି, ମୁଁ ସେମାନଙ୍କୁ ଧନ୍ୟବାଦ ଜଣାଉଛି।' ଓଟ୍ଟୋମାନ୍ ସାମ୍ରାଜ୍ୟର ଧ୍ୱଂସାବଶେଷ ତଳୁ ଆଧୁନିକ ସମୟର ତୁର୍କୀ ନାମକ ଦେଶକୁ ପ୍ରତିଷ୍ଠିତ କରାଇ ଥିବା ମୁସ୍ତାଫା କେମାଲ ଆତାତୁର୍କଙ୍କ ପରେ ଏହି ବିଜୟ ସହିତ ଏର୍ଡୋଗାନ୍ ତୁର୍କୀକୁ ସର୍ବାଧିକ ସମୟ ଶାସନ କରିଥିବା ଶାସନକ ର୍ା ହୋଇ ପାରିଛନ୍ତି। ବିଗତ ଏକ ଦଶନ୍ଧି ଭିତରେ ଶ୍ରୀଯୁକ୍ତ ଏର୍ଡୋଗାନ୍ ଦ୍ରୁତ ଗତିରେ ତାଙ୍କ କ୍ଷମତାର ସୁଦୃଢ଼ୀକରଣ କରି ପାରିଛନ୍ତି। ଯେଉଁସବୁ ଅନୁଷ୍ଠାନ ତାଙ୍କ କ୍ଷମତା ଉପରେ ଅଙ୍କୁଶ ଲଗାଇବାର ଉଦ୍ୟମ କରିଥିଲେ, ସେମାନଙ୍କୁ ଦୁର୍ବଳ କରିବା ସହିତ ତାଙ୍କ ସପକ୍ଷକୁ ଗଣମାଧ୍ୟମର ଏକ ବଡ଼ ଅଂଶକୁ ଆଣି ପାରିଛନ୍ତି, ଏମିତିକି ନିଜର ଶାସନ କାଳର ଅବଧି ବଢ଼ାଇବାକୁ ସମ୍ବିଧାନରେ ସଂଶୋଧନ ମଧ୍ୟ କରିଛନ୍ତି । ଦେଶର ପ୍ରତିଷ୍ଠାତାଙ୍କ ଧର୍ମନିରପେକ୍ଷ ମୂଲ୍ୟବୋଧକୁ ଧୀରେ ଧୀରେ ଭାଙ୍ଗି ସାରିଥିବା ଏର୍ଲୋଗାନ୍ ନିଜର ବ୍ୟକ୍ତିଗତ ଯାଦୁକରୀ ଶକ୍ତିର ଗଭୀର ଭାବପ୍ରବଣତାକୁ ବ୍ୟକ୍ତ କରିବାକୁ ଯାଇ ତୁର୍କୀର ଭବିଷ୍ୟତ ସମ୍ପର୍କରେ କହିଛନ୍ତି ଯେ ସେ ଆଗାମୀ ଶତାବ୍ଦୀକୁ ତୁର୍କୀର ଶତାବ୍ଦୀ ଭାବରେ ପ୍ରତିଷ୍ଠା କରିବା ସହିତ 'ଏକ ରାଷ୍ଟ୍ର, ଏକ ଝଣ୍ଡା, ଏକ ମାତୃଭୂମି, ଏକ ରାଜ୍ୟ'ର ନାରା ଦେଇ ଲଢ଼େଇ କରିଥିଲେ। ଅବଶ୍ୟ ଏହା ଭିତରେ ସେ ନ କହିଥିବା ଜଣେ ସର୍ବୋଚ୍ଚ ଶାସନକ ର୍ା ଯେ ଅନ୍ତର୍ଭୁକ୍ତ, ତାହା ବୁଝିହୁଏ। ତତୁର୍କୀର ଏହି ନିର୍ବାଚନ ଫଳାଫଳ କେବଳ ତୁର୍କୀକୁ ନୁହେଁ, ବରଂ ସମଗ୍ର ବିଶ୍ୱକୁ ଅନେକଗୁଡ଼ିଏ ଦିଗରୁ ପ୍ରଭାବିତ କରିବାକୁ ଯାଉଛି । ଏସିଆ ଏବଂ ୟୁରୋପ୍ ମହାଦେଶର ଏକ କୌଶଳପୂର୍ଣ୍ଣ ସ୍ଥାନରେ ଆଙ୍କାରାର ଅବସ୍ଥିତି ଏବଂ ମୁସଲମାନ ଜଗତ ସହିତ ଏହି ରାଷ୍ଟ୍ରର ସମ୍ପର୍କ ବିଶ୍ୱରେ ଏହାକୁ ଏକ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଭୂ-କୌଶଳଭିତ୍ତିକ ରାଷ୍ଟ୍ରରେ ପରିଣତ କରିଛି । ନାଟୋର ଏକ ସଦସ୍ୟ ଭାବରେ ତୁର୍କୀ ଏହାକୁ ୟୁରୋପୀୟ ରାଷ୍ଟ୍ରସଂଘ (ଇୟୁ)ର ଅନ୍ତର୍ଭୁକ୍ତ କରାଯାଉ ବୋଲି ଚାହିଁବ । ସମାନ-ଲିଙ୍ଗ ଅଧିକାରର ବିରୋଧୀ ସାମାଜିକ ଭାବରେ ତାଙ୍କର ରକ୍ଷଣଶୀଳ କାର୍ଯ୍ୟସୂଚୀ ଏବଂ କୁର୍ଦ୍ଦ ବିଚ୍ଛିନ୍ନତାବାଦୀଙ୍କୁ ତାଙ୍କର ମୁଖ୍ୟ ବିରୋଧୀ କେମାଲ କିଲିଦାରୋଗ୍ଲୁ ସମର୍ଥନ କରୁଛନ୍ତି ବୋଲି ନାଗରିକମାନଙ୍କୁ ବୁଝାଇବା ସଫଳ ହୋଇ ପାରିଛନ୍ତି । କିନ୍ତୁ ଅସ୍ଥିର ଗଣତନ୍ତ୍ର, ମୌଳିକ ଅଧିକାର ପ୍ରଦାନକୁ ଅସ୍ୱୀକାର କରାଯିବା, ସ ାବାଦୀ ଶାସନ ଏବଂ ଏକ ବଳିଷ୍ଠ ଆଇନର ଶାସନର ଅଭାବ ଭଳି ପ୍ରସଙ୍ଗଗୁଡ଼ିକ ଯୋଗୁଁ ଇୟୁ ଏହାକୁ ତା'ର ଦ୍ୱାରଦେଶରେ ଅଟକାଇ ରଖୁଛି । ଏଥିରେ କ୍ୱଚିତ୍ କିଛି ସନ୍ଦେହ ରହିବ ଯେ ଏର୍ଦ୍ଦୋଗାନ୍ଙ୍କ କଠୋର, ଯଦିଓ କିଛିଟା ଅପ୍ରତ୍ୟାଶିତ, ବିଦେଶ ନୀତି ତାଙ୍କର ଉଦର ପୂର୍ଣ୍ଣ କରୁଥିବା ପ୍ରାଚୀନ ପଶ୍ଚିମ ଏସିଆ ଉପରେ ସର୍ବାଧ ?କ ପ୍ରଭାବ ପକାଇବ । ତେବେ ଯାହା ଖୁବ୍ କମ୍ ଅନିଶ୍ଚିତ, ତାହା ହେଉଛି, ଭାରତକୁ ନେଇ ତାଙ୍କର ମନୋଭାବ । ନିକଟ ଅତୀତର ବର୍ଷଗୁଡ଼ିକରେ ଭାରତ ସହିତ ତୁର୍କୀର ସମ୍ପର୍କ ଦୁର୍ବଳ ହୋଇଛି କାଶ୍ମୀରରୁ ଭାରତ ସରକାର ଧାରା ୩୭୦ ପ୍ରତ୍ୟାହାର କରିନେବା ପରେ ଶ୍ରୀଯୁକ୍ତ ଏର୍ଡୋଗାନ୍ ଏହା ଉପରେ ଦେଇଥିବା ମନ୍ତବ୍ୟ ଯୋଗୁଁ । ପୁନଶ୍ଚ, ସେ ମଧ୍ୟ ଇସ୍ଲାମାବାଦର ଅଧିକ ନିକଟବ ର୍ୀ ହେବାକୁ ଉଦ୍ୟମ କରିଛନ୍ତି, ଯେଉଁଥିପାଇଁ ଭାରତ ସହିତ ସମ୍ପର୍କରେ ସୃଷ୍ଟି ହୋଇଛି ଅସ୍ଥିରତା । ତେବେ ଏର୍ଲୋଗାନ୍ଙ୍କ ବିଜୟ ପରେ ଅନ୍ୟମାନଙ୍କ ମଧ୍ୟରେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ବିଶ୍ୱର ପ୍ରଭାବଶାଳୀ ନେତୃବୃନ୍ଦ ଯେଉଁମାନଙ୍କ ମଧ୍ୟରେ ଅଛନ୍ତି ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ୍, ରୁଷିଆର ରାଷ୍ଟ୍ରପତି ପୁଟିନ୍ ଏବଂ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି ଏକାଠି ମିଶି କାମ କରିବାକୁ ଓ ସହଯୋଗକୁ ବୃଦ୍ଧି କରିବାକୁ । ତେବେ କ'ଣ ଏର୍ଡୋଗାନ୍ଙ୍କ

# ଜନ୍ମଦିନରେ କବି ପଞ୍ଚାନନ ଦାଶଙ୍କ ସ୍ମରଣ

**ଡ. ଶିଶିର କୁମାର କର**

କବି ପ ାନନ ଦାଶ ଆଜିର ଦିନରେ ୦୧.୦୬.୬୨ରିଖ ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ପଦ୍ମପୁର ଠାରେ ଭୂମିଷ୍ଠ ହୋଇଥିଲେ । ଏକ କୃଷ୍ଣଭକ୍ତ ଦରିଦ୍ର ପରିବାର ହୋଇଥିବାରୁ ଅସତ ଥିଲା ଚିର ସହଚର । ପିତା ରାଧାନାଥ ଦାଶ କଲିକତାରେ ରହି ବଣିଜ ବେପାର କରୁଥିଲେ । ମାତା ଯଶୋଦା ଦେବୀ କଷ୍ଟେ ମଷ୍ଟେ ପରିବାର ଚଳାଉଥିଲେ । ପିଲାଟିକୁ ଗୋରୁ ଖୁ ରେ ବାନ୍ଧି କିଛି ଖେଳନା, ତାଟିଏ ମୁଢ଼ି ଦେଇ ସେ ଘରକାମ କରୁଥିଲେ । ପିଲାଟି ସେଗୁଡ଼ିକୁ ଏପଟ ସେପଟ କରୁ କରୁ କ୍ଳାନ୍ତ ହୋଇ ଶୋଇ ପଡୁଥିଲା ।

ପ ାନନ ଦାଶଙ୍କ ପରିବାର ମୂଳରୁ ଠାକୁର ବାଡିଆ ଥିଲେ । ତାଙ୍କ ଘର ପାଖ ମନ୍ଦିରରେ ମଦନମୋହନ, ରାଧାମାଧବ, ଗୋବିନ୍ଦ ଜୀଉ ଠାକୁର ପୂଜା ହେଉଥିଲା। ପିଲାଟି ବଢ଼ିଗଲା ପରେ ରାଧାକୃଷ୍ଣ ନାଚ ନାଚିଲା, ଯାତ୍ରା ପାର୍ଟିରେ ଶିଶୁ କଳାକାର ଭାବରେ ନାଚୁଣୀ ଟୋକା ହୋଇ କଳା ପ୍ରଦର୍ଶନ କରିବା ଥିଲା ଅଭ୍ୟାସ । ପିଲାଟିର ଏକ ଛୋଟ ଭଉଣୀ ଥିଲା ତା'ର ନାମ ହେଉଛି ଅନ୍ନପୂର୍ଣ୍ଣା।

କବି ପ ାନନ ଦାଶଙ୍କର ପା ବର୍ଷରେ ଖଡ଼ିଛୁଆଁ, ନଅ ବର୍ଷରେ ବ୍ରତୋପନୟନ ଓ ମାତୃବିୟୋଗ ଘଟିଥିଲା ୧୧ବର୍ଷ ବୟସରେ । ମାତୃ ବିୟୋଗ ବେଳକୁ ସେ ପ ମ ଶ୍ରେଣୀ ପାସ୍ କରିଥିଲେ । ମାତୃ ଛେଉଣ୍ଡ ଭାଇଭଉଣୀ ଦୁଇଜଣ ବଡ଼ବାପାଙ୍କ ଘରେ ହେଲେ ପ୍ରତିପାଳିତ । ଦୁଇଜଣଙ୍କର ପାଠପଢ଼ା ବନ୍ଦ ହେଲା । ଶିଶୁ ପ ାନନ ବଡ଼ବାପାଙ୍କୁ ଧାନ ତଳି ରୋଇବା, କଳେଇ ବୋହିବା, ହିଡ଼ ବାନ୍ଧିବା ଓ ଗୋବର ସାଉ ିବା କାର୍ଯ୍ୟରେ ସାହାଯ୍ୟ କଲେ । କାଳକ୍ରମେ ପରିଶ୍ରମର ଚାପରେ ଅତଷ୍ଟ ହୋଇ ପଦ୍ମପୁର ଛାଡ଼ିଲେ । ବଡ଼ବାପାଙ୍କ ଭିଣୋଇ ବୀରଭଦ୍ର ଦାଶଙ୍କ ଘରେ ପେଣ୍ଡରାଇରେ ଦୁଇ ଭାଇଭଉଣୀ ଯାଇ ରହିଲେ । ସେ ଘରେ ପାଠ ପଢ଼ିବାର ସୁଯୋଗ ଥିଲା। ପେଣ୍ଡରାଇ ହାଇସ୍କୁଲରେ ପାଠ ପଢ଼ିବା ସମୟରେ ପାଠସହ ନୃତ୍ୟ, ଅଭିନୟ ଓ ଲେଖାଲେଖିରେ ସେ ଥିଲେ ଆଗୁଆ। ହେଲେ ସେଠାରେ ଦଶମ ଶ୍ରେଣୀ ଖୋଲିଲା ନାହିଁ । ଫଳରେ ସେ ମାର୍କୋଣାରେ ରଘୁନାରାୟଣ ହାଇସ୍କୁଲରେ ପାଠ ପଢ଼ି ମେଟ୍ରିକ ପାସ୍ ହେଲେ । ପରେ ପରେ ତୁଡ଼ିଗଡ଼ିଆ ବେସିକ୍ ଟ୍ରେନିଙ୍ଗ୍ ସ୍କୁଲରେ ଅଧ୍ୟୟନ କରିଥିଲେ । ଶେଷରେ କଲିକତା ଟ୍ରେନିଙ୍ଗ ଏକାଡେମୀରୁ ଦୁଇବର୍ଷ ଶିଖିଲେ ଟାଇପ୍ ରାଇଟିଙ୍ଗ୍। ସେଠାରୁ ଫେରି ପେଣ୍ଡରାଇରେ ଜୟନ୍ତୀ ପାଠାଗାର ଓ ପଦ୍ମପୁରରେ ଶ୍ରୀ ଦୁର୍ଗା ପାଠାଗାର ପ୍ରତିଷ୍ଠା କରି ସାଧାରଣ ସଂପାଦକ ଦାୟିତ୍ୱ ବହନ କରିଥିଲେ ।

୧୯୬୦ ମସିହାରେ ସେ ବାଉଲି ଦାସଙ୍କର କନ୍ୟା ଚ ଳାବାଳା ଦାଶଙ୍କୁ ବିବାହ କରିଥିଲେ । ୧୯୬୯ ମସିହାରେ ଏକ କନ୍ୟା ଓ ୧୯୭୧ ମସିହାରେ ସେ ଏକ ପୁତ୍ରସନ୍ତାନର ଜନନୀ ହୋଇଥିଲେ । ୧୯୭୧ ମସିହାରେ କବି ପ ାନନ ଦାଶଙ୍କର ପିତୃ ବିୟୋଗ ଘଟିଥିଲା ।

୧୯୬୨ ମସିହାରେ ନିଜ ପ୍ରତିଭାର ଉନ୍ମେଷ ପାଇଁ ସେ ସଂସ୍କୃତି ସଂପନ୍ନ ସହର ବାଲେଶ୍ୱରରେ ପଦାର୍ପଣ କଲେ । କଲେକ୍ଟରିଏଟ୍‌ର ହେଡ୍ ଏସିଷ୍ଟାଣ୍ଟ ବନବିହାରୀ ଦାସଙ୍କ ଘରେ ପ୍ରଥମେ ଟିଉସନ୍ କରିଥିଲେ । ତାଙ୍କରି କୃପାରୁ ଜିଲ୍ଲାରୁ ଜିଲ୍ଲା ପରିସଂଖ୍ୟାନ ବିଭାଗରେ ଶ୍ରୀ ଦାସଙ୍କୁ ୯୦ ଟଙ୍କାର ଚାକିରିଟିଏ ମିଳିଥିଲା । ମୀର୍ଜାପୋଖରୀ ପାଖରେ ଥିବା ତୁଳସୀ ରଂଜନ ମିଶ୍ରଙ୍କ ଘରେ ସେ ସାତବର୍ଷ ଟିଉସନ କରିଥିଲେ । ଫଳରେ ଆସ୍ତେ ଆସ୍ତେ ବାଲେଶ୍ୱରର ଗୁଣୀ ଓ ଶିକ୍ଷିତ ଲୋକମାନଙ୍କ ସଂସ୍ପର୍ଶରେ ସେ ଆସିଥିଲେ ।



ସେ ତାଲିମ୍ ଗ୍ରହଣ କରିନଥିବାରୁ ତାଙ୍କୁ ଚାକିରିରୁ ଛଟେଇ କରି ଦିଆଗଲା । ସେ ସେଲଟେକ୍ସ ଅଫିସ୍ ଆଗରେ ପାନ ଦୋକାନଟିଏ ଖୋଲି ଜୀବିକା ନିର୍ବାହ କରିଥିଲେ । ପାନ ବିକ୍ରି ସଙ୍ଗେ ସେ ଲେଖୁଥିଲେ କବିତା । ପାନଟିଏ ବିକିଲା ସହିତ ଗ୍ରାହକମାନଙ୍କୁ ପଢ଼ାଉଥିଲେ କବିତା । କାଳକ୍ରମେ ସେ ଡ୍ରାଫ୍ଟମ୍ୟାନ ତାଲିମ୍ ଗ୍ରହଣ କଲେ । ଫଳରେ ବନ୍ଦୋବସ୍ତ ବିଭାଗରେ ଏକ ଚାକିରି ପାଇଗଲେ।

୧୯୬୨ ମସିହାରେ ଯୁଗଭେରୀର ସଂପାଦକ ୰ ରାୟଶ୍ରୀ ଉପେନ୍ଦ୍ର ପ୍ରସାଦ ନାୟକ ତାଙ୍କ ପ୍ରଥମ ସୃଷ୍ଟିଟିକୁ ପ୍ରକାଶ କରିଥିଲେ । ଗାଳ୍ପିକ କହ୍ନେଇଲାଲ ତାଙ୍କୁ ପ୍ରଥମେ ନେଇ ବିଶ୍ୱଶ୍ରୀ ପ୍ରେସର କବି ବ୍ରଜନାଥ ରଥଙ୍କ ସହିତ ପରିଚୟ କରାଇ ଦେଇଥିଲେ । କବି ଶ୍ରୀ ରଥ ତାଙ୍କର ଗଳ୍ପ ଓ କବିତା ଗୁଡ଼ିକୁ ପଢ଼ି କବିତା ଲେଖିବା ପାଇଁ ପରାମର୍ଶ ଦେଲେ । ଏହାପରେ ସେ ତତ୍କାଳୀନ ଫକୀରମୋହନ ସାହିତ୍ୟ ପରିଷଦର ସମ୍ପାଦକ କବି ଚନ୍ଦ୍ର କୁମାର ମହାନ୍ତିଙ୍କୁ ତିନିଟଙ୍କା ଦେଇ ପ୍ରାଥମିକ ସଭ୍ୟ ହୋଇଥିଲେ ।

୧୯୭୨ ମସିହାରେ ସେ କହ୍ନେଇଲାଲ ଦାସଙ୍କ ସହିତ ପରିଷଦର ଯୁଗ୍ମ ସଂପାଦକ ଦାୟିତ୍ୱ ବହନ କରିଥିଲେ । ୧୯୮୦ରେ ସାଧାରଣ ସଂପାଦକ, ୧୯୯୭ରେ ଉପସଭାପତି ପରେ ପରେ ୨୦୧୨ ମସିହା ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ପରିଷଦର ବିଭିନ୍ନ ପଦପଦବୀ ମଣ୍ଡନ କରିଥିଲେ । ତାଙ୍କର ଚେହେରା ଦେଖି କେତେକ ସାହିତ୍ୟିକ ତାଙ୍କୁ ମିନି ଫକୀର ମୋହନ ବୋଲି ଡାକୁଥିଲେ। ଫଳରେ ଦୂରଦର୍ଶନରେ ଫକୀରମୋହନ ଚରିତ୍ରକୁ ସେ ସଫଳ ଭାବରେ ଫୁଟାଇ ପାରିଥିଲେ । ସେ ବ୍ରଜନାଥ ରଥଙ୍କ ଆଶିଷ ଲାଭକରି ବହୁ ସାହିତ୍ୟ ଓ ସଂସ୍କୃତି ଅନୁଷ୍ଠାନ ସହିତ ହୋଇଥିଲେ ସଂପର୍କିତ ।

୧୯୭୭ ମସିହାରେ ଯୁବକବି ମାନଙ୍କୁ ନେଇ 'ଏଇ ଦଶକର ସାହିତ୍ୟ' ସଂକଳନ ପ୍ରକାଶ କରିଥିଲେ । କାଳକ୍ରମେ ତାଙ୍କର 'ଅସଫଳ ଇଚ୍ଛାର ସହର', 'ଋତୁ ବିତିବାର ବେଳ', 'ସେ ନଗ୍ରକୁ ଯାଆନାରେ ପକ୍ଷୀ' ଏବଂ 'ଅପେକ୍ଷାରେ ଦିନରାତି' କବିତା ସଂକଳନ ପ୍ରକାଶିତ ହୋଇଥିଲା । ୧୯୯୫ ମସିହାରେ ବ୍ରଜନାଥ ରଥଙ୍କ ପ୍ରକାଶନରେ ସେ ୧୬ଜଣ କବିଙ୍କୁ ନେଇ 'ଏଠି ଏକାଠି' ହୋଇଥିଲା ପ୍ରକାଶିତ । ତାଙ୍କ କବିତା ରୋମା ିକ୍ ଚେତନା, ଏ ିରୋମା ିକ୍ ଚେତନା, ସାଇ ଚେତନା, ଜୀବନ ଯନ୍ତ୍ରଣାର ଚିତ୍ର ପ୍ରତିଫଳିତ ହୋଇଥିବାର ଦେଖାଯାଏ । ସରଳ, ସାବଲୀଳ ଢଙ୍ଗରେ ସେ ଛନ୍ଦମୁକ୍ତ କବିତାମାନ ଲେଖୁଥିଲେ । ତେଣୁ ପାଠକୀୟ ଲୋକପ୍ରିୟତା ଲାଭ କରିଥିଲେ । ତାଙ୍କର କବିତା ଗୁଡ଼ିକ ଝଙ୍କାର, ନବରବି, ଆସନ୍ତାକାଲି, ସହକାର, ଇସ୍ତାହାର, ଗୋକର୍ଣ୍ଣିକା, ସାଗରିକା, ଅକ୍ଷାଂଶ ପ୍ରଭୃତି ମର୍ଯ୍ୟାଦାଜନକ ପତ୍ର ପତ୍ରିକାରେ ହେଉଥିଲା ପ୍ରକାଶିତ । ସେ ବହୁ ପତ୍ରପତ୍ରିକାର ସଂପାଦନା ମଣ୍ଡଳୀ ସହିତ ଜଡିତ ଥିଲେ । ଉ ର ଓଡ଼ିଶା ସାହିତ୍ୟ ସଂସ୍କୃତି ସମ୍ମେଳନ ଓ ନୃତ୍ୟ - କଳା ମନ୍ଦିରରେ ସେ ଦୀର୍ଘଦିନ ବିଭିନ୍ନ ପଦପଦବୀରେ ରହିଥିଲେ । ସେ ଚଲାପଥ, ଶାମୁକା, ରୂପାଥାଳିଆ, ଧ୍ୱନିପ୍ରତିଧ୍ୱନି, ଗାଁ ମଜଲିସ, ଦୀନକୃଷ୍ଣ ସାହିତ୍ୟ ପରିଷଦ, ଫକୀରମୋହନ ସାହିତ୍ୟ ପରିଷଦ ଗୌରବ ଇତ୍ୟାଦି ବହୁ ସମ୍ବର୍ଦ୍ଧନା ଓ ପୁରସ୍କାର ଲାଭ କରିଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ଦିଲ୍ଲୀ ଓ ଜୟପୁର ସମ୍ମେଳନର ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିଲେ ।

ସେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ତା ୦୮.୦୪.୨୦୧୭ ରିଖରେ ଡାଏଲେସିସ୍ ହେଉ ହେଉ ଜ୍ୟୋତି ହସପିଟାଲରେ ଆରପାରିକୁ ଚାଲି ଯାଇଥିଲେ । ୦୬.୦୫.୨୦୧୨ରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ମରଣୋ ର ବୟୋଜ୍ୟେଷ୍ଠ ସାରସ୍ୱତ ସମ୍ବର୍ଦ୍ଧନା ଲାଭ କରିଥିଲେ । ଜଣେ ଦରଦୀ କବି, ମରମୀ ମଣିଷ ଓ ସାହିତ୍ୟ ସଂଗଠନ ଭାବରେ ସେ ସ୍ମରଣୀୟ ହୋଇ ରହିବେ ।

+ ଶ୍ରୀକଣ୍ଠପୁର, ବାଲେଶ୍ୱର
ମୋ: ୯୭୭୮୫୪୩୮୯୭

# ପିଲାଙ୍କ ହାତ-ପାଦ-ମୁହଁ ରୋଗ



**ପ୍ରଫେସର ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ**

ରାଜ୍ୟରେ ହ୍ୟାଣ୍ଡ ଫୁଟ ଓ ମାଉଥ ଡିଜିଜ ବା ଏଚଏଫଏମ୍‌ଡି ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି। ଏଚଏଫଏମଡି ରୋଗ ପାଞ୍ଚବର୍ଷରୁ କମ ପିଲାଙ୍କ ଠାରେ ହୋଇଥାଏ। ଏହା କକ୍ସାକିଭାଇରସ ଏ୧୬ ନାମକ ଏକ ଭୂତାଣୁ ଜନିତ ରୋଗ। ଏହି ରୋଗ ହେଲେ ହାତ, ପାଦ ଓ ମୁହଁରେ ନାଲି ନାଲି ଫଳିଯାଇ ଜ୍ୱର ହୁଏ। ହାତର ପାପୁଲିରେ, ମୁହଁର ଚାରିପାଖରେ, ପାଦ ତଳିପାରେ ଏବଂ ଆଣ୍ଠୁ, ଛାତି, ପିଠି, ପିଚା ଓ ଯୌନାଙ୍ଗରେ ବି ନାଲି ନାଲି ଫଳିବା ଦେଖାଯାଏ। ଗଳାରେ ହେଲେ ତଣ୍ଟି ଦରଜ ବି ହୋଇପାରେ। ପିଲାକୁ ଜ୍ୱର ହୋଇପାରେ ଏବଂ ବେଳେ ବେଳେ ଭୀଷଣ ଜ୍ୱର ହୁଏ। ଭୋକ ମରିଯାଇପାରେ ଓ ପିଲା କିଛି ଖାଇବାକୁ ଇଚ୍ଛା କରେନାହିଁ। ଏହି ରୋଗ ହେଲେ ଲକ୍ଷଣ ଅନୁଯାୟୀ ଶିଶୁରୋଗ ବିଶେଷଜ୍ଞଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚିକିତ୍ସା କରାଯିବା ଉଚିତ।

ଏହି ରୋଗ ଅତ୍ୟନ୍ତ ସଂକ୍ରାମକ। ସଂକ୍ରମିତ ପିଲାର ମଳ, ମୂତ୍ର, ଲାଳ, ସିଙ୍ଘାଣି, ଛେପ, ଖଙ୍କାର ଆଦି ସଂସ୍ପର୍ଶରେ ଆସିବା ମାତ୍ରେ ଅନ୍ୟ ପିଲା ସଂକ୍ରମିତ ହୋଇଥାଏ। ଯଦି କୌଣସି ପିଲାଠାରେ ଏପରି ଲକ୍ଷଣ ଦେଖାଯାଏ, ତେବେ ସେ ସମ୍ପୂର୍ଣ୍ଣ ଭଲ ନ ହେବା ଯାଏ ୫-୭ ଦିନ ପର୍ଯ୍ୟନ୍ତ ତାକୁ ଅନ୍ୟ ପିଲାଙ୍କ ସହ ଖେଳିବା କିମ୍ବା ସ୍କୁଲକୁ ଯିବାକୁ ନ ଦେବା ଉଚିତ। କକ୍ସାକିଭାଇରସ ଏ୧୬ ହେଉଛି ଏଣ୍ଟରୋଭାଇରସ ପରିବାରର ଯାହାକି ଏଚଏଫଏମଡି ରୋଗର କାରଣ। ଏହା ମୁଖ୍ୟତଃ ୫ରୁ କମ ବର୍ଷ ବୟସର ପିଲାଙ୍କ ଠାରେ ସଂକ୍ରମିତ ହୋଇଥାଏ। ଅନ୍ୟ ଫ୍ଲୁ ଭଳି ଏହା ମଧ୍ୟ ସଂକ୍ରାମକ। ସବୁଠୁ ବଡ଼କଥା ହେଲା ଏହାକୁ ଛୁଇଁଲେ ବ୍ୟାପିଥାଏ। ତେଣୁ ଆପଣଙ୍କ ଆଖପାଖରେ ଯଦି ଏଭଳି ଲକ୍ଷଣ ଥିବା ଶିଶୁ ଦେଖୁଛନ୍ତି ତ ତାଠାରୁ ଅନ୍ୟ ପିଲାମାନଙ୍କୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ଆପଣଙ୍କ ପିଲା ଯଦି ଏହି ରୋଗରେ ଆକ୍ରାନ୍ତତ ହେଉଛି ତ ତାକୁ ସମସ୍ତଙ୍କ ଠାରୁ ଅଲଗା ରଖିବାକୁ ଚେଷ୍ଟା କରନ୍ତୁ। ନିଃସନ୍ଦେହ ଏହା ହେଉଛି ଏକ ସଂକ୍ରାମକ ରୋଗ। କିନ୍ତୁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଦାବି ଯେ ଏହା ମାରାତ୍ମକ ନୁହେଁ ଏବଂ ଏହାର ଚିକିତ୍ସା ମଧ୍ୟ କରାଯାଇପାରିବ। ଆମକୁ କିନ୍ତୁ ସତର୍କ ରହିବାକୁ ପଡ଼ିବ। କିନ୍ତୁ ୧୨ ବର୍ଷର ପିଲାଙ୍କୁ ବି ଏହା ହେବାର ଦେଖାଯାଇଛି ଏବଂ କେତେକଙ୍କ ଠାରେ ଏହା ଦ୍ୱିତୀୟ ବାର ହୋଇଛି। ତେବେ ଏହା ହେବା କଥା ନୁହେଁ କାରଣ ଥରେ ଏପରି ଭୂତାଣୁଜନିତ ରୋଗ ହେଲେ ପିଲାଠାରେ ସେହି ରୋଗର ନିରୋଧକ କ୍ଷମତା ସୃଷ୍ଟି ହୋଇଯାଇଥାଏ। ତେବେ କକ୍ସାକିଭାଇରସ ଏ୧୬ର ଏକ ଅନ୍ୟ ଷ୍ଟ୍ରେନ ଯଥା ଏ୧୬ଏ୧୬ ବା ସମ୍ପୂର୍ଣ୍ଣ ଅନ୍ୟ ଏକ ଭୂତାଣୁ ହୁଏତ ଦ୍ୱିତୀୟ ବାର ଏହି ରୋଗ ସୃଷ୍ଟି କରୁଥାଇପାରେ। ଉଦାହରଣ ସ୍ୱରୂପ ପୂର୍ବ ଓ ଦକ୍ଷିଣ ପୂର୍ବ ଏସିଆରେ ଏଚ୍ଏଫଏମଡି ରୋଗ ସୃଷ୍ଟି କରିବାରେ ଏଣ୍ଟରୋଭାଇରସ ୭୧ (ଇଭି-ଏ୭୧)ର ଭୂମିକା ଥିବା ଦେଖିବାକୁ ମିଳିଛି। ସମ୍ପ୍ରତି ଓଡ଼ିଶାରେ ଯେଉଁ ପିଲା ସଂକ୍ରମିତ ହୋଇଛନ୍ତି, ସେମାନେ ପ୍ରକୃତରେ କକ୍ସାଭିକାଇରସ ଏ୧୬ ଦ୍ୱାରା ବା ଏଣ୍ଟରୋଭାଇରସ ୭୧ ଦ୍ୱାରା ସଂକ୍ରମିତ ହୋଇଛନ୍ତି ତାହା ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ଏ ପରିପ୍ରେକ୍ଷୀରେ ଯେ କୌଣସି ସଂକ୍ରାମକ ରୋଗ ଉପରେ ନଜର ରଖିବା ଏବଂ ନିୟମିତ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇବା ହେଉଛି ଗୁରୁତ୍ୱପୂର୍ଣ୍ଣ। କକ୍ସାକିଭାଇରସ ଏ୧୬ ମଧ୍ୟ ହାତ-ପାଦ-ମୁହଁ ରୋଗ ସୃଷ୍ଟି କରିପାରେ ଯେଉଁଥିରେ ଲକ୍ଷଣଗୁଡ଼ିକ ଅଧିକ ଗୁରୁତର। ଇଭି ଏ୭୧ ଦ୍ୱାରା ଏକ ବିରଳ ରକମର କକ୍ସାକିଭାଇରସ୍ ରୋଗ ମଧ୍ୟ ସୃଷ୍ଟି ହୋଇଥାଏ ଯାହା ସହ ମସ୍ତିଷ୍କର ଏକ ଭୟଙ୍କର ରୋଗ ଏନସେଫାଲାଇଟିସ୍ର ସମ୍ପର୍କ ଥାଏ। ଏଚ୍ଏଫଏମ୍‌ଡି ପ୍ରାୟତଃ ବୟସ୍କ ଲୋକମାନଙ୍କୁ ହୁଏନାହିଁ। କିନ୍ତୁ ୧୨ ବର୍ଷ ବୟସ ପର୍ଯ୍ୟନ୍ତ କିଛି ପିଲାଙ୍କୁ ଏହି ରୋଗ ହେବାର ଦେଖାଯାଇଛି। ସେହି ୧୨ ବର୍ଷ ବୟସ ପର୍ଯ୍ୟନ୍ତ କେତେକ ପିଲାଙ୍କର ୮ବର୍ଷ ତଳେ ଏହି ହୋଇଥିବା ନଜୀର ରହିଛି। ଏଥିରୁ ଭୂତାଣୁଙ୍କ ଅନ୍ୟ କିଛି ଷ୍ଟ୍ରେନ ବା ସମ୍ପୂର୍ଣ୍ଣ ନୂତନ ଭୂତାଣୁ ସମାନ ଲକ୍ଷଣ ବିଶିଷ୍ଟ ରୋଗ ସୃଷ୍ଟି କରୁଥିବାର ଅନୁମାନ କରାଯାଉଛି। ପିଲାକୁ ସ୍ୱାସ୍ଥ୍ୟକର ପରିବେଶରେ ରଖନ୍ତୁ। ନିୟମିତ ତାର ଜ୍ୱରକୁ ମାପନ୍ତୁ। ଯଦି ଆପଣଙ୍କ ପିଲା ଏହି ରୋଗରେ ଆକ୍ରାନ୍ତ ତ ଆପଣଙ୍କୁ ପ୍ରଥମେ ସ୍ୱଚ୍ଛତା ଉପରେ ଧ୍ୟାନ ଦେବାକୁ ପଡ଼ିବ। ସଂକ୍ରମିତ ଶିଶୁଙ୍କ ଠାରୁ ସୁସ୍ଥ ଶିଶୁଙ୍କୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ ଏବଂ ସଂକ୍ରମିତ ଶିଶୁ ବ୍ୟବହାର କରୁଥିବା ଜିନିଷ ପତ୍ର ଅନ୍ୟମାନେ ବ୍ୟବହାର କରନ୍ତୁ ନାହିଁ। ସବୁଠୁ ବଡ଼ ସମସ୍ୟା ହେଲା ଏମାନଙ୍କ ଠାରେ ହଠାତ ଜଳୀୟ ଅଂଶ କମ ହୋଇଯାଏ। ତେଣୁ ଏହି ସମୟରେ ରୋଗୀକୁ ଫ୍ରୁଟ ଜୁସ ପିଇବାକୁ ଦିଅନ୍ତୁ। ଯଦି ରୋଗୀ ପାଣି ପିଇବାକୁ ଅରାଜି ହେଉଛି ତ ତୁରନ୍ତ ମେଡ଼ିକାଲ ଆଡ଼ମିଟ କରନ୍ତୁ। ହଁ ଏହି ସମୟରେ କିଛି ବି ଘରୋଇ ଚିକିତ୍ସା କରନ୍ତୁ ନାହିଁ। ବାହାର ଖାଦ୍ୟ, ଥଣ୍ଡାଖାଦ୍ୟ ଠାରୁ ଦୂରେଇ ରଖନ୍ତୁ। ନିକଟସ୍ଥ ଡାକ୍ତରଖାନା ବା ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

+ ବିଭାଗୀୟ ମୁଖ୍ୟ,
ଶିଶୁରୋଗ ବିଭାଗ, ଫକୀରମୋହନ
ମେଡ଼ିକାଲ କଲେଜ, ବାଲେଶ୍ୱର
(ମୋ) ୯୪୩୭୧୨୪୦୭୪




## ଭକ୍ତି ଭାବନା

**ସସ୍ମିତା ଧଳ**



ଆହେ କାଳିଆ ଠାକୁର
ଜଗତର ନାଥ ତୁମ୍ଭେ,
ଜଗନ୍ନାଥ ।
ତୁମ୍ଭ ଦୟାଭରେ ଜଗତ ପୂରିଛି,
ପୂରିଅଛି ଭକ୍ତ ତନୁ ମନ।

ଯେ ଦେଖିଛି ତୁମ୍ଭ ଚକାନୟନ
ତାର ନାହିଁ ଆଉ ଡର
ଶୟନେ ସ୍ୱପନେ,
ଭାଳି ହୁଏ ସେ
ତୁମ ରୂପ, ରଙ୍ଗ, ସୌରଭ ।

ଦୁଃଖୀ ରଙ୍କଙ୍କର ଦୁଃଖ ଦୂର କର
ନିଜେ ଆସି ସ୍ୱଦେହେ
କେ ଅଛି ତୁମ ସରି ହେ ଠାକୁର
କୋଟିଏରେ ଗୋଟି ତୁମେ।

ଯିଏ ଯାଏ ଥରେ
ତୁମ ଶ୍ରୀମନ୍ଦିର,
ଫେରିବାକୁ ତା'ର ଇଚ୍ଛା ନଥାଏ
ଯିଏ ଖାଏ ଥରେ
ଅଭଡାରୁ ମୁଠେ
ପେଟ ତା'ର ପୂରିଯାଏ।

ଅନନ୍ତ ସାଗରେ ଥରେ ବୁଡ଼ ଦେଲେ
କ୍ଷୟ ହୁଏ ସବୁ ପାପ
ମନ ବଳିଯାଏ କାଳିଆ ପାଖକୁ
ନିତି କରିବାକୁ ଦର୍ଶନ।

ଶୁଣିଥିଲି ପ୍ରଭୁ,
ପାଖକୁ ନଗଲେ କିଛି ତୁ ନଦଉ
କିନ୍ତୁ ମୁଁ ଜାଣିଲି,
ଭକ୍ତିରେ ଡାକିଲେ, ଭକ୍ତିରେ ମାଗିଲେ
ଖୁସି ତୁ ଅଜାଡ଼ି ଦଉ।

ଯାଇଥିଲି ପ୍ରଭୁ ତୋ ପାଖକୁ
କାମନାର ଆଶେ,
କିନ୍ତୁ ତୋ ଶ୍ରୀମନ୍ଦିରେ
ପାଦ ଦଉ ଦଉ
ଭକ୍ତ ଆଉ ଭକ୍ତି ଯେ
ରହିଗଲା ମନେ।

ଜାଣିଲି ସେଦିନ ତୁମ ମହିମା
ତୁମ ସକଳ ସଦଗୁଣ
ତେଣୁ କରି ସିନା ଏତିକି ମାଗୁଛି
ହେ କାଳିଆ ଠାକୁର,
ମୋ ମନ ରଖିଥାଅ ତୁମ ପାଦତଳ।
ଭକ୍ତିଭରେ ତୁମ ନାମ ଭଜୁଥାଏ,
ଅଶ୍ରୁଭରେ ତୁମ ନେତ୍ର ଦେଖୁଥାଏ
କାଳିଆ ସାଆନ୍ତ ସେବା କରି କରି
ମୋ ଜୀବନ ଗଢ଼େଇ ଦିଏ।

ଭବାନୀପାଟଣା

## ବାସ୍ତବ ଚିତ୍ର

**ରଞ୍ଜିତ କୁମାର ବେହେରା**

ଆସିଛି ମାନେ ଯିବାକୁ ହେବ
ଜନ୍ମ ମିଥ୍ୟା ହୋଇ ପରେ
ହେଲେ ମୃତ୍ୟୁ ସତ୍ୟ ।
ଏହି ସତ୍ୟକୁ ମନେରଖି
କର୍ମ କରିବାକୁ ହେବ
ପିଲାଛୁଆ ସ୍ତ୍ରୀ ବନ୍ଧୁ ବାଂଧବ
ଜୀବନ ପଥର ପଥିକ ।
ଦୁଃଖ କଷ୍ଟ ଯନ୍ତ୍ରଣା
ଝଡ ଝଞ୍ଜା ସୁନାମି ନିଶ୍ଚେ ଆସିବ ।
ହୃଦୟକୁ ପଥର କରି ପରିସ୍ଥିତିକୁ
ସୁମୁଖୀନ ହେବାକୁ ହେବ ।
ମାଟିର ଶରୀର ମାଟିରେ ମିଶିବ
ସ୍ଥୁଳ ଶରୀର ଲୋପ ପାଇବ ।
ସୁକ୍ଷ୍ମ ଆତ୍ମା ସୁକର୍ମ କରି ପୂଜା
ପାଇବ ।
ଜନ୍ମ ମୃତ୍ୟୁର ବ୍ୟବଧାନ ଖୁବ କମ
ସୁ କର୍ମ କରିବାକୁ ହେବ
ଯାହା ଆତ୍ମାକୁ କାଳଜୟି କରେ
ଧରାକୁ ଯିଏ ଆସିଛି ସେ ଫେରିବ
ପୂଜ୍ୟ ପୂଜାର ଅଧିକାରୀ ଖୁବ କମ
ଏତ ବାସ୍ତୁବାଦୀ ଦୁନିଆ
ବସ୍ତୁ କେବଳ
କିଛି ସମୟର ବ୍ୟବହାର ପାଇଁ
ହେଲେ ସବୁକୁ ଛାଡି ଯିବାକୁ ହେବ
ଆମ ପୂର୍ବ ପୁରୁଷ ଛାଡି ଯାଇଛନ୍ତି
ଆମକୁ ଛାଡି ଯିବାକୁ ହେବ
ସୁକର୍ମ ରୂପକ ଅଳଂକାର
ସବୁଦିନ ପୂଜା ପାଇବ ।
ବ ିବା ପାଇଁ ଅର୍ଥ ଦରକାର
କାହାର ଅନ୍ତରକୁ ଦୁଃଖ ନ ଦେଇ
ଆଖିରୁ ଅଶ୍ରୁ ନ ବୁହାଇ ।
ଜୀବତ୍ମା ପରମାତ୍ମାର ଅଙ୍କସ ବିଶେଷ ।
ପଥର କାଠ ମୂ ର୍ିକୁ ଭଲ ନ ପାଇ
ଜୀବତ୍ମା ଧାରିକୁ ଭଲପାଇବା ଭଲ ।
ଏହାହିଁ ଇଶ୍ୱରକୁ ଭଲ ପାଇବା ।
ଜୀବନ ଏକ ସାପ ସିଢ଼ିର ଖେଳ
କେତେବେଳେ ଆଗକୁ ମାଡିଚାଲୁ
କେତେବେଳେ ପଛକୁ ପଛକୁ ।
ଆମେ କଦଳୀ ଗଛ ସଦୃଶ
ଆମର ସବୁଆଂସ କାମରେ ଲାଗେ
କଦଳୀ ଗଛ ବାର୍ଦ୍ଧକ୍ୟ ହେବା ଆଗରୁ
ମଞ୍ଜା ଭଣ୍ଡା ପତ୍ର ଦେଇ ମରେ ।
ତା ଆଗରୁ କିଛି ପୁହା ଦେଇଥାଏ
ବଂଶ ରକ୍ଷା ଏବଂ ବିସ୍ତାର ପାଇଁ ।
ଭଲ କଦଳୀ ଗଛର ଭଲ ଚାରା
ସବୁ ଜୀବ ସମାଜ ମଧ୍ୟ ସେହିଭଳି ।
ଏହାହିଁ ବାସ୍ତବ ଘଟଣା ।
ଏହା ଏକ ଆତ୍ମାର କଥା ।

ମୀର୍ଜାପୋଖରୀ, ବାଲେଶ୍ୱର

## ଜଗନ୍ନାଥ

**ଦିନେଶ ମେହେର**



ହେ ଦାରୁବ୍ରହ୍ମ,
ଗଭୀର ଅନ୍ତବେଦନା
ନିର୍ଜନତା, ନିଧନ ଅବସ୍ଥାରେ
ଏବେ ଜୀବନର ଗତି !

ଆଗରେ, ପଛରେ
ସବୁଠି ତ ଏବେ
କେବଳ ପରୀକ୍ଷା,
ସତ୍ୟ ଓ ନିଷ୍ଠାର
ଭକ୍ତି ଓ ଭକ୍ତର !

ମୁଁ ତ ସାଲବେଗ ନୁହେଁ
ଯେ ମୋ ପାଇଁ ତମେ
ନନ୍ଦିଘୋଷ ଅଟକେଇବ,
କି ମୁଁ ନୁହେଁ ବନ୍ଧୁ ମହାନ୍ତି
ଯାକୁ ଅଧ ରାତିରେ ଅଭଡ଼ା ଆଣି
ଦେବ !

ବନ୍ଧୁ,
ତୁମକୁ ମାଗିବି କଣ ?
ମାଗିଲେ କଣ ଅଜାଡ଼ି ଦେବ ଯେ
ପାତାଳ ପୁରି ର ଗୁପତ ସିନ୍ଦୁକ,କି
କରିଦେବ ମାନ ସମ୍ମାନର
ଅବିରତ ବର୍ଷା !

ମହାଭାଗ,
ଧନ, ଜନ କି ଆୟୁଷର
କ୍ଷଣିକ ଲୋଭରେ
ହଜେଇ ଦେବି ନାହିଁ ବନ୍ଧୁ ପଣିଆ
କି ହେବି ନାହିଁ ଲୋକହସା,
କେବଳ ତ ଚାହେଁ
ତୁମ ପାଖରେ ହଜେଇ ଦେବାକୁ
ମୋ ସର୍ବସ୍ୱ,
ନିଜକୁ କରିଦେବାକୁ ଜଗନ୍ନାଥମୟ !

ପଳାସ, କଳାହାଣ୍ଡି







# ସାବତ ମାଆ

## କବି ଭାରତୀ ସରିତା ମହାନ୍ତି



ସକାଳୁ ବିଛଣାରୁ ଉଠି ଦାନ୍ତ ନଘଷି ଚା' ପିଇବା ଲୀଳା ଦେବୀଙ୍କର ସବୁଦିନର ଅଭ୍ୟାସ । ଏହି ଅଭ୍ୟାସ ସହିତ ଆଗ ନିଦରୁ ଉଠି ଈଶ୍ୱରଙ୍କୁ ଦର୍ଶନ କରି ଅତି ଗେଲବସର ପୁଅ ରାଜର ମୁଖ ଦର୍ଶନ ପରେ ଆରମ୍ଭ ହୁଏ ଦୈନନ୍ଦିନ ଜୀବନର କାର୍ଯ୍ୟ। ପୁଅ ମଧ ମାଆର ମୁଖ ଦର୍ଶନ ନକରିବା ଯାଏ ତାର ଦିନ ଆରମ୍ଭ ହୁଏ ନାହିଁ। ପରିବାରରେ ସମସ୍ତଙ୍କୁ ସ୍ନେହର ବନ୍ଧନରେ ବାନ୍ଧି ରଖନ୍ତି ଲୀଳାବତୀ। ପରିବାର କହିଲେ ସ୍ୱାମୀ ସ୍ତ୍ରୀ ଏବଂ ପୁଅ ରାଜୁ। ଆଉ ସତୁରୀ ବର୍ଷର ଶାଶୁ ମାଆ। ଗାଁର ମଉଡମଣି ଲୀଳାବତୀ। ନିଜ ପୁଅକୁ ପାଠ ପଢେଇବାଠାରୁ ସମସ୍ତ କାର୍ଯ୍ୟ ନିଜ ତତ୍ୱାବଧାନରେ କରୁଥାନ୍ତି। କେବେ ସେ ଥକି ପଡନ୍ତି ନାହିଁ। କେବେ କେବେ କାହାର ଝିଅଟିଏ ଦେଖିଲେ ମନକୁ ପ୍ରଶ୍ନ କରନ୍ତି ମୋର ଝିଅଟିଏ ଥିଲେ ମୋ ହାତରେ ତାକୁ ସଜେଇ ଥାନ୍ତି। ରାଜୁ ମଧ ତା ହାତରେ ରାକ୍ଷୀ ବାନ୍ଧି ଥା'ନ୍ତା । ପୁଣି ଈଶ୍ୱରଙ୍କଠାରେ କ୍ଷମା ପ୍ରାର୍ଥନା କରନ୍ତି। ମୋ'ର ଭୁଲ ହେଇଗଲା ପ୍ରଭୁ। ମୋ' ଧନର ସ୍ନେହ ମମତା ଉପରେ କାହାର ବି ଭାଗ ବାଣ୍ଟ ହେବ ନାହିଁ। ଏମିତି ସୁଖ ଦୁଃଖ ହସ କାନ୍ଦର ସଂସାରରେ ମୋ ପୁଅ ମୋ ପାଇଁ ସବୁ କିଛି। କାଲି ବୋହୂଟିଏ ଆଣିବି..... ତାକୁ ମଧ ମାଆର ସ୍ନେହ ଡୋରିରେ ବାନ୍ଧି ରଖିବି...ବାସ୍, ତାପରେ ହସି ଉଠିବ ମୋ ସୁନା ସଂସାର।

ଏମିତି ଭାବୁ ଭାବୁ ରାଜୁ ଆସି ମାଆକୁ କୁଣ୍ଢେଇ ପକେଇ ଖୁସିରେ ନାଚି ଉଠିଲା ଆଜି ତୋ'ର ସ୍ୱପ୍ନ ପୂରଣ ହେଇଛି ମାଆ। ତୋ'ରି ପାଇଁ ଆଜି ମୁଁ ଡାକ୍ତର ହୋଇ ପାରିଲି ମାଆ। ଦେ ମା.... ତୋ' ଚରଣର ଧୂଳି ଟିକେ ମୋ ମଥାରେ ବୋଳି ଦିଏ.... ମୁଁ ମୋ କର୍ତ୍ତବ୍ୟରେ ଯେମିତି କେବେ ହେଲେ ଅବହେଳା କରିବି ନାହିଁ।

ଆଖିରୁ ବହିଚାଲିଛି ଲୀଳାଦେବୀଙ୍କର ଅବାରିତ ଲୁହ ଧାର। ପୁଅର ସ୍ୱପ୍ନ ସାକାର ହୋଇଛି।

ମାଆ ତୁ ଏତେ କାନ୍ଦୁଛୁ କାହିଁକି ଯେ...? ପିଲା ଦିନରୁ କେତେ ଘାତ ପ୍ରତିଘାତ ସହିଛୁ.... ସାହି ପଡିଶାଙ୍କ ଟାହି ଟାପରାକୁ ଖାତିର କରିନାହୁଁ। କେବଳ ତୋ'ର ଲକ୍ଷ୍ୟ ତୋ' ପୁଅକୁ ମଣିଷଟିଏ ମଣିଷ କରି ଗଢି ତୋଳିବୁ। ତାହାହିଁ ତ ହେଲା ମାଆ।

- ଏଇଟା ଖୁସିର ଲୁହରେ ଧନ। ମାଆ କେବେ ଦୁଃଖ ପାଇଁ ପିଲାମାନଙ୍କ ଆଗରେ କାନ୍ଦେ ନାହିଁ । ସୁଖରେ କାନ୍ଦିଥାଏ। ..... ହଉ ଚାଲେ ଚାଲେ .... ଏତେ ବଡ଼ ସଫଳତା ପାଇଁ ପ୍ରଥମେ ମନ୍ଦିରରେ ପୂଜା ଦେବା, ଆଉ ତା'ପରେ ଗାଆଁଟା ଯାକ ଲୋକଙ୍କୁ ମିଠା ବାଣ୍ଟିବା। କହୁଥିବା ଲୋକ ଆଜି ଜାଣିବେ ମାଆର ଆଶୀର୍ବାଦ ଥିଲେ ପିଲାଟିଏ କ'ଣ କରିପାରେ ।

ପୁଅକୁ ନେଇ ମନ୍ଦିରରେ ବେଶ ଆନନ୍ଦରେ ପୂଜା ଦେଇ ଫେରୁଥା'ନ୍ତି ଲୀଳାବତୀ। ମୁହଁରେ ହସର ଜୁଆର, ଯେପରି ଘଟିଥିବା ସମସ୍ତ ଦୁର୍ଘଟଣାକୁ କ୍ଷଣିକ ମଧରେ ଧୋଇ ନେଇଗଲା ।

ହଠାତ ରାଜୁ କହିଲା-- ଶୁଣିଲୁ ମାଆ ....ଏ ରମା ମାଉସୀ କି ଗୀତ ଗାଇ ତାଳି ମାରୁଛି..... ଅଟକି ଗଲେ ଶୁଣିବା ପାଇଁ ଲୀଳାଦେବୀ।

ବେଶ ଆନନ୍ଦ ମନରେ ଗାଉଛନ୍ତି ନାନୀ, 'କନିଆ ମାଇପ ବନିଆ ଶାଳୀ ....ନିଇତି ଦିଅନ୍ତି ପିଲାଙ୍କୁ ଗାଳି.....' ପାଦ ତଳୁ ମାଟି ଖସିଗଲା ପରି ଲୀଳାବତୀଙ୍କୁ ଲାଗିଲା। ସେ ଯେମିତି ସେ ପାତାଳଗାମୀ ହୋଇଯାଉଛନ୍ତି ପରି ଅନୁଭବ କରୁଥା'ନ୍ତି। ଯେଉଁ ଘଟଣା ଆଜିଯାଏ ରାଜୁ ପାଇଁ ଅଛପା ଥିଲା ଆଜି ଏହି ପଦୁଟିଏ ଗୀତ ରାଜୁ ମନରେ ଉନ୍ମୁକ୍ତ କରି ନଦେଉ। ଯାହା ପାଇଁ ତାଙ୍କର ସବୁ ସ୍ୱପ୍ନ ଭାଙ୍ଗି ଧୂଳିସାତ ହୋଇଯିବ। ଏମିତି ଏକ ଅଜଣା ଭୟରେ ତାଙ୍କ ହୃଦୟ କମ୍ପି ଉଠୁଥାଏ। ଏହାପରେ ପୁଅକୁ ନେଇ ଲୀଳାଦେବୀ ଘରକୁ ଫେରିଲେ। ହେଲେ ରାଜୁର ମନକୁ ସେଇ ଗାଉଁଲି ଭାଷା 'କନିଆ ମାଇପ' ଶବ୍ଦଟି ବିଚଳିତ କରୁଥାଏ। ଏହି ଉକ୍ତିର ମର୍ମ ଏବଂ ଏହାର ସତ୍ୟାସତ୍ୟ ଜାଣିବାପାଇଁ ଉଦ୍‌ବିଗ୍ନ ହୋଇ ଉଠିଲେ। ନିଜର ପିଲା ଦିନକୁ ମନେ ପକେଇବାକୁ ଲାଗିଲେ। ଅନେକ ସମୟରେ ତା ମାଆଙ୍କୁ ଲୁଚେଇ ଲୁଚେଇ କାନ୍ଦିବାର ଦେଖିଛି। ବାପା ଜେଜେ ମାଆଙ୍କଠାରୁ ମାଆ ପାଉଥିବା ଅତ୍ୟାଚାର ନିଜ ଆଖିରେ ଦେଖିଛି। ହେଲେ ମାଆକୁ ପ୍ରଶ୍ନ କଲେ ମାଆ ମୁହଁରେ ଗୋଟିଏ କଥା ସବୁ ଦୁଃଖରେ ସୁଖ ତୁ.....ତୋରି ମୁହଁ ଦେଖିଦେଲେ ମୁଁ ଆଉ ସବୁ ଦୁଃଖ ସହି ଯିବି..... ବାସ ମୁଁ ମଧ ମାଆର ମମତାରେ ବାନ୍ଧି ହୋଇଯାଏ...... ହେଲେ ଆଜି ଏହାର ସତ୍ୟାସତ୍ୟ ଜାଣିବି । ଜେଜୀମା ପାଖରୁ ଜେଜୀମାଆଙ୍କ ଶୋଇବା ଘରେ ଯାଇ ପଚାରି ଚାଲିଛି ଅନେକ ପ୍ରଶ୍ନ......'କହିଲୁ ଜେଜେମା ମାଆ ...ମୋ ହେତୁ ହେଲା ଦିନଠୁଁ ଶୁଣେ ମୋରି ପାଇଁ ତୁ, ବାପା ସାହି ପଡିଶା ସମସ୍ତେ ମାଆକୁ ମୋରି ପାଇଁ ଗାଳି ଦିଅନ୍ତି। ହେଲେ ମାଆ କହେ ମୁଁ ତାର ସବୁ ସୁଖ। କିନ୍ତୁ ଲୋକ କାହିଁକି ଏମିତି ଗୀତ ବାନ୍ଧିଛନ୍ତି ? କିଏ କନିଆଁ ମାଇପ ? କିଏ ପିଲାଙ୍କୁ ଗାଳିଦିଏ ? ହେଲେ ଏତେ ପ୍ରଶ୍ନ ରାଜୁର କିଏ ଉତ୍ତର ଦେବ !

କହୁନୁ ଲୋ ଜେଜେ ମାଆ ....ଏମିତି ପଚାରୁ ପଚାରୁ ରାଜୁ ଜେଜେ ମା'ଙ୍କୁ ଲେଉଟେଇ ଦେଖନ୍ତି ତ ଜେଜେ ମାଆ ଆଉ ଇହଧାମରେ ନାହାନ୍ତି । ଦୁଃଖରେ ଭାଙ୍ଗି ନପଡି ଆପେକ୍ଷା କଲେ ବାର ଦିନ ପର୍ଯ୍ୟନ୍ତ। ହେଲେ ତାଙ୍କ ପ୍ରଶ୍ନର ଉତ୍ତର ପ୍ରତୀକ୍ଷାରେ ଯେମିତି ଜେଜୀମା ଉତ୍ତର ଦେବା ପାଇଁ ସ୍ୱର୍ଗବାସୀ ହୋଇଥିଲେ। ବନ୍ଧୁ ବାନ୍ଧବ ସହିତ ଲୀଳାବତୀ କଥା ପକେଇଲେ । ପୁଅ ତ ଡାକ୍ତର ହେଲା ହାତକୁ ଦୁଇ ହାତ କରି ଦେଲେ ମୋ ଜୀବନର ସମସ୍ତ ଦାୟିତ୍ୱରୁ ମୁଁ ମୁକ୍ତ ହୋଇଯିବି। କିନ୍ତୁ ନିଜ ଲୋକ ମାନଙ୍କ ମୁହଁରୁ ମାଆଙ୍କ ପାଇଁ କେଇ ପଦ କଟୁକ୍ତି ଶୁଣିଲି ଯେମିତି ମୋ ମା ମାଆ ନୁହେଁ ଜଣେ ରାକ୍ଷସୀ। କିଏ କହୁଛି ସେ ପରିଶ୍ରମ କଲା ଡାକ୍ତର ହେଲା। ତା ବାପା ପଇସା ବଳରେ ସେ ପଢିଲା। ରାଜୁ ନିଜେ ପରିଶ୍ରମ କଲା ପାଇଲା। ତୁ ସାବତ ମାଆ ହୋଇ ତୋର ତା ଖୁସିରେ ଏତେ ଖୁସି ହେବା ଦରକାର ନାହିଁ।

ଏ କ'ଣ ମୁଁ ଶୁଣୁଛି । ହେଲେ ମୋ ପାଇଁ ମୋ ମାଆ ରାତି ରାତି ଉଜାଗର ରହିଛି। ମୋ ବହି ନେଇ ସେ ପାଠ ପଢ଼ିଛି ମୁଁ ଶୁଣି ମନେ ରଖିଛି। ମୁଁ ଜାଣିଛି ମୋ ମାଆ ମୋ ପାଇଁ କ'ଣ।

ରାଗ ତମତମ ହୋଇ ରାଜୁ ବଙ୍ଗଳାରେ ପଡ଼ିଥିବା କାଠର ଏକ ଚେୟାରକୁ ଧରି କଚାଡି ଦେଇଛନ୍ତି ଆଉ ଚିତ୍କାର କରି କହି ଉଠିଛନ୍ତି ..... 'ବନ୍ଦ କର .... ସେ ସାବତ ମାଆ ଶବ୍ଦ....'

ଆଉ ତା'ପରେ ସମସ୍ତେ ନୀରବ ନିଃଶବ୍ଦ। ପୁଅର ଏପରି ରୂପ ଦେଖି ଲୀଳାଦେବୀ ପାଖକୁ ଯାଇ ପୁଅକୁ କୋଳେଇ ନେଇ ଭୋ ଭୋ ହୋଇ କାନ୍ଦି କାନ୍ଦି କହିଛନ୍ତି... 'ହଁ..ରେ ପୁଅ ମୁଁ ତୋ'ର ସାବତ ମାଆ.... ଯେଉଁ ସତ୍ୟକୁ ଲୁଚେଇବା ପାଇଁ ମୁଁ ମାତୃ ସୁଖରୁ ବଂଚିତ। ସମସ୍ତଙ୍କର ଗାଳିକୁ ଚନ୍ଦନ ପରି ମାଖି ଦେଇଛି ତଥାପି ଏ ସମାଜ ସାବତ ମାଆକୁ ମାଆ ହେବାକୁ ଦେଉ ନାହିଁ। ହେଲେ ପୁଅ ତୁ କହ ମୁଁ ତୋ ମାଆ ନା ସାବତ ମାଆ... ?

ପୁଅ ରାଜୁ ମାଆକୁ କୋଳେଇ କୋହଭରା କଣ୍ଠରେ ଚିତ୍କାର କରି କହି ଉଠିଛି.... ତୁ ମୋ ମା' ଲୋ, ସାବତ ମା କାହିଁକି ହେବୁ..... ?

+ବାଲିଆପାଳ, ବାଲେଶ୍ୱର



ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

## ଜ୍ୟୋସ୍ନାମୟୀ ପଣ୍ଡା



॥ ଭାଗ-୬ ॥

ପ୍ରଜାପତି ବ୍ରହ୍ମାଙ୍କ ମସ୍ତିଷ୍କ ମଧ୍ୟରୁ କେହି ଯେପରି ଉଚ୍ଚାରଣ କରି କହିଲା 'ଅହମ୍ ବ୍ରହ୍ମୋସ୍ମି ! ଅହମ୍ ବ୍ରହ୍ମୋସ୍ମି !!'

ସେ ଅନୁଭବ କଲେ, ସେ ହେଉଛନ୍ତି ସ୍ୱୟଂଭୂ ଏବଂ ସେହି ସୁବର୍ଣ୍ଣ ଅଣ୍ଡ ( ସୁବର୍ଣ୍ଣ ବା ହିରଣ୍ୟ ଗର୍ଭ ବା ଅଣ୍ଡର ଅର୍ଥ ଅନନ୍ତ, ଅନାଦି ଉଜ୍ଜ୍ୱଳ ସ୍ୱର୍ଣ୍ଣ ପ୍ରଭ ଅଣ୍ଡ କୋଷ ବା ଅଣ୍ଡାକୁ ବୁଝାଇଥାଏ) ତାଙ୍କ ସହିତ ସଂଲଗ୍ନ ହୋଇ ଏକ ନୂତନ, ଦିବ୍ୟ ସୃଜନକୁ ଅପେକ୍ଷା କରି ରହିଅଛି !

ପୁଣି ସେହି ଶୂନ୍ୟ ମଣ୍ଡଳରେ ସେ ସତ୍ୱ, ରଜ ଓତମଗୁଣର ପ୍ରକାଶ କଲେ। ଶ୍ରୁତି ପାଇଁ ଧ୍ୱନି, ଚକ୍ଷୁ ପାଇଁ ଦୃଶ୍ୟ ଓ ଆଲୋକ, ପିଣ୍ଡ ପାଇଁ ଜଳ, ନାସା ପାଇଁ ପ୍ରଶ୍ୱାସ, ସୂକ୍ଷ୍ମ ଭାବରେ ଆସନ୍ତା ସୃଷ୍ଟି ପାଇଁଉତ୍ପନ୍ନ ହେଲା। ଏହିପରି ସେହି ଶୂନ୍ୟ ମଣ୍ଡଳରେ ସୂକ୍ଷ୍ମ ରୂପରେ ସତ୍ୱ ବିକାରରୁ କ୍ରିୟା, ବୁଦ୍ଧି, ଜ୍ଞାନ, ପ୍ରାଣ, ମନ, ଦଶେନ୍ଦ୍ରିୟ, ଦିଗପାଳ, ଶ୍ରୁତି, ଚର୍ମ, ଘ୍ରାଣ, ନୟନ, ବଚନ, ଆଘ୍ରାଣ ଆଦି ଅନ୍ତରୀକ୍ଷରେ ବ୍ୟାପ୍ତହେଲେ।

ସେମାନେ କ୍ରମଶଃ ସଲଗ୍ନ ଓ ଘନୀଭୂତ ହୋଇ ଏକ ସୁବର୍ଣ୍ଣ ଜ୍ୟୋତିର୍ମୟ ଅଣ୍ଡରେ ପରିଣତ ହେଲେ।

ବ୍ରହ୍ମାଙ୍କର ଚତୁର୍ଦ୍ଦିଗରୁ ଘନ ତମାସା ଏବେ ଦୂରୀଭୂତ। ମନୋଜ୍ଞ ସନ୍ଧ୍ୟାର ଛାୟା ଲୋକରେ ସୃଷ୍ଟି ଏବେ ମୁଗ୍ଧ, ମଧୁର ଏବଂ ସୌନ୍ଦର୍ଯ୍ୟ ମୟୀ ।

ସହସ୍ର ସହସ୍ର ବର୍ଷଧରି ଏହି ସୁବର୍ଣ୍ଣ ଅଣ୍ଡ ମହା ସମୁଦ୍ର ସ୍ୱରୂପ ସେହି ମହା ଶୁନ୍ୟରେ ଭାସମାନ ହେବାକୁ ଲାଗିଲା । ତାହା ମଧ୍ୟରେ ପରମ ଜୀବନ ସ୍ୱରୂପ ବିଷ୍ଣୁ ବି ପ୍ରାୟ ଚାରି ଶତ ବତିଶ କୋଟି ( ଏକ କଳ୍ପ)ବର୍ଷ ଧର ଯୋଗନିଦ୍ରାରେଶାୟିତ ଥିଲେ। ଆଉ ସେହି ଯେଉଁ କଳ୍ପିତ ପଦ୍ମ ଉପରେ ପୁରାଣକାରମାନେ ସ୍ରଷ୍ଟା ବ୍ରହ୍ମାଙ୍କୁ ବସାଇଥିଲେ, ତାହାବା ଆଉକ'ଣ ହୋଇପାରେ !! ତାହା କେବଳ ଅସୀମ ସମୟ ମଧ୍ୟରେ ଏକ ପଦ୍ମ ( ଜନ୍ମ ଅଙ୍ଗକୁ ପଦ୍ମ କୁହାଯାଏ) କଳ୍ପ ପରିମିତ ସମୟ । ଯାହାର ପ୍ରତ୍ୟେକ ପାଖୁଡା ଗୋଟିଏ, ଗୋଟିଏ ବର୍ଷ ଥିଲା। ଏକ ପଦ୍ମ (ସୃଜନ)କଳ୍ପ ସମୟ ମଧ୍ୟରେସୃଷ୍ଟି ରେ ଏକ ବଡ଼ ବିବର୍ତ୍ତନ ସୃଷ୍ଟି ହେଉଥିଲା ଏବଂ ଜଣେ ବ୍ରହ୍ମାଙ୍କର ସମୟ ଶେଷ ହୋଇ ଅନ୍ୟ ଜଣେ ବ୍ରହ୍ମାଙ୍କର ସୃଷ୍ଟି କରିବାର ସମୟ ଆସୁଥିଲା। ଯେଉଁ ବ୍ରହ୍ମା ଏହି ପ୍ରାକ୍ ସୃଷ୍ଟିରେ ଥିଲେ ତାଙ୍କର ନାମ ଥିଲା ସ୍ୱୟଂଭୂ।

କ୍ରମେ ସେହି ସୁବର୍ଣ୍ଣ ଅଣ୍ଡ ବାଷ୍ପରେ ପୂର୍ଣ୍ଣହୋଇ ଉତ୍ତପ୍ତ ଓ ପ୍ରଜ୍ୱଳିତ ହେବାରେ ଲାଗିଲା ଏବଂ ଏହାର କର୍ଣିକାର୍ ମଧ୍ୟରୁ ଆସୁଥିବା ନିଜେ ସୃଷ୍ଟି କରିଥିବା ଉତ୍ତାପ, ଜ୍ୟୋତି ଓ ଧ୍ୱନି ସହ ବ୍ରହ୍ମା ଏକାକାର ହୋଇଗଲେ। ସେହି ସମୟରେ ଏହି ଶବ୍ଦ ବହନ କରି ଥିବା ଅଣ୍ଡ ଦିଗ୍, ବିଦିଗକୁ ଚାଳିତ ହେବାରେ ଲାଗିଲା।

ଇତି ମଧ୍ୟରେ ଚାରି ଶତ ବତିଶ୍ କୋଟି ବର୍ଷ ଶେଷ ପ୍ରାୟ ।

( ବୈଜ୍ଞାନିକ ମାନଙ୍କ ମତରେ, ଆଜିଠାରୁ ଚାରି ଶହରୁ ଚାରି ଶହ ପଚାଶ କୋଟି ବର୍ଷ ପୂର୍ବେ ପୃଥିବୀ ସୃଷ୍ଟି ହୋଇଥିଲା)

ଆଜକୁ ପ୍ରାୟ ଚାରି ଶତ ବତିଶରୁ ଚାରିଶତ ପଚାଶ କୋଟି ବର୍ଷ ପୂର୍ବେ.......... ।

ଦିନେ ବିଷ୍ଣୁଙ୍କ ପଦ୍ମପାଦର ( ଏକ କଳ୍ପ ସମୟର ଜୀବନ ଶକ୍ତି ଫଳରେ ) ଏଥିରେ ଏକ ପ୍ରଚଣ୍ଡ ବିସ୍ଫୋରଣ ସୃଷ୍ଟିହେଲା।

ସେହି ବିସ୍ଫୋରଣ ଫଳରେ ସେହି ସୁବର୍ଣ୍ଣ ଅଣ୍ଡର ଗୋଟିଏ ପାର୍ଶ୍ୱ ଚତୁର୍ଭାଗ ହୋଇଗଲା ।

ଅଥଚ ପ୍ରତ୍ୟେକ ଖଣ୍ଡ ନିଷ୍କ୍ରିୟ ଓ ସ୍ଥିର ହୋଇ ରହିଗଲେ । ପୁଣି ସୁବର୍ଣ୍ଣ ଅଣ୍ଡ ରପଞ୍ଚମ ଖଣ୍ଡ ବିସ୍ଫୋରିତ ହେଲା । ସେଥିରୁ ଏକ ଉଜ୍ଜ୍ୱଳ ନକ୍ଷତ୍ର ସୃଷ୍ଟି ହେଲା ଓ ତାହାର ଚତୁଃ ପାର୍ଶ୍ୱରେ ସାତଟି ଖଣ୍ଡ ଭାସି ବୁଲିଲେ। ପୁଣି ସେହି ସପ୍ତ ତାରକା ମଧ୍ୟରୁ ଗୋଟିଏ ପ୍ରକାଣ୍ଡ ତାରକାର ଆକର୍ଷଣରେ ଅନ୍ୟ ଏକ ତାରକା ଆକର୍ଷିତ ହେବାରୁ ଧକ୍କା ହେଲା । ସେଥିରୁ ଏକ ବୃହତ୍ତ ନକ୍ଷତ୍ର ସୃଷ୍ଟି ହେଲା ଓ ତାର ଚତୁଃ ପାର୍ଶ୍ୱରେ, ଆଉ ଆଠଟି ଗ୍ରହ, ଉପଗ୍ରହ ଓ ବାମନ ଗ୍ରହ ଘୁରି ବୁଲିଲେ। (କ୍ରମଶଃ...)

+ବାଲିଝରି, କାନପୁର, ବଡ଼ମ୍ବା, କଟକ

# ଦାମ୍ପତ୍ୟ କଳହ

## ଶ୍ୱେତା ରାଉତ୍

ଦାମ୍ପତ୍ୟ ଜୀବନରେ କଳହ ରହିବା ଏକ ସ୍ୱାଭାବିକ କଥା ଏବଂ ଏ କଳହ ମିଠା କଳହ। କଥାରେ ଅଛି 'ଦାମ୍ପତ୍ୟ କଳହ ଦିନଟିଏ ରୁହେ, ଗାଁ କଳି ରୁହେ ମାସେ,ଅଜାତି କଳହ କେବେ ନ ତୁଟଇ ବାନ୍ଧିଲେ ବି ପ୍ରୀତି ଫାସେ। 'ପତି ପତ୍ନୀର ସମ୍ପର୍କ ସ୍ୱର୍ଗୀୟ ସମ୍ପର୍କ। ଖଟା ମିଠା ସମୟ, ସୁଖ ଦୁଃଖର ସଂସାରରେ ଛୋଟ ଛୋଟ ମତାନ୍ତର ରହିଥାଏ, ମତାନ୍ତରକୁ ଆମେ କଳହ କହିବା ଅନୁଚିତ୍। ଏ ମତାନ୍ତର ବିଭ୍ରାଟ ସୃଷ୍ଟି କରିବା ପୂର୍ବରୁ ଦୁହିଁଙ୍କ ମଧ୍ୟରୁ ଜଣେ ଯଦି ନୀରବ ରହି ଯାଆନ୍ତି ହୁଏତ କଳି ତକରାଳ ଯାଏ କଥା ଯାଆନ୍ତା ନାହିଁ।

ବିଶେଷ କରି ସଦ୍ୟ ବିବାହିତ ଦମ୍ପତିମାନଙ୍କ ବିଚ୍ଛେଦରେ ବଡ ଭୂମିକା ରହୁଛି ପିତା ମାତା ବା ଅଭିଭାବକମାନଙ୍କର। ସେମାନେ ପିଲାମାନଙ୍କୁ ଆପୋଷ ବୁଝାମଣା କରାଇବା ପରିବର୍ତ୍ତେ ଗେହ୍ଲା ଆଳରେ ନିଜର ଅଧିକାର ଜାହିର କରିବାକୁ ପିଲାଙ୍କୁ ପରାମର୍ଶ ଦେଇ ଏକ ପ୍ରକାର ପରୋକ୍ଷ ଭାବେ ବିଚ୍ଛେଦକୁ ପ୍ରସୟ ଦେଉଛନ୍ତି। ଯେଉଁ କଥାଟି ଦୁଇଟି ପରିବାରରେ ସମାଧାନ ହୋଇପାରିବ, ତାକୁ ଥାନାଠୁ କୋର୍ଟ କଚେରୀ ଯାଏ ଟାଣି ନେଇ ବିରାଟ ବିଭ୍ରାଟକୁ ଡାକି ଆଣୁଛନ୍ତି। ସମୟ ଥିଲା ଶାଶୁଘରେ ଝିଅ କେମିତି ସମସ୍ତଙ୍କ ମନ ନେଇ ଚଳିବ, ସମସ୍ତଙ୍କୁ ଆପଣାର କରିପାରିବ ଶିଖାଯାଉଥିଲା,ହେଲେ ଏବେ ଝିଅ କେମିତି କେବଳ ସ୍ୱାମୀକୁ ହାତରେ ରଖି ଶାଶୁଘର ପରିବାର ଜଞ୍ଜାଳରୁ ଖସି ବାହାରେ ଏକା ସ୍ୱାଧୀନ ଭାବେ ଉଡ଼ିବୁଲିବ ଶିଖାଯାଉଛି। ପୁଅ ବୋହୂ ଯେତେବେଳେ ଅଭିଭାବକ ବା ବାପାମାଆଙ୍କ ଠାରୁ ଦୂରରେ ରହୁଛନ୍ତି, ସେମାନେ ନିଜକୁ ମୁକ୍ତ ଅନୁଭବ କରୁଛନ୍ତି ଓ ନିଜ ଇଚ୍ଛା ମୁତାବକ ଜୀବନ ବଞ୍ଚୁଛନ୍ତି, ପରିବାର ପ୍ରତି ଡର ଭୟ ରହୁନାହିଁ। ଯାହାଫଳରେ ପତି ପତ୍ନୀ ମଧ୍ୟରେ କୌଣସି କଥାକୁ ନେଇ ଝଗଡ଼ା ହୋଇଗଲେ, କେହି ବୁଝାଇବାକୁ ନାହିଁ କି ସମାଧାନ କରିବାକୁ ନାହିଁ। ପରସ୍ପର ନିଜ ଜିଦ୍‌ରେ ଅଟଳ ରହି ବୈବାହିକ ଜୀବନକୁ ନଷ୍ଟ କରି ଦେଉଛନ୍ତି, ଛାଡ଼ପତ୍ର ଯାଏ କଥା ଯାଉଛି ଏବଂ ଏଥିରେ ସେମାନଙ୍କୁ ଅବସୋସ ବି ରହୁନାହିଁ। ଛାଡ଼ପତ୍ର ନେଇ ଯାଉଛନ୍ତି ପଛେ ଜିଦ୍, ଅହଙ୍କାରକୁ ଛାଡୁ ନାହାନ୍ତି। ଦେଖିବାକୁ ଗଲେ ଏମାନଙ୍କ କଳହରେ ବିଶେଷ କିଛି ବଡ କାରଣ ନଥାଏ,ଛୋଟ ଛୋଟ କଥାରୁ କଳି ଆରମ୍ଭ ହୋଇ ବିରାଟ ରୂପନିଏ। ଦୁଃଖର କଥା ଯେ, ଯଦି କୌଣସି ଝିଅଟି ଯଦି ଜିଦ୍ କରି ସ୍ୱାମୀ ଉପରେ ରାଗି ବାପଘରକୁ ଚାଲିଆସେ, ବାପା ମାଆ ଜ୍ୱାଇଁଙ୍କୁ ଡାକି ସମାଧାନ କରିବା ପରିବର୍ତ୍ତେ ଓଲଟା ଜ୍ୱାଇଁକୁ ଫୋନ କରି ତା ଘର ଲୋକଙ୍କୁ ଫୋନ୍ କରି କେସ୍ କରିବାର ଧମକ ବି ଦେଇ ଦିଅନ୍ତି।

ବାପା ମାଆ ବୁଝିବା ଉଚିତ୍ ଯୁକ୍ତି ତର୍କ, କଳି ଝଗଡ଼ା କି କେସ କରିଦେଲେ କଥା ବଢେ, ଝିଅର ବୈବାହିକ ଜୀବନ ନଷ୍ଟ ହୁଏ,ଏଥିରେ କିଛି ଲାଭ ହୁଏନାହିଁ।

ପରିସ୍ଥିତିରୁ ବାହାରିବାକୁ ଯାଇ ସମ୍ପର୍କରୁ ବାହାରି ଯାଇଥାନ୍ତି। ସ୍ୱାମୀ ସ୍ତ୍ରୀ ମଧ୍ୟରେ ଥିବା ରାଗ ରୁଷା, କ୍ରୋଧ ବା ମତାନ୍ତର ଭିତରେ ଜଣା ପଡେନାହିଁ କେତେବେଳେ ସୁନ୍ଦର ସମ୍ପର୍କଟିଏ ବଳି ଚଢ଼ିଯାଇଥାଏ। କିଛି ଦିନ ଯାଏ ଜିତି ଯାଇଛନ୍ତି ବୋଲି ଖୁସି ଲାଗେ, ହେଲେ ଦୀର୍ଘ ଜୀବନ ଅତିବାହିତ କଲାବେଳେ କେବଳ ଅବଶୋଷ ହିଁ ସାର ହୁଏ। କେହି କେହି ଏକାନ୍ତ ଜୀବନରେ ଅତିଶୟ ହୋଇ ପଡନ୍ତି ତ କେହି ଅନୈତିକ ସମ୍ପର୍କ ସ୍ଥାପନ କରି ଧୋକା ଖାଆନ୍ତି,କାହାର ମାନସିକ ବିକୃତି ଘଟିଥାଏ ତ କିଏ ଆତ୍ମହତ୍ୟା କରିଥାଏ।

ବଡମାନେ ପିଲାମାନଙ୍କୁ କେବଳ ଶିକ୍ଷିତ ବା ଯୋଗ୍ୟ କରିଦେଲେ ହେବନାହିଁ, ସେମାନଙ୍କୁ ସମ୍ପର୍କର ମର୍ଯ୍ୟାଦା, ପାରିବାରିକ ବନ୍ଧନକୁ ଅନୁଭୂତ କରାଇବାର ଅଛି, ସେମାନଙ୍କୁ ଶିକ୍ଷା ସହିତ ସଂସ୍କାରୀ କରି ଗଢି ତୋଳିବାର ଅଛି। ଧର୍ଯ୍ୟ ଓ ସହନଶୀଳତା ଶିଖାଇବାର ଅଛି। ବଡ ଅଫିସର କରିଦେଲେ ଘରେ ଅର୍ଥ, ସମ୍ପତ୍ତି ବଢ଼ିଯାଇପାରେ, ହେଲେ ମନର ଶାନ୍ତି ନଥିଲେ,ସମ୍ପର୍କରେ ମିଠାପଣ ନଥିଲେ ଜୀବନ ଦୁର୍ବିସହ ମନେହୁଏ।ସେଥିପାଇଁ ଶିକ୍ଷିତ ହେବା ସହିତ ସଂସ୍କାରୀ ହେବା ଜରୁରୀ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ସମ୍ପର୍କର ରଙ୍ଗ



# ଆଜିର କବିତା



## ମାମୁଁ ଘର

### ପୁଷ୍ପାଞ୍ଜଳି ପଣ୍ଡା

ସଞ୍ଜ ନଉଁ ନଉଁ
ଘୋଟିଆସେ କିଟିମିଟିଆ ଅନ୍ଧାର।
ମାମୁଁ ଘର ଗାଁ ବାଟରେ
ବୋଉ ପାଦ ସାଙ୍ଗରେ ପାଦ ମିଳାଇ
ଚାଲୁଥାଏ ଆଉ ଦୁଇହଳ ପାଦ
ମନରେ ପୁଳାଏ ଡର।
ଅନ୍ଧାର ଭିତରେ ଥାଏ କାଳେ
ଘୁଡୁଘୁଡି ବୁଢୀ
ନେଡି ଅସୁରୁଣୀ
ପିଟେଇ ଡାହାଣୀ
ଅଧା ବୟସରୁ ସମାଜ ଡରରେ
ଦଉଡିଦିଆ ବରଗଛରେ
ଦଉଡିଦେଇ ମରିଯାଇଥିବା
ରଙ୍ଗ ଚିରୁଗୁଣୀ।
ବୋଉ ପାଖାପାଖି ଚାଲୁଥାଏ
ତା ଅଭୟ ମୁଦ୍ରା ଦେଖି
ଖୁସୀ ପାଲୁଥାଏ
ମାମୁଁ ଘର ମୁହାଁ
କଁଅଳ ଛନଛନ ମନ।
ଖୁବ୍ ମନେପଡେ
ବୁଢୀଆଇର ପେଜୁଆ ଆଖିରେ
ଖୁସିର ଚମକ
ବଙ୍କୁଲି ବାଡି ହାତରେ
ଅଜାଙ୍କ ସ୍ନେହର ଧମକ
ମାମୁଁ ଘର ମାଇଁ ହାତର
ଦୁଧଭାତର ସୁଆଦ
ବାପା ପରି ମାମୁଁ
ବୋଉ ପରି ମାଇଁ
ସରଗପୁର ନୁହେଁ ତଥାପି
ମାମୁଁ ଘର ଅତି ଆପଣାର
ନିଜ ଘରପରି ଆଦରିନିଏ
ଦେହ ଆଉ ମନ
ଏବେ ସତରେ ସବୁ ସପନ।

+କେନ୍ଦ୍ରାପଡ଼ା



## ସମ୍ପର୍କର କବିତା

### ରତ୍ନକାନ୍ତି ମିଶ୍ର

ଦିଗବଳୟ ଆଡୁ
ସେଇ କରୁଣା ମୂର୍ଚ୍ଛନା
ମୁଁ ଆଜି ମଧ ଶୁଣିପାରେ
ମୋ କୋଠରୀରେ ଥିବା
ଝର୍କା ଗୁଡିକ ମଧ ଦେଇ
ଭାସିଆସେ ଗଭୀର ରାତିରେ
ମୁଁ ସେତେବେଳେ ଥାଏ
ଚେତନ ବା ଅର୍ଦ୍ଧଚେତନରେ।
ଆଉ ମାତ୍ର କିଛି ମୁହୂର୍ତ୍ତ ପରେ
ହୁଏତ ସେ ନଥିବ
ମୁଁ ମଧ ନଥିବି ଏଇ ପୃଥିବୀରେ
କିନ୍ତୁ ରହିଥିବ ମୋର ଏ କବିତା
କହିବାକୁ କେତେ ସବୁ
ଅନ୍ତରଙ୍ଗ କଥା...।
ଗାଁ ବା ସହର ଅବା ଗଳିକନ୍ଦି
ବଖାଣିବ ଏ କବିତା
ଆମ ସମ୍ପର୍କରେ
କେତେ ଥିଲା ଆତ୍ମୀୟତା
କେତେ ଆକୁଳତା
କେତେ ଥିଲା ଉଦ୍ଦାମତା
ଅବା, କେତେ ନିଃସଙ୍ଗତା

+ଆଳି, କେନ୍ଦ୍ରାପଡା

# ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ମାର୍ଗଦର୍ଶିକାରେ ସଂଶୋଧନ

ଭୁବନେଶ୍ୱର, ୩୧/୦୫ (ନି.ପ୍ର): ରାଜ୍ୟରେ କୃଷି ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରି କୃଷି ଉଦ୍ୟୋଗ କ୍ଷେତ୍ରରେ ପର୍ଯ୍ୟାପ୍ତ ପୁଂଜିନିବେଶକୁ ଆକୃଷ୍ଟ କରିବା ଓ ଯୋଜନାର ସଫଳ ରୂପାୟନ ନିମନ୍ତେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ମାର୍ଗଦର୍ଶିକାରେ ପରିବର୍ତ୍ତନ କରାଯାଇଛି । ଏହି କ୍ରମରେ କୃଷି ଉଦ୍ୟୋଗରେ ପୁଂଜିନିବେଶ ସବ୍ ?ସିଡି ରାଶି ୫୦ ଲକ୍ଷ ଟଙ୍କାରୁ ଏକ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ସେହିପରି କୃଷି ଓ ଆନୁଷଙ୍ଗିକ କୃଷି କ୍ଷେତ୍ରରେ ଅଧିକ ପୁଂଜିନିବେଶର ସମ୍ଭାବନାକୁ ଦୃଷ୍ଟିରେ ରଖି ୫୦ କୋଟି ଟଙ୍କାର ପ୍ରକଳ୍ପ ମୂଲ୍ୟକୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ପୂର୍ବରୁ ସର୍ବୋଚ୍ଚ ୨୦ କୋଟି ଟଙ୍କାର ପ୍ରକଳ୍ପ କୃଷି ଉଦ୍ୟୋଗ ଯୋଜନାରେ ସାମିଲ କରାଯାଇଥିଲା । ସେହିପରି ଯୋଜନାକୁ ବ୍ୟାପକ କରିବା ପାଇଁ ଟ୍ରାନ୍ସଜେଣ୍ଡରମାନଙ୍କୁ ଏଥିରେ ସାମିଲ କରାଯାଇଛି ଏବଂ ୫୦ ପ୍ରତିଶତ ପର୍ଯ୍ୟନ୍ତ ପୁଂଜିନିବେଶ ସବ୍‌ସିଡି ରାଶି ପାଇବା ନିମନ୍ତେ ସେମାନେ ଯୋଗ୍ୟ ବିବେଚିତ ହେବେ । ରାଜ୍ୟରେ କୃଷି ଉଦ୍ୟୋଗୀମାନଙ୍କୁ ଉତ୍ସାହିତ କରିବା ଏବଂ ବିପୁଳ କର୍ମସଂସ୍ଥାନ ସୃଷ୍ଟି ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଏହା ଦ୍ୱାରା ରାଜ୍ୟରେ କୃଷି ଏବଂ ଆନୁଷଙ୍ଗିକ କୃଷି ସହିତ ଜଡ଼ିତ କୃଷକମାନଙ୍କର ଆୟବୃଦ୍ଧି ଘଟିବା ସହିତ ଗ୍ରାମାଂଚଳରେ କର୍ମନିଯୁକ୍ତି ସୃଷ୍ଟି ହୋଇପାରୁଛି । ଏହି ସଂଶୋଧିତ ମାର୍ଗଦର୍ଶିକା ୨୦୨୩ ମସିହା ଅପ୍ରେଲ ୧ ତାରିଖଠାରୁ ଅନ୍ ଲାଇନ୍ ରେ ଆବେଦନ କରିଥିବା ଉଦ୍ୟୋଗୀଙ୍କ ନିମନ୍ତେ ଲାଗୁ କରାଯାଇଛି ।

# ପୁରୀ ଶ୍ରୀଜଗନ୍ନାଥ ଆନ୍ତର୍ଜାତିକ ବିମାନ ବନ୍ଦର ପାଇଁ ଜନ ଶୁଣାଣି

ପୁରୀ, ୩୧/୦୫ (ନି.ପ୍ର): ପୁରୀ ଜିଲ୍ଲା ବ୍ରହ୍ମଗିରି ତହସିଲ ଅନ୍ତର୍ଗତ ସିପସୁରୁବୁଲି ଓ ଷଣ୍ଢପୁର ଗ୍ରାମ ଅଂଚଳରେ ଶ୍ରୀଜଗନ୍ନାଥ ଆନ୍ତର୍ଜାତିକ ବିମାନ ବନ୍ଦର ପାଇଁ ସବୁଜ ସଂକେତ ମିଳିଥିବାରୁ ବେସରକାରୀ ଜମି ଅଧିଗ୍ରହଣ ନିମିତ ଧାରା ୫ ଅନୁସାରେ ଜନଶୁଣାଣୀ ଆଜି ଅନୁଷ୍ଠିତ ହୋଇଥିଲା । ସିପସୁରୁବୁଲି ଗ୍ରାମ ୧୩୩ କେଭି ଗ୍ରୀଡ ଷ୍ଟେସନ ନିକଟ ପଡିଆ ଠାରେ ଅନୁଷ୍ଠିତ ଏହି ଜନ ଶୁଣାଣୀରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ଅଧକ୍ଷତା କରିବା ସହ ଏହି ବିମାନ ବନ୍ଦର ପ୍ରତିଷ୍ଠା ଦ୍ୱାରା ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ଓ ପର୍ଯ୍ୟଟନ ପାଇଁ ଦେଶ ବିଦେଶରୁ ଅଧିକ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ଆଗମନ ବଢିବ । ଏହାଦ୍ୱାରା ଅର୍ଥନୈତିକ ଅଗ୍ରଗତି, ରୋଜଗାରକ୍ଷମ ବୃଦ୍ଧି ଓ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି କହିଥିଲେ । ଉପଜିଲ୍ଲାପାଳ ଭବତାରଣ ସାହୁ ବିମାନ ବନ୍ଦର ପ୍ରତିଷ୍ଠା ଦ୍ୱାରା ପର୍ଯ୍ୟଟନ କ୍ଷେତ୍ରକୁ ଅଧିକ ସୁବିଧା ମିଳିବ । ସ୍ଥାନୀୟ ଲୋକ ମାନଙ୍କୁ ମଧ ବିଭିନ୍ନ କ୍ଷେତ୍ରରେ ସୁବିଧା ମିଳିବ । କ୍ଷତିଗ୍ରସ୍ତ ଲୋକ ମାନଙ୍କୁ ସରକାରୀ ନିୟମ ଅନୁସାରେ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଥିଲେ । ଶ୍ରୀଜଗନ୍ନାଥ ଆନ୍ତର୍ଜାତିକ ବିମାନ ବନ୍ଦର ଭୂ ଅର୍ଜନ ଅଧିକାରୀ ନିରଞ୍ଜନ ବାରିକ ସମସ୍ତଙ୍କୁ ସ୍ୱାଗତ କରିବା ସହ ବିମାନ ବନ୍ଦର ପାଇଁ ମୋଟ ୧୧୬୪.୮୩୬ ଏକର ଜମିର ଆବଶ୍ୟକତା ଥିବା ବେଳେ ସେଥି ମଧରୁ ସିପସୁରୁବୁଲି ଗ୍ରାମର ୧୫୩.୩୭୦ ଏକର ବେସରକାରୀ ଜମି ଅଧିଗ୍ରହଣ କରାଯିବାର ଲକ୍ଷ୍ୟ ରହିଛି ବୋଲି କହିଥିଲେ । ଏହି ବିମାନ ବନ୍ଦର ପ୍ରତିଷ୍ଠା ପାଇଁ ରାଜ୍ୟ ଏସଆଇଏ ୟୁନିଟ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର ପକ୍ଷରୁ ନିର୍ଦ୍ଦେଶ ଅନୁଷ୍ଠାନ ପ୍ରସ୍ତୁତ କରିଥିବା ସାମାଜିକ ପ୍ରଭାବ ଆକଳନ ଅଧୟନ ଉପସ୍ଥାପନ କରାଯାଇଥିଲା । ଅନ୍ୟ ମାନଙ୍କ ମଧରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ଡେପୁଟି ଆଡମିନିଷ୍ଟ୍ରେଟର ପ୍ରମୋଦ କୁମାର ପୃଷ୍ଟି, ଅତିରିକ୍ତ ଉପଜିଲ୍ଲାପାଳ ରବିନ୍ଦ୍ର ପ୍ରଧାନ, ନିର୍ଦ୍ଦେଶ ପ୍ରତିନିଧି ଗିରିଧାରୀ ପଟ୍ଟନାୟକ, ବାଣିଜ୍ୟ ପରିବହନ ବିଭାଗ ଭୂ ଅର୍ଜନ ଅଧିକାରୀ ଉମାକାନ୍ତ ବାରିକ, ବ୍ରହ୍ମଗିରି ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ, ଗୋରୁଆଳ ସରପଂଚ ନିରଞ୍ଜନ ମିଶ୍ର, ସମିତି ସଭ୍ୟ ଜିତେନ୍ଦ୍ର ବେହେରା, ନାଏବ ସରପଂଚ କଲ୍ୟାଣୀ ଭୋଇ ପ୍ରମୁଖ ଯୋଗଦେଇ ମତାମତ ପ୍ରଦାନ କରିଥିଲେ । ଉପସ୍ଥିତ ଜନସାଧାରଣ ମଧ ସେମାନଙ୍କ ସକରାତ୍ମକ ମତାମତ ପ୍ରଦାନ କରି ବିମାନ ବନ୍ଦରକୁ ସ୍ୱାଗତ ଓ କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ପାଇଁ ମତ ଦେଇଥିଲେ ।

# ରାଜ୍ୟରେ ଛେଳି ପାଳନର ବିକାଶ ନିମନ୍ତେ ଛେଳି ପ୍ରଜନନ ନୀତି ପ୍ରସ୍ତୁତ କରାଯାଉଛି: ମନ୍ତ୍ରୀ

ଭୁବନେଶ୍ୱର, ୩୧/୦୫ (ନି.ପ୍ର): ରାଜ୍ୟର କୃଷକମାନଙ୍କ ଆୟବୃଦ୍ଧି ଓ ଗ୍ରାମାଞ୍ଚଳର ଜନସାଧାରଣଙ୍କ ଜୀବିକାନିର୍ବାହ ନିମନ୍ତେ ପ୍ରାଣୀପାଳନ ଏକ ପ୍ରମୁଖ ଅଙ୍ଗ ହୋଇଥିବା ପରିପ୍ରେକ୍ଷୀରେ ଏକ ଯୁଗୋପଯୋଗୀ ଛେଳି ପ୍ରଜନନ ନୀତି ପ୍ରସ୍ତୁତ କରି ଚାଷୀମାନଙ୍କୁ ଉନ୍ନତ ମାନର ଛେଳି ଯୋଗାଇ ଦିଆଯିବ ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ଆଜି କୃଷି ଭବନଠାରେ ଛେଳି ପ୍ରଜନନ ନୀତି ସଂପର୍କରେ ଆୟୋଜିତ ବୈଠକରେ ଅଧକ୍ଷତା କରି ମନ୍ତ୍ରୀ ଶ୍ରୀ ସ୍ୱାଇଁ ରାଜ୍ୟରେ କ୍ଷୁଦ୍ର ପ୍ରାଣୀମାନଙ୍କ ନିମନ୍ତେ ଗୋଟିଏ ପ୍ରଜନନ ନୀତି ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ଦେଇଥିଲେ, ଯେଉଁଥିରେ ଛେଳି, ମେଣ୍ଢା ଓ ଘୁଷୁରୀଙ୍କୁ ଅଲଗା ଅଲଗା ସ୍ଥାନିତ କରାଯାଇପାରିବ । ରାଜ୍ୟର ଭୌଗୋଳିକ ଓ କୃଷି ଜଳବାୟୁକୁ ଦୃଷ୍ଟିରେ ରଖି ଛେଳି ପ୍ରଜନନ ନୀତି ପ୍ରସ୍ତୁତ ଓ କାର୍ଯ୍ୟକାରୀ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ବୈଠକର ସୂଚନା ଅନୁଯାୟୀ ନୂତନ ପ୍ରଜନନ ନୀତିରେ ରାଜ୍ୟରେ ଉପଲବ୍ଧ ବ୍ଲାକ୍‌ବେଙ୍ଗଲ୍ ଏବଂ ଗଞ୍ଜାମ ଆଦି ଅତି ଉଚ୍ଚ ମାନର ଜେନେଟିକ୍ ପ୍ରଜାତିର ଛେଳିକୁ ସଂରକ୍ଷଣ କରାଯିବା ସହିତ ଏହାକୁ ଅଧିକ ଉନ୍ନତ କରାଯିବା ପାଇଁ ପଦକ୍ଷେପ ନିଆଯିବ । ସେହିପରି ଦେଶୀ ଛେଳିକୁ ଯମୁନାପୁରୀ, ବିଟଲ୍, ଶିରୋହୀ, ଗଞ୍ଜାମ ଏବଂ ବ୍ଲାକ୍ ବେଙ୍ଗଲ୍ ସହିତ କ୍ରସ୍ ବ୍ରିଡିଂ କରାଯାଇ ଉନ୍ନତ ମାନର ଛେଳି ଉତ୍ପାଦନ କରାଯିବ । ରାଜ୍ୟରେ ଥିବା ନାରାୟଣପାଟଣା, ରାଇଘର, ମାରାଗୁଡ଼ା, ଘୁମୁସରୀ ଆଦି ସ୍ଥାନୀୟ ପ୍ରଜାତିର ଛେଳିକୁ ଚିହ୍ନଟ କରାଯାଇ ପ୍ରଜନନ କରାଯିବା ପାଇଁ ପ୍ରଜନନ ନୀତିରେ ଗୁରୁତ୍ୱ ଦିଆଯାଉଛି । ବୈଠକରେ ସ୍ଥାନୀୟ ପ୍ରଜାତିର ଛେଳି ରାଇଘର, ଘୁମୁସରୀ, ନାରାୟଣପାଟଣା, ମାରାଗୁଡ଼ା ଆଦି ପ୍ରଜାତିର ଛେଳିକୁ ନ୍ୟାସନାଲ ବ୍ୟୁରୋ ଅଫ୍ ଆନିମଲ ଜେନେଟିକ୍ ରିସୋର୍ସରେ ପଂଜିକୃତ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ପ୍ରସ୍ତୁତ କରାଯାଉଥିବା ଛେଳି ପ୍ରଜନନ ନୀତିର ରୂପରେଖ ସଂପର୍କରେ ଆଲୋକପାତ କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ. ଯେଦୁଲ୍ଲା ବିଜୟଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ ।

# ଭର୍ମି କମ୍ପୋଷ୍ଟ ବନ ସୁରକ୍ଷା ସମିତି ସ୍ୱୟଂ ସହାୟକ ଗୋଷ୍ଠିଙ୍କ ଆର୍ଥିକ ଉପାର୍ଜନ ଦିଗରେ ସହାୟକ ହେଉଛି

ବଲାଙ୍ଗିର, ୩୧/୦୫ (ନି.ପ୍ର): ସ୍ଥାୟୀ ଜଙ୍ଗଲ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ଓ ବନ ସୁରକ୍ଷା ସମିତି ସଦସ୍ୟ ଏବଂ ସ୍ୱୟଂ ସହାୟକ ଗୋଷ୍ଠି ପାଇଁ ବିକଳ୍ପ ଆୟ ଉତ୍ସ ସୃଷ୍ଟି କରିବାରେ ବଲାଙ୍ଗିର ବନ ବିଭାଗ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି । ଆମ ଜଙ୍ଗଲ ଯୋଜନା ଅଧୀନରେ, ଆମର ମେଗା ଏବଂ ସେଂଟ୍ରାଲ୍ ନର୍ସରୀଗୁଡିକର ବିଦ୍ୟମାନ ଭିତିଭୂମି ଯୋଗୁଁ ଆମେ ଆଜି ପର୍ଯ୍ୟନ୍ତ ୨୫୦ ଟନ୍ ରୁ ଅଧିକ ପୁଷ୍ଟିକର ସମୃଦ୍ଧ ଭର୍ମିକମ୍ପୋଷ୍ଟ ଉତ୍ପାଦନ କରିଛୁ । ଉତ୍ପାଦନକୁ ଆହୁରି ବ୍ୟାପକ କରିବା ଏବଂ ଗ୍ରାମାଂଚଳରେ ବେକାର ବ୍ୟକ୍ତିବିଶେଷଙ୍କୁ ଆୟ ସୁଯୋଗ ଯୋଗାଇବା ପାଇଁ ଆମେ ବର୍ତ୍ତମାନ ଗ୍ରାମ ସ୍ତରରେ ଭର୍ମିକମ୍ପୋଷ୍ଟ ଭିତିଭୂମି ସୃଷ୍ଟି ଉପରେ ଧାନ ଦେଉଛୁ । ଏହି ପଦକ୍ଷେପ ଆମର ଗ୍ରାମୀଣ ସମ୍ପ୍ରଦାୟକୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଥିବାବେଳେ ବନ ବିଭାଗର କାର୍ଯ୍ୟକଳାପ ବ୍ୟତୀତ ସେମାନଙ୍କ ଆୟରେ ମୂଲ୍ୟ ଯୋଗ କରିଥାଏ । ଆମେ ନିକଟରେ ବିଭିନ୍ନ ରେଞ୍ଜରେ ଭର୍ମିକମ୍ପୋଷ୍ଟିଂ ଉପରେ ବିସ୍ତୃତ ତାଲିମ ଦେଇଥିଲୁ, ଏହି ସ୍ଥାୟୀ ଅଭ୍ୟାସରେ ନିୟୋଜିତ ହେବା ପାଇଁ ବ୍ୟକ୍ତିବିଶେଷଙ୍କୁ ଜ୍ଞାନ ଏବଂ କୌଶଳ ସହିତ ସଜାଇଥିଲୁ । କେବଳ ଏହି ମାସରେ, ଆମେ ଉତ୍ସାହୀ ଅଂଶଗ୍ରହଣକାରୀଙ୍କୁ ୭୮ ଭର୍ମିକମ୍ପୋଷ୍ଟ କିଟ୍ ପ୍ରଦାନ କରିଛୁ । ଅଧିକନ୍ତୁ, ସ୍ଥାନୀୟ ଏସଏଚଜି ସଦସ୍ୟମାନେ ସ୍ୱାଧୀନ ଭାବରେ ଅତିରିକ୍ତ ୧୨୨ କିଟ୍ କ୍ରୟ କରିଛନ୍ତି, ଯେଉଁଥିରେ ବିଚ୍ଛୁବାହାଲି ଗୋଶାଳାରେ ୩୨ କିଟ୍, କନ୍ଧାଭଟା ଭିଏସଏସରେ ୩ କିଟ୍, ତୁରେକେଲା ଭିଏସଏସରେ ୭ କିଟ୍, ନେଗିପାଲି ଭିଏସଏସରେ ୨ କିଟ୍ ଏବଂ ପ୍ରତାପପୁର ଭିଏସଏସରେ ୧ କିଟ୍ କ୍ରୟ କରାଯାଇଛି । ଏହି ଉଦ୍ୟମରେ ଏହି ସାମୂହିକ ପ୍ରୟାସ ସହିତ ଆମେ ଏହି ଆର୍ଥିକ ବର୍ଷରେ ପ୍ରାୟ ୬୦୦ ଟନ୍ ଭର୍ମିକମ୍ପୋଷ୍ଟ ଉତ୍ପାଦନ ଆଶା କରୁ । ଏହି ମାଇଲଖୁଂଟ କେବଳ ଜୀବିକା ବୃଦ୍ଧି କରେ ନାହିଁ ବରଂ ଜୈବ ବର୍ଜ୍ୟବସ୍ତୁ ପୁନଃ ବ୍ୟବହାର ମାଧ୍ୟମରେ ପରିବେଶ ପରିଚାଳନାକୁ ମଧ ପ୍ରୋତ୍ସାହିତ କରେ । ଆମର ଗ୍ରାମୀଣ ସମ୍ପ୍ରଦାୟରେ ଏହି ପଦକ୍ଷେପ ସୃଷ୍ଟି କରୁଥିବା ସକରାତ୍ମକ ପ୍ରଭାବ ପାଇଁ ଆମେ ଅତ୍ୟଧିକ ଗର୍ବିତ । ଆମ ଜଙ୍ଗଲ ଯୋଜନା ଦଳ ବାରମ୍ବାର ପରିଦର୍ଶନ କରିବା ଜାରି ରଖିଛି, ଏହାର ସଫଳତା ନିଶ୍ଚିତ କରିବାକୁ ମାର୍ଗଦର୍ଶନ ଏବଂ ସମର୍ଥନ ପ୍ରଦାନ କରୁଛି । ଆମର ଗ୍ରାମୀଣ ସମ୍ପ୍ରଦାୟ ପାଇଁ ଏକ ଉତ୍ତମ ଭବିଷ୍ୟତ ଗଠନ ଦିଗରେ ଏହି ଯାତ୍ରାରେ ଯୋଗ ଦିଅନ୍ତୁ । ଏକତ୍ର, ଚାଲନ୍ତୁ ସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବା, ବ୍ୟକ୍ତିବିଶେଷଙ୍କୁ ସଶକ୍ତ କରିବା ଏବଂ ଆମର ସାଥୀ ଗ୍ରାମବାସୀଙ୍କ ଜୀବନରେ ଏକ ସ୍ଥାୟୀ ପରିବର୍ତ୍ତନ ଆଣିବା । ଏହି ସନ୍ଦେଶ ଦେଇଛନ୍ତି ଜିଲ୍ଲା ବନଖଣ୍ଡ ଅଧିକାରୀ ନୀତିଶ କୁମାର ।

# ରାସ୍ତା ନିର୍ମାଣ ନେଇ ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ଜୟପୁର, ୩୧/୦୫ (ନି.ପ୍ର): ଜୟପୁର ସ୍ଥିତ ଗ୍ରାମ୍ୟ ନିର୍ମାଣ ବିଭାଜନ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି ଗ୍ରାମବାସୀ । ରାସ୍ତା ଓ ଗୃହ ବିଭାଗର ଫାମ୍ପୁଣି ବ୍ରାହ୍ମଣ ଦେଇ ଠାରୁ ଦାମାପୁଟର ଆରଡି ରାସ୍ତାର ମରାମତି ପାଇ ଦ୍ୱାରସ୍ଥ ହୋଇଛନ୍ତି । ଫାମ୍ପୁଣି ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି ଯେ ଆଜିକୁ ୧୦ ବର୍ଷ ହେବ ପାମ୍ପୁଣି ଗ୍ରାମ ବ୍ରାହ୍ମଣ ଦେଇ ଆରଏଣ୍ଡବି ର ଦାମାପୁଟ ରାସ୍ତା ତିଆରି କରିବା ନିମନ୍ତେ ଖୋଳି ଛାଡି ଦେଇ ଛନ୍ତି । ସେହି ଦିନ ଠାରୁ ଉକ୍ତ ରାସ୍ତାରେ ଗୁରୁତର ରୋଗୀକୁ ହସପିଟାଲ ନେବାକୁ ହେଲେ ଆମ୍ବୁଲାନ୍ସ ଗାଡି ଯାଇ ପାରୁ ନାହିଁ । ଉକ୍ତ ରାସ୍ତା ଖାଲ ଖାମରା ହୋଇ ପଡି ରହିଥିବାରୁ ଦୈନିକ ଦୁର୍ଘଟଣା ମାନ ଘଟୁଛି । ତେଣୁ ଉକ୍ତ ରାସ୍ତାକୁ ବିଭାଗ ଗୁରତର ସହ ନେଇ ନର୍ମାଣ କରିବାକୁ ଦାବି କରାଯାଇଛି । ନଚେତ ଗ୍ରାମ୍ୟ ନିର୍ମାଣ ବିଭାଜନ ବିଭାଗ ନିବାହୀ ଯନ୍ତ୍ରୀ ଙ୍କ କାଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ଶିବ ଭୁମିଆ, ବାବୁ ଗୌଡ, ଅଭି ଗାଦବା, ନିରଞ୍ଜନ ପାତ୍ର, ତାପସ କୁମାର ମଣ୍ଡଳ ପ୍ରମଖ ଚେତାବନୀ ଦେଇ ଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କାର୍ଯ୍ୟବଳୀ ସମୀକ୍ଷା

ଭୁବନେଶ୍ୱର, ୩୧/୦୫ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କାର୍ଯ୍ୟବଳୀ ସମ୍ପର୍କରେ ସମୀକ୍ଷା କରିଛନ୍ତି । ସମୀକ୍ଷା ପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମାନ୍ୟବର ମନ୍ତ୍ରୀ ସୁଦାମ ମାର୍ଣ୍ଡି କହିଥିଲେ ଯେ ରାଜ୍ୟ ସରକାର ବିଦ୍ୟାଳୟ ଓ ଗଣଶିକ୍ଷା କ୍ଷେତ୍ରରେ ଦିଆଯାଇଥିବା ପ୍ରାୟ ସମସ୍ତ ପ୍ରତିଶ୍ରୁତିକୁ ସଫଳତାର ସହ ପୂରଣ କରିଛନ୍ତି, 'ରାଜ୍ୟବ୍ୟାପୀ ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ଅଭିଜ୍ଞତାରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ଉଦ୍ଦେଶ୍ୟରେ ବିଭାଗ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି । ଏହି ପଦକ୍ଷେପଗୁଡ଼ିକ ପିଲାମାନଙ୍କର ଶୈକ୍ଷିକ ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା, ଅନ୍ତର୍ନିହିତ ଗୁଣାବଳୀକୁ ପ୍ରୋତ୍ସାହିତ କରିବା ଏବଂ ଦ୍ରୁତ ବିକଶିତ ଭବିଷ୍ୟତ ପାଇଁ ଛାତ୍ରଛାତ୍ରୀମାନଙ୍କୁ ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ଆରୋପ କରିଛି । ନିରପେକ୍ଷ ଏବଂ ନିଷ୍ପକ୍ଷ ଅନୁଶୀଳନପୂର୍ବକ ସମୟୋପଯୋଗୀ ପଦକ୍ଷେପ ଗ୍ରହଣ କରି ଓଡ଼ିଶା ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଜାତୀୟ ହାରାହାରିକୁ ଅତିକ୍ରମ କରି ପ୍ରଦର୍ଶନ ଗ୍ରେଡିଂ ଇଣ୍ଡେକ୍ସ (ପିଜିଆଇ) ୨୦୨୦-୨୧ ଏବଂ ନ୍ୟାସନାଲ ଆଚିଭମେଣ୍ଟ ସର୍ଭେ (ଏନଏଏସ)-୨୦୨୧ରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛି । ୨୦୨୩-୨୪ ଆର୍ଥିକ ବର୍ଷର ବଜେଟରେ ବିଦ୍ୟାଳୟ ଓ ଗଣଶିକ୍ଷା କ୍ଷେତ୍ରକୁ ଏକ ବଡ଼ ଆବଂଟନ ମିଳିଥିବା ବେଳେ ରାଜ୍ୟ ସରକାର ୨୨୫୨୭୮୦.୨୩ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି । ସରକାରଙ୍କ ୫-'ଟି' ଅଧୀନରେ ହାଇସ୍କୁଲ ଟ୍ରାନ୍ସଫର୍ମେସନ୍ ୩ଟି ପର୍ଯ୍ୟାୟରେ ୬୧୨୩ଟି ବିଦ୍ୟାଳୟର ରୂପାନ୍ତର କରାଯାଇଛି । ସ୍ମାର୍ଟ କ୍ଲାସରୁମ୍, ଇ-ଲାଇବ୍ରେରୀ, ବିଜ୍ଞାନ ପରୀକ୍ଷାଗାର, ପାନୀୟ ଜଳ ଓ ପରିମଳ, କ୍ରୀଡ଼ା ଭିତ୍ତିଭୂମି, ପରିବେଶର ରୂପରେଖ ୫-'ଟି' ନୀତି ଅନୁସରଣରେ ରୂପାନ୍ତରିତ ବିଦ୍ୟାଳୟ ମାନଙ୍କରେ ରହିଛି । ୨୦୨୩ ଡିସେମ୍ବର ସୁଦ୍ଧା ରାଜ୍ୟର ସମଗ୍ର ହାଇସ୍କୁଲ ଇକୋସିଷ୍ଟମରେ ପରିବର୍ତନ ଆଣି ୫-'ଟି' ରୂପାନ୍ତରଣ କାର୍ଯ୍ୟକ୍ରମର ଚତୁର୍ଥ ପର୍ଯ୍ୟାୟ ଶେଷ ହେବ । ଏକବିଂଶ ଶତାବ୍ଦୀର ଆବଶ୍ୟକତା ଅନୁଶୀଳନ କରାଯାଇ ଶିକ୍ଷାଗତ ପରିବର୍ତ୍ତନର ଏକ ଅଂଶ ଭାବରେ ଦକ୍ଷତା ଆକଳନ ସଂସ୍କାରକୁ ଅନ୍ତର୍ଭୁକ୍ତ କରାଯାଇଛି । ଓଡ଼ିଶାର ସମସ୍ତ ବ୍ଲକରେ ମୋଟ ୩୧୫ଟି ଓଏଭି (ଓଡ଼ିଶା ଆଦର୍ଶ ବିଦ୍ୟାଳୟ) ସହିତ ୩୧୩ଟି ଶିକ୍ଷାନୁଷ୍ଠାନ, ୧୭୦ଟି ବାଳିକା ହଷ୍ଟେଲ ଓ ୩୨ଟି ବାଳକ ହଷ୍ଟେଲ ନିର୍ମାଣ କରାଯାଇ କାର୍ଯ୍ୟକ୍ଷମ କରାଯାଇଛି । ୫ ବର୍ଷ ମଧ୍ୟରେ ମୋ ସ୍କୁଲ ଯୋଜନା ଦ୍ୱାରା ୩୦ ଲକ୍ଷରୁ ଅଧିକ ପୂର୍ବତନ ଛାତ୍ରଛାତ୍ରୀ ଏବଂ ଅଭିଭାବକ ତଥା ସମ୍ପ୍ରଦାୟ ସଦସ୍ୟଙ୍କ ସହ ସଫଳତାର ସହ ସହଯୋଗିତା ମାଧ୍ୟମରେ ୫୦,୨୬୩ ଟି ବିଦ୍ୟାଳୟରେ ଆଖିଦୃଶିଆ ପରିବର୍ତ୍ତନ ଘଟିଛି । ଏହାବ୍ୟତୀତ ମୋ ସ୍କୁଲ ଯୋଜନା ସ୍କୁଲ ଆଡପ୍ସନ ପ୍ରୋଗ୍ରାମ ହାତକୁ ନେଇଥିଲା ଯେଉଁଥିରେ ନିଜ ସ୍କୁଲରେ ଯୋଗଦାନ କରିବାକୁ ଇଚ୍ଛା ରଖିଥିବା ବିଶିଷ୍ଟ ବ୍ୟକ୍ତିମାନେ ଉଭୟ ଶୈକ୍ଷିକ ଏବଂ ଅଣଶିକ୍ଷାଗତ କାର୍ଯ୍ୟକଳାପରେ ହସ୍ତକ୍ଷେପ କରିପାରିବେ । ଓଡ଼ିଶା ଇତିହାସରେ ଏକକାଳୀନ ସର୍ବବୃହତ୍ ନିଯୁକ୍ତି ରେ ବିଭାଗ ଗତ ୨-୩ ବର୍ଷ ମଧ୍ୟରେ ରେକର୍ଡ ସଂଖ୍ୟକ ଶିକ୍ଷକ ନିଯୁକ୍ତି କରିଛି । ଏହି ସଫଳତା ଉଭୟ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ର-ଶିକ୍ଷକ ଅନୁପାତରେ ଯଥେଷ୍ଟ ଉନ୍ନତି ଆଣିବାରେ ସହାୟକ ହୋଇଛି । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଛାତ୍ରଛାତ୍ରୀଙ୍କ ସାର୍ଟିଫିକେଟ୍, ମାର୍କସିଟ୍ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସଂରକ୍ଷଣ ଓ ସମ୍ପ୍ରସାରଣ ପାଇଁ ଡିଜିଲକର ସୁବିଧା କାର୍ଯ୍ୟକାରୀ କରାଯାଇଛି । ଏହି ଭର୍ଚୁଆଲ ଲକର ଦସ୍ତାବିଜଗୁଡିକର ସୁରକ୍ଷିତ ରକ୍ଷଣାବେକ୍ଷଣକୁ ସୁନିଶ୍ଚିତ କରେ, ଚୋରି କିମ୍ବା କ୍ଷତିର ବିପଦକୁ ଦୂର କରିଥାଏ । ଡିଜିଲକର ବ୍ୟବସ୍ଥା ଦ୍ୱାରା ଛାତ୍ରଛାତ୍ରୀମାନେ ଆବଶ୍ୟକ ସ୍ଥଳେ ସହଜରେ ସେମାନଙ୍କ ଶିକ୍ଷାଗତ ଦସ୍ତାବିଜ କୁ ଆକସେସ୍ କରିପାରିବେ ଏବଂ ସେମାନଙ୍କୁ ସେମାନଙ୍କର ଶୈକ୍ଷିକ ରେକର୍ଡକୁ ସୁରକ୍ଷିତ ରଖିବାପାଇଁ ଏକ ସୁରକ୍ଷିତ ଏବଂ ଅସୁବିଧାମୁକ୍ତ ପଦ୍ଧତି ପ୍ରଦାନ କରିପାରିବେ । ନିକଟରେ ପ୍ରକାଶିତ ଦଶମ ବୋର୍ଡ ରେଜଲ୍ଟରେ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପୁଣି ଥରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି । ୩୨୨୨ ଟି ବିଦ୍ୟାଳୟ ୧୦୦% ଫଳାଫଳ ହାସଲ କରି ଉତ୍କର୍ଷତାର ସ୍ତରକୁ ଉନ୍ନତ କରିଛନ୍ତି । ୪୧୫୮ ଜଣ ଛାତ୍ରଛାତ୍ରୀ ୯୦% ରୁ ଅଧିକ ମାର୍କ ରଖିଥିବା ବେଳେ ୨,୩୦,୮୯୫ ଜଣ ଛାତ୍ରଛାତ୍ରୀ ୬୦%ରୁ ଅଧିକ ମାର୍କ ରଖିଛନ୍ତି । ମୋଟ ୫,୧୨,୪୬୦ ଜଣ ଛାତ୍ରଛାତ୍ରୀ ପାସ୍ କରିବା ସହ ପାସ୍ ହାର ୯୬.୧୯ରେ ପହଞ୍ଚିଛି । ଓଡ଼ିଶାର ସମସ୍ତ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ କାର୍ଯ୍ୟରତ କର୍ମଚାରୀ ମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଅନୁକମ୍ପା ରାଶି ୨ ଲକ୍ଷ ଟଙ୍କାରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ସ୍ଥାୟୀ ଅକ୍ଷମମାନଙ୍କ ନିମିତ୍ତ ଏହି ରାଶିକୁ ୧.୫ ଲକ୍ଷ ଟଙ୍କାରୁ ୨.୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ଓସେପାର ଆଉଟସୋର୍ସ କର୍ମଚାରୀଙ୍କ ମାସିକ ସମନ୍ୱିତ ପାରିଶ୍ରମିକ ବୃଦ୍ଧି କରାଯାଇଛି । ୨୦୨୨-୨୩ ଆର୍ଥିକ ବର୍ଷରୁ ବହୁଭାଷୀ ଶିକ୍ଷା (ଏମ୍ ଏଲ୍ ଇ) ଶିକ୍ଷା ସ୍ୱେଚ୍ଛାସେବୀଙ୍କ ଦରମା ମାସିକ ୩୨୦୦ ଟଙ୍କାରୁ ୫୩୭୯ ଟଙ୍କାକୁ ବୃଦ୍ଧି କରାଯାଇଛି । ୦୧-୫-'ଟି' ଚାର୍ଟର ଅଧୀନରେ ବିଭାଗ ହାଇସ୍କୁଲ ଟ୍ରାନ୍ସଫର୍ମେସନ୍ କାର୍ଯ୍ୟକ୍ରମ ହାତକୁ ନେଇଛି ଏବଂ ତିନୋଟି ପର୍ଯ୍ୟାୟରେ ରାଜ୍ୟର ମୋଟ ୬୧୨୩ଟି ହାଇସ୍କୁଲରେ ପରିବର୍ତ୍ତନ କରିଛି । ରାଜ୍ୟ ସରକାର ୨୦୨୩-୨୪ ଆର୍ଥିକ ବର୍ଷରୁ ଆରମ୍ଭ ହେଉଥିବା ଗଙ୍ଗାଧର ମେହେର ଶିକ୍ଷା ମାନକ ବୃଦ୍ଧି ଯୋଜନାରେ ସାଇକେଲ ପାଇଁ ଆବଣ୍ଟନ ୨୬୦୦ ଟଙ୍କାରୁ ୩୫୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି । ରାଜ୍ୟର ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବା ଉଦ୍ଦେଶ୍ୟରେ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀରେ ପଢୁଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ୟୁନିଫର୍ମ ପ୍ରଦାନ କରିବା ପାଇଁ ୨୦୨୩-୨୪ ଆର୍ଥିକ ବର୍ଷରୁ ମୁଖ୍ୟମନ୍ତ୍ରୀ ଶିକ୍ଷକ ପରିଧାନ ଯୋଜନା ଆରମ୍ଭ କରାଯିବ ।

# ବିଶ୍ୱ ତମାଖୁ ଦିବସ ଉପଲକ୍ଷେ ପ୍ରତିଯୋଗିତା

ମାଲକାନଗିରି, ୩୧/୦୫ (ନି.ପ୍ର): ବିଶ୍ୱ ତମାଖୁ ଦିବସ ଉପଲକ୍ଷେ ଆଜି ସରକାରୀ ପଲିଟେକ୍ନିକ୍ ମାଲକାନଗିରିରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ମାଲକାନଗିରି ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଦ୍ୱାରା ଆୟୋଜନ କରାଯାଇଥିଲା । ପ୍ରତିଯୋଗିତା କାର୍ଯ୍ୟକ୍ରମ ପୂର୍ବରୁ ଏଠାରେ ଏକ ସଭାର ଆୟୋଜନ କରାଯାଇଥିଲା । ଏହି ସଭାରେ ଡ. ରଂଜନ କୁମାର ସ୍ୱାଇଁ ଯୁବ ରେଡକ୍ରସ ଜିଲ୍ଲା ସମ୍ମିଳନୀ ସଚିବ ଅଧକ୍ଷତା କରିଥିଲେ । ତମାଖୁ ବର୍ଜନ ଦିବସ ପାଳନ କରିବାର ମହତ୍ୱ ବିଷୟରେ ସେ କହିଥିଲେ । ମୁଖ୍ୟବକ୍ତା ଡକ୍ଟର ଦୁର୍ଗା ପ୍ରସାଦ ରାଜ, ମହାମାରୀ ବିଶେଷଜ୍ଞ ମଂଚରେ ତମାଖୁର କ୍ଷତିକାରକ ପ୍ରଭାବ ସମ୍ପର୍କରେ ଏକ ଅଭିଭାଷଣ ପ୍ରଦାନ କରିଥିଲେ । ପ୍ରଭାସ କୁମାର ସେଠୀ (ଖାଦ୍ୟ ସୁରକ୍ଷା ଅଧିକାରୀ, ହରିଶ ରୁପାଲ ଉଭୟ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଶିବ ଶଙ୍କର ପାଣିଗ୍ରାହି (ଆସିଷ୍ଟାଂଟ ମ୍ୟାନେଜର ଏନସିଡି)ସଂଯୋଜନା କରିଥିଲେ । ଡି.ଆସିଶ ରାଥୋର ଯୁବ ରେଡ଼କ୍ରସ ସଂଯୋଜକ, ରିତେଶ କୁମାର (ସହକାରୀ ତାଲିମ ଅଧିକାରୀ, ସରକାରୀ ଆଇଟିଆଇ) ଏବଂ ସରକାରୀ ପଲିଟେକ୍ନିକ୍ ମାଲକାନଗିରି ଅନୁଷ୍ଠାନର ଶର୍ମିଳା ସବର (ପ୍ରିନ୍ସିପାଲ୍ ଦାୟିତ୍ୱ, ସିନିୟର ଅଧ୍ୟାପିକା, ମେକାନିକାଲ୍ ଇଞ୍ଜିନିୟରିଂ), ବିପିନ ବିହାରୀ ମହାନ୍ତି (ଅଧ୍ୟାପକ, ରସାୟନ ବିଜ୍ଞାନ), ଅବକାଶ ପ୍ରଧାନୀ (ଅଧ୍ୟାପକ, ପଦାର୍ଥ ବିଜ୍ଞାନ), ଜେ.ବିନୋଦ କୁମାର (ଅଧ୍ୟାପକ, ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ), ପଲ୍ଲବି ମହାନ୍ତ ( ଅଧ୍ୟାପିକା, ଯନ୍ତ୍ର ଏବଂ ନିୟନ୍ତ୍ରଣ ଇଞ୍ଜିନିୟରିଂ), ବି.ପାଓ୍ୱାନି (ଅତିଥି ଅଧ୍ୟାପକ, ମେକାନିକାଲ୍ ଇଞ୍ଜିନିୟରିଂ) ଇତ୍ୟାଦି ସମସ୍ତେ ପ୍ରତିଯୋଗିତାରେ ସହଯୋଗ ଏବଂ ମୂଲ୍ୟାଙ୍କନ କରିଥିଲେ । ଏହି ପ୍ରତିଯୋଗିତାରେ ସରକାରୀ ଡିଗ୍ରୀ କଲେଜ, ସରକାରୀ ଜୁନିଅର ସାଇନ୍ସ କଲେଜ, ମାଲକାନଗିରି କଲେଜ, ସରକାରୀ ଆଇଟିଆଇ ଏବଂ ପଲିଟେକ୍ନିକ୍ ଅନୁଷ୍ଠାନରୁ ୭୦ ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ପ୍ରବନ୍ଧ ପ୍ରତିଯୋଗିତାରେ ବିଶ୍ୱରଞ୍ଜନ ଧଳ, ଭି.ପ୍ରକାଶ ରାଓ, ଚନ୍ଦ୍ରବଟି ମଲାଟ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ ।

# ଥାନା ହାଜତରୁ ଫେରାର୍ ମୁଦାଲାକୁ ଧରିଲା ପୁଲିସ

ରାଉରକେଲା, ୩୧/୦୫ (ନି.ପ୍ର): ରାଉରକେଲା ପୁଲିସ ଜିଲ୍ଲାର ସେକ୍ଟର ୧୫ ଥାନାରେ ଚାଲିଥିବା ଢିଲା ବ୍ୟବସ୍ଥା ଲାଗି ଚୋରୀ ମାମଲାରେ ଗିରଫ ହୋଇଥିବା ଜଣେ ମୁଦାଲା ଥାନାରୁ ଫେରାର ହେବା ଓ ପରେ ଥାନା ବାଲା ନାକଦେମ ହୋଇ ତାକୁ ଧରିବା ମାମଲା ପୁଲିସ ଜିଲ୍ଲାର ଜାଣିବା ଶୁଣିବା ମହଲରେ ଚର୍ଚ୍ଚାର ବିଷୟ ହୋଇଛି । ଖବରରୁ ଜଣାପଡିଛି, ଏକ ଚୋରୀ ମାମଲାରେ ସେକ୍ଟର-୧୫ ଥାନା ପୁଲିସ ୪ ଜଣଙ୍କୁ ଧରିଥିଲା । ତନ୍ମଧ୍ୟରୁ ୨ ଜଣଙ୍କୁ ପଚରା ଉଚରା ପରେ ଛାଡିଥିବା ବେଳେ ଅନ୍ୟ ୨ଜଣଙ୍କୁ ରଖିଥିଲା । ତେବେ ଏମାନଙ୍କ ଭିତରୁ ୨୮ ତାରିଖ ସନ୍ଧ୍ୟାରେ ଥାନାରେ କେହି ନଥିବା ବେଳେ ଜଣେ ମାତ୍ର ଜନେଷ୍ଟବଳ ଥାନାରେ ଥିବାର ସୁଯୋଗ ନେଇ ହାଜତରେ ଥିବା ସେକ୍ଟର -୧ ଅଂଚଳର ରିସି ନାମକ ଯୁବକ ପାଇଖାନା ଯିବାକୁ କହି ଭିତରପଟୁ କବାଟ ଦେଇ ଆଉ ଖୋଲିନଥିଲା । କନେଷ୍ଟବଳ ଜଣକ ବିଳମ୍ବ ହେବାରୁ ଡାକି ଦେଖିବାରୁ ଅଭିଯୁକ୍ତ ରିସି ଝରକା ଭାଙ୍ଗି ଫେରାର ହୋଇଯାଇଥିବା ଜାଣିବାକୁ ପାଇଥିଲେ । ପରେ ଥାନାର ଅନ୍ୟ ଅଧିକାରୀ ମାନେ ଏକଥା ଜାଣିବା ସହ କଥା ଉପର ମହଲକୁ ଯିବା ପରେ ସେଦିନ ସନ୍ଧ୍ୟାରୁ ରାତି ୧ଟା ଯାଏ ଖୋଜାଖୋଜି କରି ତାକୁ ସେକ୍ଟର-୨୧ ଅଂଚଳରୁ ଧରିଥିଲେ । ପରେ ତାକୁ ସେହି ଚୋରୀ ମାମଲାରେ କୋର୍ଟଚାଲାଣ କରିଥିବା ଜଣାପଡିଛି । ଠିକ ସେହିଭଳି ଏହି ଥାନାର କିଛି ଅଧିକାରୀ. ଜଣେ ମହିଳା ଅଫିସର ଓ କନେଷ୍ଟବଳ ମାନେ ଥାନା ଗାଡିରେ ଜଣେ ଯୁବକକୁ ଧରି ଆସୁଥିବା ବେଳେ ସେ ଯୁବକ ଜଣକ ସେକ୍ଟର ୧୬ ଛକରେ ଗାଡିରୁ ଡଂପଟ ମାରିଥିଲା । ଥାନାର ସିପାହୀ ମାନେ ତାକୁ ଧରିଥିଲେ । ଏହି ୨ଟି ଘଟଣାକୁ ନେଇ ଏବେ ଜାଣିବା ଶୁଣିବା ମହଲରେ ଆଲୋଚନା ଯୋର ଧରିଥିବା ବେଳେ ଥାନାର ପ୍ରଶାସନିକ ବ୍ୟବସ୍ଥାକୁ ନେଇ ଉଠିଛି ପ୍ରଶ୍ନ ।

# ଦଣ୍ଡିପଦାରଠାରେ ପୋଲିସ ପକ୍ଷରୁ ଜନସମ୍ପର୍କ ଶିବିର

ମାଲକାନଗିରି, ୩୧/୦୫ (ନି.ପ୍ର): ମାଥିଲି ଥାନା ଅନ୍ତର୍ଗତ ମହୁପଦର ପଂଚାୟତର ଦଣ୍ଡିପଦର ଠାରେ ପ୍ରଥମଥର ପାଇଁ ପୋଲିସ ପକ୍ଷରୁ ଆୟୋଜିତ ହୋଇଛି ଜନସମ୍ପର୍କ ଶିବିର । ଅପହଂଚ ଇଲାକା ତୁଳସୀ ପାହାଡ଼ରେ ଏପ୍ରିଲ ମାସ ୨୩ ତାରିଖରେ ନୂତନ ଭାବେ ବିଏସଏଫ୍ କ୍ୟାମ୍ପ ପ୍ରତିଷ୍ଠା କରାଯାଇଥିବା ବେଳେ ପରେ ସେଠାରେ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି । ମାଓଗଡ଼ ଦୁର୍ଗମ ତୁଳସୀ ପାହାଡ଼ରେ ଯେଉଁଠି ମାଓବାଦୀଙ୍କ ଲାଲଝଣ୍ଡା ଉଡୁଥୁଲା ସେଠି ଆଜି ଉଡ଼ିଛି ଜାତୀୟ ପତାକା । ଯେଉଁଠାରେ ଶୁଭୁଥିଲା ମାଓବାଦୀ ଜିନ୍ଦାବାଦ, ଲାଲ୍ ସଲାମ ଆଜି ସେଠି ନିର୍ଭୟରେ ଗ୍ରାମବାସୀମାନେ ନାରା ଦେଇଛନ୍ତି ବନ୍ଦେ ମାତରମ, ଭାରତ ମାତା କି ଜୟ । ନୂଆ ସିଓବି ପ୍ରତିଷ୍ଠା ଦ୍ୱାରା ମାଓପ୍ରବଣ ଦୁର୍ଗମ ତୁଳସୀ ଗାଁ ଓ ନିକଟସ୍ଥ ଅଂଚଳରେ ବିକାଶମୂଳକ କାର୍ଯ୍ୟ ଆଗେଇ ଚାଲିଛି । କାରଣ ଯେଉଁ ଅଂଚଳକୁ ଦିନେ ଚାଲିକି ଯିବା ସମ୍ଭବ ନଥିଲା ସେହି ଅଂଚଳରେ ଆଜି ପୋଲିସ ପହଂଚି ଲୋକଙ୍କ ନିକଟତର ହେବାକୁ ଲାଗିଛି । ସେହିପରି ଲୋକମାନେ କିଛିଦିନ ପୁର୍ବରୁ ରାସ୍ତାଘାଟ, ବିଜୁଳି, ଶିକ୍ଷା, ସ୍ୱାସ୍ଥ୍ୟ ଓ ବିକାଶ ବିଷୟରେ ବୁଝି ପାରୁ ନଥିଲେ ସେମାନେ ଆଜି ଏହାର ଅର୍ଥ ବେଶ ଭଲ ଭାବରେ ଜାଣି ପାରିଛନ୍ତି । ସେମାନଙ୍କ ଅଂଚଳରେ ବିଏସଏଫ କ୍ୟାମ୍ପ୍ ପ୍ରତିଷ୍ଠା ହେଲାପରେ ସେହି ଅଂଚଳର ଲୋକମାନେ ମାଓବାଦୀଙ୍କ ହାତ ଛାଡି ବିକାଶ ପାଇଁ ମୁଖ୍ୟସ୍ରୋତକୁ ଫେରି ଆଜି ପୋଲିସର ହାତ ଧରିଛନ୍ତି । ଯାହା ଫଳରେ ସେମାନେ ବିକାଶର ଚିତ୍ର ଦେଖୁଛନ୍ତି ବୋଲି କହିଛନ୍ତି ମାଲକାନଗିରି ଏସପି । ତେବେ ଦଣ୍ଡିପଦର ଠାରେ ଆୟୋଜିତ ଜନସମ୍ପର୍କ ଶିବିରରେ ମାଲକାନଗିରି ଏସପି ପହଂଚିବା ସମୟରେ ଗ୍ରାମବାସୀ ଏସପିଙ୍କୁ ନିଜ ପାରମ୍ପରିକ ସଙ୍ଗୀତ ଓ ବାଜା ବଜାଇ ଭବ୍ୟ ସ୍ୱାଗତ କରି ପାଛୋଟି ନେଇଥିଲେ । ସେଠାରେ ଏସପି ଜନସମ୍ପର୍କ ଶିବିରରେ ଯୋଗଦେଇ ପୋଲିସର କାର୍ଯ୍ୟ ଉପରେ ଲୋକମାନଙ୍କୁ କହିଥିଲେ । ସେଠାରେ ଲୋକମାନଙ୍କ ପାଇଁ ପୋଲିସ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର କରାଯାଇଥିବାରୁ ସେହି ଅଂଚଳର ବହୁ ଲୋକ ଆସି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ପରେ ମାଲକାନଗିରି ଏସପି ନୀତେଶ ୱାଧଓ୍ୱାନି ଗ୍ରାମବାସୀ ମାନଙ୍କୁ ଧୋତି, ଲୁଙ୍ଗି, ଚାଦର, ଶାଢୀ, ପିଲାମାନଙ୍କୁ ପୋଷାକ ଓ ଖେଳ ସାମଗ୍ରୀ ପ୍ରଦାନ କରିଥିଲେ । ଏହି ଅବସରରେ ମାଲକାନଗିରି ଏସପିଙ୍କ ସହ ମାଥିଲି ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ, ବିଏସଏଫ କ୍ୟାମ୍ପର ଆସିଷ୍ଟାଂଟ କମାଣ୍ଡେଂଟ , ମାଥିଲି ଉପଖଣ୍ଡ ଚିକିତ୍ସାଳୟର ଡାକ୍ତରଙ୍କ ସହ ସ୍ଥାନିୟ ଲୋକପ୍ରତିନିଧିମାନେ ଉପସ୍ଥିତ ଥିଲେ । ମାଲକାନଗିରି ଜିଲ୍ଲାର ଉପାନ୍ତ ଅଂଚଳ ଗୁଡ଼ିକରେ କ୍ୟାମ୍ପ୍ ପ୍ରତିଷ୍ଠା ହେବା ପରେ ମାଓବାଦୀଙ୍କ ଉପଦ୍ରବ କମିଥିବା ଦେଖିବାକୁ ମିଳିଛି । କିଛିଦିନ ବ୍ୟବଧାନରେ ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଂଚଳର ଜାନବାଇ, ହନ୍ତାଳଗୁଡା, ଜୋଡାମ୍ବ, ପଣସପୁଟ ଓ ଯନ୍ତ୍ରୀ ଠାରେ କ୍ୟାମ୍ପ ହେବା ପରେ ସ୍ୱାଭିମାନ ଅଂଚଳବାସୀ ଧୀରେ ଧୀରେ ମାଓବାଦୀଙ୍କ ହାତଛାଡ଼ି ଜିଲ୍ଲା ପୋଲିସର ହାତଧରି ମୁଖ୍ୟସ୍ରୋତକୁ ଫେରିଛନ୍ତି ।

# ହୋହାଲ୍ଲାରେ ବାଲିଆପାଳ ପଞ୍ଚାୟତ ସମିତିର ଚତୁର୍ଥ ବୈଠକ ଅନୁଷ୍ଠିତ




ଲଙ୍ଗଳେଶ୍ୱର , ୩୧/୦୫ (ନି.ପ୍ର): ବାଲିଆପାଳ ବ୍ଲକ ସଭାଗୃହ ମଧ୍ୟରେ ବୁଧବାର ବାଲିଆପାଳ ପଞ୍ଚାୟତ ସମିତିର ଚତୁର୍ଥ ବୈଠକ ହୋହାଲ୍ଲା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଗୃହ ଆରମ୍ଭରେ ପ୍ରଥମେ ଖାଉଟି ଓ ଯୋଗାଣ ବିଭାଗର ଆଲୋଚନ ହୋଇଥିଲା। ଏହି ଆଲୋଚନାରେ ଯୋଗ୍ୟ ହିତାଧିକାରୀ ରେସନ ପାଉନଥିବା ବେଳେ ବହୁ ଅଯୋଗ୍ୟ ହିତାଧିକାରୀ କଳ କୌଶଳ କରି ରେସନ କାର୍ଡ ହାତେଇଥିବା ନେଇ ବହୁ ବାକ ବିତଣ୍ଡା ଲାଗିଥିଲା। ଅଯୋଗ୍ୟ ହିତାଧିକାରୀ କଳ କୌଶଳ କରି ରେସନ କାର୍ଡ ହାତେଇଥିବା କଥା ଉପରେ ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ କହିଥିଲେ ଯେତିକି ଯୋଗ୍ୟ ହିତାଧିକାରୀ ରେସନ ପାଇବାରୁ ବଞ୍ଚିତ ଅଛନ୍ତି ତାଠାରୁ ଅଧିକ ଅଯୋଗ୍ୟ ହିତାଧୀକାରୀ ରେଶନ ପାଉଛନ୍ତି। ବୈଠକ ଆରମ୍ଭ ରେ ରେସନକାର୍ଡ ର ତାତି ଜୋର ଧରିଥିଲା। ଅନୈତିକ ଉପାୟରେ ରେସନ ହାତେଇଥିବା ହିତାଧିକାରୀଙ୍କୁ ଚିହ୍ନଟ କରିବାରେ ସହଯୋଗ କରିବାକୁ ବ୍ଲକ ଖାଦ୍ୟ ସୁରକ୍ଷା ଅଧିକାରୀ ସମସ୍ତଙ୍କୁ ନିବେଦନ କରୁଥିବା ବେଳେ ବିଡ଼ିଓ ଏବଂ ବିଧାୟକ ଚୁପ୍ ରହିଥିଲେ ଯଦି ସମସ୍ତ ନିର୍ବାଚିତ ପ୍ରତିନିଧି ସରପଞ୍ଚ, ସଦସ୍ୟ, ଜିଲ୍ଲା ପରିଷଦ ର ସଦସ୍ୟ ମାନେ ତଦନ୍ତରେ ସହଯୋଗ କରିବେ ତାହାହେଲେ ଅଯୋଗ୍ୟ ହିତାଧୀକାରୀଙ୍କ ନାମ ତାଲିକାରୁ ବାଦ ଦିଆଯାଇ ବାକି ଯୋଗ୍ୟ ହିତାଧିକାରୀ ଙ୍କ ନାମ ରେସନ କାଡ ରେ ସଂଯୋଗ ହୋଇ ପାରିବ। ଯାହା ଦ୍ୱାରା ବାଲିଆପାଳ ବ୍ଲକ ରେ ଯୋଗ୍ୟ ହିତାଧୀକାରୀ ରେସନ ପାଇବାରୁ ବଞ୍ଚିତ ହେବନାହିଁ। ଏନେଇ ବ୍ଲକ ପକ୍ଷରୁ ଯୋଗାଣ ବିଭାଗର ଏକ ଭିଜିଲାନ୍ସ କମିଟି ଗଠନ କରାଯିବ । ଏହି କମିଟିରେ ଜଗତିପୁର ପଞ୍ଚାୟତର ସମିତି ସଭ୍ୟ ଶାନ୍ତନୁ ମହାପାତ୍ରଙ୍କୁ ସଦସ୍ୟ ଭାବେ ଘୋଷଣା କରା ଯାଇଥିଲା । ଏହି ବୈଠକରେ ଯୋଗାଣ ଓ ଖାଉଟି ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଆବାସ ଯୋଜନା, ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ବିଷୟରେ ଆଲୋଚନା ହୋଇଥିଲା। ବେତଗଡିଆ ପଞ୍ଚାୟତରେ ଗୋଟିଏ କାମକୁ ସରପଞ୍ଚ ଓ ସମିତି ସଦସ୍ୟ ଅଧାଅଧା କରିଥିବାରୁ ଗୃହରେ ସରପଞ୍ଚ- ସମିତି ସଦସ୍ୟ- ଜିଲ୍ଲାପରିଷଦ ଓ ବିଡ଼ିଓ ଙ୍କ ମଧ୍ୟରେ ବାକବିତଣ୍ଡା ଲାଗିରହିବା ପରେ ସମାଧାନ ର ପନ୍ଥା ବାହାର କରାଯାଇଥିଲା। ଦୀର୍ଘ ଦିନ ଧରି ପଞ୍ଚାୟତ ଗୁଡ଼ିକ ରେ ବିଭିନ୍ନ କାମ ସରିଥିଲେ ମଧ୍ୟ ବିଲ ମିଳୁନଥିବାରୁ ବୈଠକ ରେ ଉଦବେଗ ପ୍ରକାଶ ପାଇଥିଲା। କଳିପଦା ବାଲିଆପାଳ ରାସ୍ତାର ମଝି କୋଷ୍ଟ କେନାଲ ପାଶ୍ୱରରେ ରହିଥିବା ଚିଙ୍ଗୁଡ଼ି ପ୍ରସେସିଂ ୟୁନିଟରୁ ନିର୍ଗତ ଅତିଷ୍ଠ ଦୁର୍ଗନ୍ଧ ଦ୍ୱାର ଜନସାଧାରଣ ରାସ୍ତାରେ ଯିବା ଆସିବା ସମୟ ରେ ଅସ୍ତ ବ୍ୟସ୍ତ ହୋଇପଡ଼ିଥିବା ନେଇ ବୈଠକର ଆଲୋଚନା ହୋଇଥଲା। ବାକ ବିତଣ୍ଡା ଓ ହୋହାଲ୍ଲା ମଧ୍ୟରେ ବୈଠକ ଶେଷ ହୋଇଥିଲା। ବାଲିଆପାଳ ପଞ୍ଚାୟତ ସମିତି ଅଧକ୍ଷା ରଞ୍ଜିତା ନାୟକ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକ ରେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ,ବାଲିଆପାଳ ବିଡ଼ିଓ୍ୱ ବିନୋଦ ଚନ୍ଦ୍ର ପଣ୍ଡା, ଉପାଧକ୍ଷ ରାଜେଶ ଚୌଧୁରୀ,ବାଲେଶ୍ୱର ଏମ ପି ଙ୍କ ପ୍ରତିନିଧି ମହେଶ୍ୱର ଜେନା , ୨୪ ନମ୍ବର ଜୁନର ଜିଲ୍ଲା ପରିସଦ ସଦସ୍ୟ ବାବାଜୀ ଦେହୁରୀ,୨୩ ନମ୍ବର ଜୁନର ଜିଲ୍ଲା ପରିସଦ ସଦସ୍ୟ ବେଣୁଧର ଜେନା, ୨୨ନମ୍ବର ଜୁନର ଜିଲ୍ଲା ପରିସଦ ସଦସ୍ୟ ନିଶାକର ସେଠୀ, ୨୧ନମ୍ବର ଜୁନର ଜିଲ୍ଲା ପରିସଦ ସଦସ୍ୟା କାଞ୍ଚନ ବାଳା ଜେନାଙ୍କ ସହିତ ସମସ୍ତ ନବନିର୍ବାଚିତ ସରପଞ୍ଚ ଓ ସମିତି ସଦସ୍ୟଙ୍କ ସହିତ ବ୍ଲକର ସମସ୍ତ ଲାଇନ ଡିପାଟମେଣ୍ଟର ଅଫିସର ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ପାଇପ୍ ପଡି ଛାତ୍ରୀ....

କାର୍ଯ୍ୟ ସ୍ଥାନର ପ୍ରବେଶ ଓ ପ୍ରସ୍ଥାନ ପଥରେ ସୁରକ୍ଷା କର୍ମୀ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ନିୟମରେ ଖିଲାପ କଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମେୟର କହିଛନ୍ତି। ସୂଚନାଯୋଗ୍ୟ ଯେ ଗତକାଲି ଇମର୍ତିଦେବୀ ମହିଳା କଲେଜର ଯୁକ୍ତ ଦୁଇରେ ପଢୁଥିବା ନୂଆ ରାଉସାପାଟଣାର କ୍ରିଷ୍ଣା ଦାସ ଓ ହେମ ଦାସଙ୍କ ଝିଅ ଏନ୍. ମଇନୀ ଦାସ ସେହି ବାଟ ଦେଇ ଯାଉଥିବା ବେଳେ ଅଘଟଣର ଶିକାର ହୋଇଥିଲା। ବିକଳ୍ପ ବ୍ୟବସ୍ଥା ନଥିବାରୁ ସହଜରେ ରାସ୍ତା ପାର ହେବା ପାଇଁ ଗହ୍ମଡିଆଠାରେ ଏକ ପାଣି ପାଇପ ତଳେ ଛାତ୍ରୀ ଜଣକ ଗଳିକି ଯାଉଥିବା ବେଳେ ବିପଦସଙ୍କୁଳ ସ୍ଥିତିରେ ଥିବା ଗୋଟିଏ ପାଇପ ତାଙ୍କ ଅଂଟା ଉପରେ ପଡି ଯାଇଥିଲା। ସେଠାରେ କ୍ରେନ୍ ଓ ଜେସିବି ପହଂଚି ତାଙ୍କୁ ଉଦ୍ଧାର କରିବାକୁ ଏକ ଘଂଟାରୁ ଅଧିକ ସମୟ ଲାଗି ଯାଇଥିଲା। ଗୁରୁତର ଅବସ୍ଥାରେ ପ୍ରଥମେ ଏସ୍‌ସିବି ଓ ପରେ ସିଡିଏର ଅଶ୍ୱିନୀ ହସ୍ପିଟାଲକୁ ତାଙ୍କୁ ନିଆଯାଇଥିବା ବେଳେ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା।

## ପ୍ରକାଶିତ ହେଲା....

ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ଚଳିତବର୍ଷ ୪ଟି ଯାକ ବିଭାଗରେ ପରୀକ୍ଷା ଦେବା ଲାଗି ୩ ଲକ୍ଷ ୫୬ ହଜାର ୪୪୯ଜଣ ଛାତ୍ରଛାତ୍ରୀ ନାମ ପଞ୍ଜୀକରଣ କରିଥିଲେ। କଳା ବିଭାଗରେ ୨ଲକ୍ଷ ୩୨ ହଜାର ୬୪୪, ବିଜ୍ଞାନରେ ୯୩ହଜାର ୭୩୦, ବାଣିଜ୍ୟରେ ୨୪ହଜାର ୨୪୬ ଓ ଧନ୍ଦାମୂଳକ ବିଭାଗରେ ୫୮୨୯ଜଣ ରହିଥିଲେ।

## ଗେହଲଟଙ୍କ ବଡ଼....

ନିଜ ନାମ ପଞ୍ଜୀକୃତ କରି ଉପଭୋକ୍ତା ଏହି ଯୋଜନାର ଲାଭ ଉଠାଇ ପାରିବେ। ଏହି ଯୋଜନାର ଲାଭ ଉଠାଇବା ପାଇଁ ଏଯାବତ ୭୬ ଲକ୍ଷ ଉପଭୋକ୍ତା ନିଜ ନାମ ପଞ୍ଜୀକରଣ କରି ସାରିଥିବା ଜଣେ ଅଧିକାରୀ କହିଛନ୍ତି। ଯେଉଁମାନେ ଶହେ ୟୁନିଟରୁ ଅଧିକ ବିଦ୍ୟୁତ୍ ବ୍ୟବହାର କରିବେ ସେମାନେ ଏକ ନିର୍ଦ୍ଦିଷ୍ଟ ପରିମାଣର ସବସିଡି ପାଇପାରିବେ ବୋଲି କୁହାଯାଇଛି । ଏହି ଯୋଜନାର ଅପବ୍ୟବହାର ତଥା ବିଦ୍ୟୁତ୍ ଚୋରି ଉପରେ ନଜର ରଖିବାକୁ ଅଧିକାରୀମାନଙ୍କୁ ରାଜସ୍ଥାନ ସରକାର କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

## ଜୁନରେ ଓଡ଼ିଶା....

ମୋଦିଙ୍କ ସମେତ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ୍ ଶାହା, କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପ୍ରମୁଖ ଯୋଗ ଦେବେ। ରାଜ୍ୟରେ ମହା ଜନସଂପର୍କ ଅଭିଯାନକୁ ସଫଳ କରିବା ପାଇଁ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ଆବାହକତ୍ୱରେ ଏକ ରାଜ୍ୟ କମିଟି ଗଠନ କରାଯାଇଛି। ଦଳ ପକ୍ଷରୁ ରାଜ୍ୟର ୨୧ଟି ଲୋକସଭା କ୍ଷେତ୍ରକୁ ମୋଟ ୬ଟି କ୍ଲଷ୍ଟରରେ ବିଭକ୍ତ କରାଯାଇଛି । କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ,ଅର୍ଜୁନ ମୁଣ୍ଡା, ନିତ୍ୟାନନ୍ଦ ରାୟଙ୍କ ସମେତ ଓଡ଼ିଶାର ୩ ଜଣ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ, ବିଶ୍ୱେଶର ଟୁଡୁ ପ୍ରମୁଖ ଏହି ମହା ଜନସଂପର୍କ ଅଭିଯାନରେ ସାମିଲ ହେବେ ବୋଲି ଶ୍ରୀ ସାମଲ କହିଛନ୍ତି। ମୋଦିଙ୍କ ୯ବର୍ଷର ସଫଳତାକୁ ନେଇ ଦଳ ପକ୍ଷରୁ ଏକ ସ୍ୱତନ୍ତ୍ର ୱେବସାଇଟ୍ ଲୋକାର୍ପଣ ହୋଇଛି । ଜନସଂପର୍କ ଏବଂ ଜନତାଙ୍କଠାରୁ ସମର୍ଥନ ପାଇଁ ବିଜେପି ଏକ ମିସ୍‌ଡ କଲ୍ ନମ୍ବର ୯୦୯୦୯୦୨୦୨୪ ଜାରି କରିଛି । ଏହି ମହାସମ୍ପର୍କ ଅଭିଯାନ ଅବସରରେ ଜୁନ୍ ୨୧ ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ଅବସରରେ ପ୍ରତ୍ୟେକ କାର୍ଯ୍ୟକ୍ରମ ସ୍ଥଳରେ କେନ୍ଦ୍ର ସରକାରଙ୍କ ୯ ବର୍ଷର ସଫଳତାକୁ ନେଇ ପ୍ରଦର୍ଶନୀ ଆୟୋଜିତ ହେବ। ଜୁନ୍ ୨୩ ତାରିଖ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ପୁଣ୍ୟ ତିଥିରେ ପ୍ରଧାନମନ୍ତ୍ରୀ ମୋଦି ଡିଜିଟାଲ ର୍ୟାଲି ମାଧ୍ୟମରେ ଦେଶର ୧୦ ଲକ୍ଷ ବୁଥରେ ସମର୍ଥକ, ସମାଜର ବିଭିନ୍ନ ବର୍ଗର ବ୍ୟକ୍ତି ଏବଂ ଦଳୀୟ କାର୍ଯ୍ୟକର୍ତାଙ୍କ ସହ ସିଧାସଳଖ କଥାବାର୍ତାର୍ କରିବେ ବୋଲି ଶ୍ରୀ ସାମଲ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ମହା ଜନସଂପର୍କ ଅଭିଯାନର ରାଜ୍ୟ ସଂଯୋଜକ ଶ୍ରୀ ଷଡ଼ଙ୍ଗୀଙ୍କ ସମେତ ଦଳୀୟ ନେତ୍ରୀ ପ୍ରଭାତୀ ପରିଡ଼ା, ଅନୀତା ଶୁଭଦର୍ଶିନୀ, ସୁଦୀପ୍ତ ରାୟ, ଶାରଦା ଶତପଥୀ ଓ ସୁଜିତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।


## ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର

ଭାରତ ରାଷ୍ଟ୍ରପତିଙ୍କ ତରଫରୁ ବିଭାଗୀୟ ରେଲୱେ ମ୍ୟାନେଜର୍ (Engg) ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଉଲ୍ଲେଖ କରାଯାଇଥିବା ତାରିଖ **୧୫.୦୦ଘଣ୍ଟା** ପୂର୍ବରୁ ଟେଣ୍ଡର ଗ୍ରହଣ କରାଯାଇ **୧୫.୩୦** ଘଣ୍ଟାରେ ଖୋଲାଯିବ। **SI.No.-1. e-Tender/2023/25, Date: 30.05.2023. Tender No.: E-KGP-South-13-2023.** କାର୍ଯ୍ୟର ବର୍ଣ୍ଣନା - ADEN / BLS ଅଧୀନରେ ବାଲେଶ୍ୱର ଏବଂ ସୋରୋ ଷ୍ଟେସନରେ ଏନକାଉଣ୍ଟର / ଅପରାଧକୁ ରୋକିବା ପାଇଁ ଦୁର୍ବଳ ସ୍ଥାନରେ ସୀମା ପ୍ରାଚୀର / ଯୌଗିକ ପ୍ରାଚୀର ନିର୍ମାଣ । ଟେଣ୍ଡର ମୂଲ୍ୟ : ୩,୯୬,୫୩,୫୬୮.୪୧ ଟଙ୍କା ଅମାନତ ଟଙ୍କା : ୩,୪୮,୩୦୦/ -ଟେଣ୍ଡର ପେପର୍ ମୂଲ୍ୟ : ନାହିଁ ଖୋଲିବା ତାରିଖ : ୨୯.୦୬.୨୦୨୩ କାର୍ଯ୍ୟର ସମାପ୍ତି ସମୟ : ୧୨ମାସ ନିଲାମ ଆରମ୍ଭ ତାରିଖ : ୧୫.୦୬.୨୦୨୩ ରୁ ୧୫.୦୦ ଘଣ୍ଟା ରୁ ୨୯.୦୬.୨୦୨୩ ପର୍ଯ୍ୟନ୍ତ । **SI.No.-2. e-Tender Notice No.: e-Tender/2023/24, Date: 31.05.2023. Tender No.: E-KGP-HQ-08-2023.** କାର୍ଯ୍ୟର ବର୍ଣ୍ଣନା - DEN (HQ) / KGP ଅଧୀନରେ 60 Kg/60 EI, R260 & 60 Kg ଗ୍ରେଡ୍ ରେଲର ୱେଲଡିଂ । ଟେଣ୍ଡର ମୂଲ୍ୟ : ୩୯,୫୯,୮୧୫.୭୮ ଟଙ୍କା ଅମାନତ ଟଙ୍କା : ୭୯,୨୦୦ ଟେଣ୍ଡର ପେପର୍ ମୂଲ୍ୟ : ନାହିଁ ଖୋଲିବା ତାରିଖ : ୨୨.୦୬.୨୦୨୩ କାର୍ଯ୍ୟର ସମାପ୍ତି ସମୟ : ୩(ତିନି) ମାସ ନିଲାମ ଆରମ୍ଭ ତାରିଖ : ୦୮.୦୬.୨୦୨୩ ରୁ ୧୫.୦୦ ଘଣ୍ଟା ରୁ ୨୨.୦୬.୨୦୨୩ ପର୍ଯ୍ୟନ୍ତ । ଇଚ୍ଛୁକ ଟେଣ୍ଡରକାରୀ www.ireps.gov.in କୁ ଯାଇ ପରିଦର୍ଶନ କରିବା ସହ ସମ୍ପୂର୍ଣ୍ଣ ବିବରଣୀ ସହ ଅନ୍‌ଲାଇନ୍‌ରେ ବିଡ୍ ଦାଖଲ କରିପାରିବେ । କୌଣସି ପରିସ୍ଥିତିରେ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ଦ୍ର. :** ଆଶାୟୀ ଟେଣ୍ଡରର୍ ମାନେ ନିୟମିତ ଭାବେ www.ireps.gov.in କୁ ଯାଇ ସମସ୍ତ ଟେଣ୍ଡରରେ ପରିଦର୍ଶନ କରିପାରିବେ।

PR : 231


# ବିଶ୍ୱବିଦ୍ୟାଳୟରେ ଜାତୀୟସ୍ତରୀୟ କର୍ମଶାଳା ଉଦ୍‌ଘାଟିତ




ବାରିପଦା, ୩୧/୦୫ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗରେ ଏକ ଦୁଇଦିବସୀୟ ଜାତୀୟସ୍ତରୀୟ କର୍ମଶାଳା ସୋମବାର ଦିନ ଉଦ୍‌ଘାଟିତ ହୋଇଯାଇଛି । ଜୈବବିବିଧତା ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଶୀର୍ଷକ ଏହି କର୍ମଶାଳାରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥିରୂପେ ଯୋଗଦାନ କରି ସାଂପ୍ରତିକ ପରିସ୍ଥିତିରେ ଜଳବାୟୁ ପରିବର୍ତ୍ତନ ଉପରେ ଆଲୋଚନା ଅତ୍ୟନ୍ତ ଆବଶ୍ୟକ ବୋଲି କହିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ପ୍ରମୋଦ କୁମାର ଶତପଥୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କର୍ମଶାଳାର ଉଦ୍‌ଘାଟନୀ ପର୍ବରେ ଭାରତ ସରକାରଙ୍କ ଜୈବ ସର୍ବେକ୍ଷଣ ସଂସ୍ଥାର ପ୍ରାକ୍ତନ ନିର୍ଦ୍ଦେଶକ ଡକ୍ଟର ଅଶୋକକାନ୍ତି ସାନ୍ୟାଲ୍ ମୁଖ୍ୟବକ୍ତା ରୂପେ ଯୋଗଦାନ କରି ବର୍ତ୍ତମାନ ପରିପ୍ରେକ୍ଷୀରେ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧରେ କର୍ମଶାଳାର ଆବଶ୍ୟକତା ଓ ଗୁରୁତ୍ୱ ସମ୍ପର୍କରେ ସାରଗର୍ଭକ ଭାଷଣ ପ୍ରଦାନ କରିଥିଲେ । ପ୍ରଫେସର ହୃଦୟନାଥ ଥାଟୋଇ ଜଳବାୟୁ ପରିବର୍ତ୍ତନ ଦ୍ୱାରା ଜୀବନ ଶୈଳୀର ପରିବର୍ତ୍ତନ ଉପରେ ବକ୍ତବ୍ୟ ରଖିଥିଲେ। ବିଭାଗୀୟ ମୁଖ୍ୟ ଡ. କମଳ ଲୋଚନ ବାରିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ, ବିଭାଗୀୟ ସହକାରୀ ପ୍ରଫେସର ଡ. ବିଷ୍ଣୁପ୍ରିୟା ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ । ସହକାରୀ ପ୍ରଫେସର ଡ. ସୁଦାମ ଚରଣ ସାହୁ ପରିଚାଳନାରେ ସହଯୋଗ କରିଥିବା ବେଳେ, ଏହି କାର୍ଯ୍ୟକ୍ରମରେ କାନାଡ଼ାର ଲେଥ୍ ବ୍ରିଜ୍ ବିଶ୍ୱବିଦ୍ୟାଳୟର ପିଏଫ୍‌ଏସ୍ ଗବେଷଣା କାର୍ଯ୍ୟକାରୀ ନିର୍ଦ୍ଦେଶକ ଡ. ଶୈକତ୍ କୁମାର ବାସୁ, କଲିକତାସ୍ଥ ଏସ୍.ଇ.ଆ.ଇ.ର ଶୈକ୍ଷିକ ମୁଖ୍ୟ ଡ. ଅର୍ଣ୍ଣେଷା ଗୁହା, ଅରୁଣାଚଳ ପ୍ରଦେଶର ଆ.ଇ.ଜି.ଟି.ଏମ୍.ଏସ୍ ବିଶ୍ୱବିଦ୍ୟାଳୟର ଗବେଷଣା ନିର୍ଦ୍ଦେଶକ ଡକ୍ଟର ତନ୍ମୟ ରୁଦ୍ର, ଝାଡ଼ଖଣ୍ଡର କୋହ୍ଲଣ ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ପ୍ରଫେସର ଡ. ଦାରା ସିଂ ଗୁପ୍ତା, କଲିକତାସ୍ଥ ପ୍ରାଣୀ ସର୍ବେକ୍ଷଣ ସସ୍ଥାର ବୈଜ୍ଞାନିକ ଡ. ମୃଣାଳକାନ୍ତି ଦେ ପ୍ରମୁଖ ପ୍ରଶିକ୍ଷକ ଭାବରେ ଯୋଗ ଦେଇଛନ୍ତି।

# ବିଶ୍ୱ ତମାଖୁ ବର୍ଜନ ସଚେତନତା ଶୋଭାଯାତ୍ରା

ବାଲେଶ୍ୱର, ୩୧/୦୫ (ନି.ପ୍ର): ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ 'ଆମେ ଖାଦ୍ୟ ଚାହୁଁ-ତମାଖୁ ନୁହଁ' ତମାଖୁ ବର୍ଜନର ବାର୍ତ୍ତା ନେଇ ଏକ ସଚେତନତା ଶୋଭାଯାତ୍ରା ସ୍ଥାନୀୟ ବିଶ୍ୱ ପ୍ରକାଶ କେନ୍ଦ୍ର ନିକଟରୁ ବାହାରି ସହର ପରିକ୍ରମା କରିଥିଲା। ସଦର ବିଧାୟକ ସ୍ୱରୂପ କୁମାର ଦାସ ପତାକା ଦେଖାଇ ଏହାକୁ ଶୁଭାରମ୍ଭ କରିଥିଲେ। ନିଶାମୁକ୍ତ ସୁସ୍ଥ ସମାଜ ଗଠନ ପାଇଁ ତମାଖୁ ବର୍ଜନ ଦିବସର ପାଳନର ଗୁରୁତ୍ୱ ସମ୍ପର୍କରେ ସେ ଆଲୋଚନା କରିଥିଲେ। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ର ଏଥିରେ ଯୋଗଦେଇ ତମାଖୁ ମୁକ୍ତ ବାଲେଶ୍ୱର ପାଇଁ ବ୍ୟାପକ ସଚେତନତାଉପରେ ଗୁରୁତ୍ୱାରୋପ କରିଥିଲେ। ଏ କ୍ଷେତ୍ରରେ ପ୍ରଜାପିତା ବ୍ରହ୍ମକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟର ଉଦ୍ୟମ ବେଶ ପ୍ରଶଂସନୀୟ ବୋଲି ସେ କହିଥିଲେ। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବରିଷ୍ଠ ସଦସ୍ୟ ରାଜୀବ ଭାଇ ଏହି ଶୋଭାଯାତ୍ରାକୁ ପରିଚାଳନା କରିଥିଲେ।

# ଏସଏଚଜି ମହାସଂଘ ବ୍ୟାଙ୍କ ଜମା ଅଚଳ: ଜିଲ୍ଲାପାଳଙ୍କଠାରେ ଖରିଦମୁଖୁରା ମହିଳାଙ୍କ ଫେରାଦ

ବାଲେଶ୍ୱର, ୩୧/୦୫ (ନି.ପ୍ର): ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ମହାସଂଘର ବ୍ୟାଙ୍କ ଆକାଉଣ୍ଟ ଅଚଳ କରାଯିବା ଓ ଗୋବିନ୍ଦପୁର ଆଞ୍ଚଳିକ ମଞ୍ଚ କମ୍ୟୁନିଟି ରିସୋର୍ସ ପର୍ସନ (ସିଆରପି) ଓ କମ୍ୟୁନିଟି ମ୍ୟାନେଜର (ସିଏମ) ନିଯୁକ୍ତିରେ ଅନିୟମିତତା ହୋଇଥିବା ଅଭିଯୋଗ କରି ରେମୁଣା ବ୍ଲକ ଖରିଦମୁଖରା ପଞ୍ଚାୟତର ମହିଳାମାନେ ଗୁରୁବାର ଜିଲାପାଳଙ୍କ ଠାରେ ଫେରାଦ ହୋଇଛନ୍ତି । ସେମାନଙ୍କ ଅଭିଯୋଗ ଅନୁସାରେ ୨୦୨୧ ମସିହା ନଭେମ୍ବର ମାସରେ ରିଦମୁଖୁରା ପଞ୍ଚାୟତ କାର୍ଯ୍ୟାଳୟରେ ଗୋବିନ୍ଦପୁର - ୧ ଆଞ୍ଚଳିକ ମଞ୍ଚ ସିଆରପି-ସିଏମ ପଦ ପାଇଁ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଚାରି ଆବେଦନକାରୀ ଏଥିରେ ଅଂଶଗ୍ରହଣ କରିଥିବା ବେଳେ ରେମୁଣା ବ୍ଲକର ଜୀବିକା ମିଶନ ଅଧିକାରିଣୀ ତଞ୍ଚକତା ପୂର୍ବକ ସସ୍ମିତା ଓଝାଙ୍କର ଜନ୍ମ ତାରିଖକୁ ପରିବର୍ତ୍ତନ ସହ ତାଙ୍କୁ ପରୀକ୍ଷା ଦେବାରୁ ବଞ୍ଚିତ କରିଥିଲେ। ଅନ୍ୟ ଦୁଇ ଆବେଦନକାରିଣୀଙ୍କୁ ଅଧିକ ଶିକ୍ଷାଗତ ଯୋଗ୍ୟତାକୁ ନେଇ ମାର୍କ ଦିଆନଯାଇ ଉଦ୍ଦେଶ୍ୟମୂଳକ ଭାବେ ଅନ୍ନପୂର୍ଣ୍ଣା ପ୍ରଧାନଙ୍କୁ ଚୟନ କରାଯାଇଥିଲା । ଶ୍ରୀମତୀ ପ୍ରଧାନଙ୍କ ଚୟନ ପତ୍ରରେ ଚୟନ କମିଟ କର୍ମକର୍ତ୍ତାଙ୍କ ଦସ୍ତଖତ ନଥିବା ସତ୍ତ୍ୱେ ତାଙ୍କୁ ନିଯୁକ୍ତି ଦେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହାକୁ ନେଇ ତତ୍କାଳୀନ ବିଡିଓ ଛବିରାଣୀ ସାହୁଙ୍କ ନିକଟରେ ଆପତ୍ତି ପରେ ଚୟନ ପ୍ରକ୍ରିୟା ତ୍ରୁଟିପୂର୍ଣ୍ଣ ଥିବା ସ୍ୱୀକାର ସହ ପୁନର୍ବାର ଚୟନ ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ। ସେହିକ୍ରମରେ ଗତ ମାର୍ଚ୍ଚ ୩ ତାରିଖରେ ପୁନର୍ବାର ଚୟନ ପ୍ରକ୍ରିୟା ପାଇଁ ବ୍ଲକ ସ୍ତରୀୟ ମହାସଂଘ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ସହ ପଞ୍ଚାୟତ ମହାସଂଘକୁ ଅବଗତ କରାଯାଇଥିଲା । ଏନେଇ ୨୦୨୩ ମସିହା ଜାନୁଆରୀ ୨୦ ତାରିଖରେ ଗ୍ରାମ ପଞ୍ଚାୟତ ଲେଭେଲ ଫେଡେରେସନ ଅଧିବେଶନରେ ନିଷ୍ପତି ନିଆଯାଇ ରେମୁଣା ବିଡିଓଙ୍କ ଅବଗତି ନିମନ୍ତେ ଜଣାଯାଇଥିଲା । ମାତ୍ର ରେମୁଣା ବିଡଓ ଏବେ କୌଣସି ପଦକ୍ଷେପ ନେବା ପରିବର୍ତ୍ତେ ଗ୍ରାମ ପଞ୍ଚାୟତ ଲେଭେଲ ଫେଡେରେସନର ବ୍ୟାଙ୍କ ଆକାଉଣ୍ଟ ଅଚଳ କରିବା ସହ ଅନ୍ନପୂର୍ଣ୍ଣା ପ୍ରଧାନଙ୍କୁ ନିଯୁକ୍ତି ଦେବା ନେଇ ଉଦ୍ୟମ କରୁଥିବା ମହିଳାମାନେ ଆରୋପ ଉଠାଇଛନ୍ତି । ଏହି ଘଟଣାର ବିଧିବଦ୍ଧ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେମାନେ ଜିଲାପାଳଙ୍କ ନିକଟରେ ଦାବି ଜଣାଇଛନ୍ତି। ଏନେଇ ସେମାନେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଗ୍ରାମ ପଞ୍ଚାୟତ ସ୍ତରୀୟ ମହାସଂଘ ସଭାନେତ୍ରୀ ସଙ୍ଗୀତା ଦାସ ଓ ଗୋବିନ୍ଦପୁର - ୧ ଆଂଚଳିକ ମଞ୍ଚର ସଭାନେତ୍ରୀ ରାଜଶ୍ରୀ ଦଳାଇଙ୍କ ସମେତ ସସ୍ମିତା ଓଝା, ଅନୀତା ସିଂହ, ଜୟନ୍ତୀ ମଲ୍ଲିକ, ମୀନତୀ ସାହୁ, ମନୋରମା ପାତ୍ର, ସୁଚିତ୍ରା ସିଂହ, ମମତା ମହାଳିକ, ମନସ୍ୱିନୀ ବେହେରା, ଲାକ୍ଷ୍ମୀପ୍ରିୟା ନାୟକ, ସୁମତି ବେହେରା, ନିରୂପମା ବେହେରା, ରଞ୍ଜିତା ରାଣୀ ପୋଥାଳ ପ୍ରମୁଖ ଉପସ୍ଥିତ ଥିଲେ

# ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ବାଲେଶ୍ୱରରେ ସ୍ୱାଗତ-ସମ୍ବର୍ଦ୍ଧନା




ବାଲେଶ୍ୱର, ୩୧/୦୫ (ନି.ପ୍ର): ନବ ନିଯୁକ୍ତ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କୁ ଗୁରୁବାର ବାଲେଶ୍ୱରରେ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଉଚ୍ଚ ମାଧ୍ୟମିକ ପରିଷଦର ପରୀକ୍ଷା ଫଳ ଘୋଷଣା ପରେ ମନ୍ତ୍ରୀ ମୟୂରଭଞ୍ଜ ଗସ୍ତରେ ଯାଉଥିବା ବେଳେ ବାମପଦା ଠାରେ ତାଙ୍କୁ ସ୍ୱାଗତ କରାଯାଇଥିଲା । ସଦର ବିଧାୟକ ସ୍ୱରୂପ କୁମାର ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡା ଓ ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ ପ୍ରମୁଖ ଶତାଧିକ ସମର୍ଥକଙ୍କ ଗହଣରେ ମନ୍ତ୍ରୀ ଶ୍ରୀ ମାର୍ଣ୍ଡିଙ୍କୁ ସ୍ୱାଗତ କରିଥିଲେ । ଏହି ଅବସରରେ ମନ୍ତ୍ରୀ ସ୍ଥାନୀୟ କୁଷ୍ଠାଶ୍ରମ ପରିଦର୍ଶନ କରିଥିଲେ। ସେଠାରେ ସେ ଆଶ୍ରମର ଅନ୍ତେବାସୀଙ୍କୁ ଫଳ ବଣ୍ଟନ ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ କିପରି ପାଉଛନ୍ତି ସେ ସମ୍ପର୍କରେ ପଚାରି ବୁଝିଥିଲେ। ସରକାରଙ୍କ ପକ୍ଷରୁ କୁଷ୍ଠାଶ୍ରମ ଅନ୍ତେବାସୀଙ୍କ ପାଇଁ ବାସଗୃହ ପ୍ରଦାନ କରାଯାଇଥିବା ବେଳେ ସେମାନେ ସାମନା କରୁଥିବା ଅନ୍ୟାନ୍ୟ ସମସ୍ୟାର ନିରାକରଣ ନିମନ୍ତେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି ଶ୍ରୀ ମାର୍ଣ୍ଡି ପ୍ରତିଶ୍ରୁତି ଦେଇଥିଲେ । ମନ୍ତ୍ରୀମଣ୍ଡଳ ପୁନର୍ଗଠନ ସହ ନୂତନ ଭାବେ ଦାୟିତ୍ୱ ନେବା ପରେ ମନ୍ତ୍ରୀଙ୍କୁ ବାଲେଶ୍ୱରରେ ସ୍ୱାଗତ କରାଯାଇଥିବା ବେଳେ ଜିଲାବାସୀଙ୍କ ଆଶା ଓ ଆକାଂକ୍ଷା ପୂରଣରେ ସେ ସହଯୋଗ କରିବେ ବୋଲି ବିଧାୟକ ଦ୍ୱୟ ଆଶାପ୍ରକାଶ କରିଥିଲେ। ଏହି ସମ୍ବର୍ଦ୍ଧନା ବେଳେ ସଦର ଓ ରେମୁଣା ନିର୍ବାଚନମଣ୍ଡଳୀର ବିଭିନ୍ନ ପଂଚାୟତରୁ ନିର୍ବାଚିତ ପ୍ରତିନିଧଙ୍କ ସମେତ ବିଧାୟକଙ୍କ ସମର୍ଥକ ତଥା ସହଯୋଗୀମାନେ ଉପସ୍ଥିତ ଥିଲେ।।

## ଜି.କେ. ଭଟ୍ଟର ଡାକ୍ତରଖାନା ସମସ୍ୟା

# ୧୦ ଡାକ୍ତରଙ୍କ ମଧ୍ୟରୁ ୭ କାର୍ଯ୍ୟରତ, ନୂତନ ଯୋଗଦେବେ ୨ : ସିଡିଏମ୍‌ଓ

ଜଳେଶ୍ୱର ୩୧/୫(ନି.ପ୍ର): ସମଗ୍ର ଉତ୍ତର ବାଲେଶ୍ୱରରେ ଏକ ରେଫେରାଲ ୟୁନିଟ ତଥା ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାବେ ଜିକେ ଡାକ୍ତରଖାନା ପରିଚିତ । ଉପାନ୍ତ ଅଂଚଳରେ ଦୁଇ ରାଜ୍ୟର ରୋଗୀମାନେ ଚିକିତ୍ସାଲାଗି ଆସିଥାନ୍ତି । ଦିନକୁ ପ୍ରାୟ ୩୦୦ ରୋଗୀ ଚିକିତ୍ସାଲାଗି ଆସୁଥିବାରୁ ଆବଶ୍ୟକ ଡାକ୍ତର ନ ଥିବାରୁ ଚିକିତ୍ସା ସମ୍ଭବ ହେଉନଥିବା ଅଭିଯୋଗ ହେଉଥିଲା । କିନ୍ତୁ ଏବେ ନୂତନ ଡାକ୍ତର ନିଯୁକ୍ତି ହେବା ସଂପର୍କରେ ଆଜି ସିଡିଏମ୍‌ଓ ସୂଚନା ଦେଇଛନ୍ତି । ଦୀର୍ଘ ୪୫ବର୍ଷ ଧରି ଜିକେ ଭଟ୍ଟର ଡାକ୍ତରଖାନା ରୋଗୀଙ୍କୁ ସେବା ଦେଇ ଆସୁଥିବା ବେଳେ ଡାକ୍ତରଙ୍କ ଅଭାବ ଯୋଗୁଁ ଚିକିତ୍ସାରେ ବାଧା ସୃଷ୍ଟି ହେଉଛି । ଏଥିଲାଗି ଗତ ମଂଗଳବାର ସ୍ଥାନୀୟ ମିଳିତ ମେଡିକାଲ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ସ୍ମାରକପତ୍ର ଜିଲାପାଳ, ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୁଖଙ୍କୁ ପଠାଯାଇଛି । ଆସନ୍ତା ୧୬ ତାରିଖରେ ଅନଶନ ହେବାର କ୍ରିୟାନୁଷ୍ଠାନ କମିଟି ଦର୍ଶାଇଥିବାରୁ ଜିଲା ପ୍ରଶାସନର ମୁଣ୍ଡ ବ୍ୟଥାର କାରଣ ହୋଇଛି । ଆଜି ଏ ସଂପର୍କରେ ବିଧାୟକ ତଥା ମନ୍ତ୍ରୀ ଅଶ୍ୱନୀ କୁମାର ପାତ୍ରସମସ୍ୟାର ସମାଧାନ ପାଇଁ ଅବିଳମ୍ବେ ଡାକ୍ତର ଯୋଗାଇବାକୁ ଜିଲାପାଳ ଓ ମୁଖ୍ୟ ଚିକିତ୍ସାଧିକାରୀଙ୍କୁ କହିଛନ୍ତି । ଅତୀତରେ ନିଯୁକ୍ତି ପାଇଥିବା ଡାକ୍ତରଙ୍କ ମଧ୍ୟରୁ ୨ଜଣ ଉଚ୍ଚ ଶିକ୍ଷାରେ ଯାଇଥିବାରୁ ଏବଂ ଅନ୍ୟଜଣେ ଡାକ୍ତରଙ୍କୁ ଏଠାରୁ ଅନ୍ୟତ୍ର ନିଆଯିଥିବା ସଂପର୍କରେ ମନ୍ତ୍ରୀ ଶ୍ରୀ ପାତ୍ର ବିରକ୍ତ ପ୍ରକାଶ କରିଥିଲେ । ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ବିଭାଗର ଉଚ୍ଚ କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ଅନ୍ୟୁନ ୨ଜଣ ଡାକ୍ତର ନିଯୁକ୍ତି ଦେବାକୁ କହିଥିଲେ । ତାଙ୍କ ସହିତ ଜଳେଶ୍ୱର ବ୍ଲକ ଅଧ୍ୟକ୍ଷ ମାନସ ଜେନା, ପୌର ଅଧ୍ୟକ୍ଷକ ପ୍ରତୀପ ପ୍ରଧାନ, ଡ. ରମାକାନ୍ତ ଭଂଜ, ଇଂ ରାମଚନ୍ଦ୍ର ସାହୁ, ଶରତ ଚନ୍ଦ୍ର ପରିଡା, ଅଶୋକ ପାତ୍ର, ତରଣୀ ଭୂୟାଁ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଏ ସଂପର୍କରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଧିକାରୀଙ୍କ ମତାମତ ଲୋଡିବାରୁ ସେ କହିଲେ ଜିକେଭଟ୍ଟର ଡାକ୍ତରଖାନାରେ ୧୦ଜଣ ଡାକ୍ତର ରହିବାର ସରକାରୀ ନିୟମ ରହିଛି । କିନ୍ତୁ ଏବେ ୪ଜଣ ସ୍ଥାୟୀ ଓ ୩ଜଣ ଡେପୁଟେସନ୍‌ରେ ଡାକ୍ତର ନିଯୁକ୍ତ ଅଛନ୍ତି । ଆସନ୍ତା ୬ ତାରିଖରେ ସମଗ୍ର ରାଜ୍ୟରେ ଡାକ୍ତର ନିଯୁକ୍ତି ମିଳୁଥିବାରୁ ଏଠାକୁ ୨ଜଣ ନିଯୁକ୍ତି ମିଳିବ ବୋଲି କହିଛନ୍ତି । ଅନ୍ୟପକ୍ଷରେ ସେଠାରେ ଅନ୍ୟଜଣେ ଭାରପ୍ରାପ୍ତ ଡାକ୍ତର ନିଯୁକ୍ତ ଦେବାର ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଶାନ୍ତିଶୃଙ୍ଖଳା ବଜାଇ ରଖି ଚିକିତ୍ସାସେବାରେ ସହାୟତା କରିବାକୁ ସେ ଅନୁରୋଧ କରିଛନ୍ତି।

# ଯୁକ୍ତ ଦୁଇ ବିଜ୍ଞାନରେ ଅଲ୍ ଓଡିଶା ଟପ୍ପର ହେଲେ ନୀଳଗିରି ପୁଅ ସବ୍ୟସାଚୀ



ନୀଳଗିରି , ୩୧/୦୫ (ନି.ପ୍ର): ବୁଧବାର ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ଯୁକ୍ତଦୁଇ ଝାଡ଼େଶ୍ୱର କଲେଜ ଛାତ୍ର ସବ୍ୟସାଚୀ ପାତ୍ର ୫୭୧ନମ୍ବର ରଖି ଅଲଓଡିଶା ଟପ୍ପର ହୋଇଛନ୍ତି । ପ୍ରାପ୍ତ ସୂଚନା ଅନୁସାରେ ନୀଳଗିରିଥାନା ଅଧିନସ୍ଥ ଚାଷଖଣ୍ଡ ଗ୍ରାମର ବାସୁଦେବ ପାତ୍ର ଓ ସୁଷମା ପ୍ରଧାନଙ୍କ ପୁଅ ସବ୍ୟସାଚୀ ପାତ୍ର (୧୮ ) ନୀଳଗିରି ରତ୍ନାକର ଟାଉନ ହାଇସ୍କୁଲ ରୁ ମାଟ୍ରିକରେ ୫୪୭ନମ୍ବର ରଖି ପାସ କଲାପରେ ଯୁକ୍ତଦୁଇ ବିଜ୍ଞାନରେ ରେମୁଣାସ୍ଥିତ ଝାଡ଼େଶ୍ୱର ରେସିଡେଣ୍ଟାଲ କଲେଜ ରେ ଆଡ଼ମିସନ ହୋଇଥିଲେ । ପରୀକ୍ଷା ଫଳ ପ୍ରକାଶ ପରେ ୫୭୧ନମ୍ବର ରଖି ଓଡିଶା ଟପ୍ପର ହୋଇଛନ୍ତି । ନିଜ ପ୍ରତିକ୍ରିୟାରେ ସେ ଦୈନିକ ୮ରୁ ୧୦ଘଣ୍ଟା ପରିଶ୍ରମ କରୁଥିବା ବେଳେ ଭବିଷ୍ୟତରେ ଜଣେ ଡାକ୍ତର ହୋଇ ରୋଗୀଙ୍କ ସେବା କରିବାର ଲକ୍ଷ୍ୟ ରଖିଥିବା କହିଛନ୍ତି । ମା ଜଣେ ଅଙ୍ଗନବାଡି କର୍ମୀ ହୋଇଥିବା ବେଳେ ବାପା ଛୋଟବ୍ୟବସାୟୀ ଅଟନ୍ତି । ସବ୍ୟସାଚୀଙ୍କ ଟପ୍ପର ହେବା ପଛରେ କଲେଜର ଶିକ୍ଷକ ଶିକ୍ଷୟତ୍ରୀ, ବାପା ମା, ପରିବାର ବର୍ଗ, ସାଙ୍ଗସାଥୀ ବନ୍ଧୁବାନ୍ଧବଙ୍କର ଅତୁଳନୀୟ ଅବଦାନ ଓ ଆଶୀର୍ବାଦ ରହିଛିବୋଲି ସବ୍ୟସାଚୀ ପ୍ରକାଶ କରିଛନ୍ତି ।

# ରୁରାଲ ମାର୍ଟ ସ୍କିମ: ପ୍ରଡ୍ୟୁସର କମ୍ପାନିକୁ ମୋବାଇଲ ଭ୍ୟାନ ଯୋଗାଣ

ଉଦଳା, ୩୧/୦୫ (ନି.ପ୍ର): ଉଦଳା ସହର ଠାରୁ ଅଳ୍ପ ଦୁରରେ ଥିବା ବୃନ୍ଦାଗଡ଼ି ଠାରେ ୨୦୧୬ ମସିହାରୁ ଗଠନ ହୋଇଥିବା ମା' ଦୁର୍ଗାଦେବୀ ପ୍ରଡ୍ୟୁସର କମ୍ପାନି ଗ୍ରାମାଚଂଳର ଶତାଧିକ ମହିଳାଙ୍କୁ କାମଧନ୍ଦା ଯୋଗାଇଦେବା ସହିତ ବ୍ୟବସାୟ କ୍ଷେତ୍ରରେ ବେଶ ଭଲ ସୁନାମ ଅର୍ଜନ କରିଛି । ସେଥିପାଇଁ ସମଗ୍ର ଓଡ଼ିଶାରେ ଏହି କମ୍ପାନିର ସୁନାମ ବିଭିନ୍ନ ମହଲରେ ଶୁଣିବାକୁ ମିଳୁଛି । ତେବେ ଏହାର ବ୍ୟବସାୟକୁ ଅଧିକ ବ୍ୟାପକ କରିବା ପାଇଁ ନାବାର୍ଡ଼ ସହାୟତାରେ ମୋବାଇଲ ରୁରାଲ ମାର୍ଟ ସ୍କିମ ମାଧ୍ୟମରେ ଏକ ଭ୍ୟାନ ପ୍ରଦାନ କରାଯାଇଛି । ଏହି ଭ୍ୟାନ ପ୍ରଦାନ ଦିନ ନାବାର୍ଡ଼ର ଡ଼ିଡ଼ିଏମ୍ ସ୍ମୃତି ରଂଜନ ପଟ୍ଟନାୟକ ଓ ସ୍ୱେଚ୍ଛାସେବୀ ସଂଗଠନ 'ଶୋଭା'ର ସଂପାଦକ ରଂଜନ କୁମାର ମିଶ୍ରଙ୍କ ଅଧକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ସ୍ୱେଚ୍ଛାସେବୀ କବିତା ସିଂହ ପରିବହନ କ୍ଷେତ୍ରରେ କମ୍ପାନୀର ବ୍ୟବସାୟକୁ ଆଗକୁ ନେବା ଉଦେଶ୍ୟରେ ଆଜିର ଏହି ଉତ୍ସବ ବୋଲି ବ୍ୟକ୍ତ କରିଥିଲେ । କମ୍ପାନୀର ସମସ୍ତ ଅଂଶୀଦାର ମାନେ ଉପସ୍ଥିତ ଥିଲେ । ଶାଳପତ୍ର, ଛେଳି, କୁକୁଡ଼ା ଓ ମହୁ ବିକ୍ରୟ ପାଇଁ ଦୂର ବଜାରକୁ ପଠାଯିବା ଓ ବ୍ୟବସାୟକୁ ଅଧିକ ଲାଭବାନ କରିବା ପାଇଁ ଏହି ଭ୍ୟାନ ପ୍ରଦାନ କରାଯାଇଛି ବୋଲି ଡ଼ିଡ଼ିଏମ୍ ଶ୍ରୀଯୁକ୍ତ ପଟ୍ଟନାୟକ କହିଥିଲେ । ନାବାର୍ଡ଼ ସହିତ କମ୍ପାନୀର ଦିର୍ଘ ୨୨ ବର୍ଷର ସମ୍ପର୍କ କିପରି ରହିଛି ଓ କମ୍ପାନୀକୁ ଆଗକୁ ନେବାରେ ନାବାର୍ଡ଼ କିପରି ସବୁ ସମୟରେ ସହଯୋଗର ହାତ ବଢ଼ାଇଛି ସେ ସମ୍ପର୍କରେ ଶୋଭାର ସମ୍ପାଦକ ଶ୍ରୀଯୁକ୍ତ ମିଶ୍ର ତାଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ପାର୍ବତୀ ମହାଂ ଧନ୍ୟବାଦ ଅର୍ପଣ କରିଥିଲେ ।




# ଚାନ୍ଦବାଲି ଡାକ୍ତରଖାନାରେ ନର୍ସଙ୍କୁ ଡାକ୍ତରଙ୍କ ଅଶାଳୀନ ବ୍ୟବହାର

## ପ୍ରତିବାଦରେ ଯୁବ କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କଠାରେ ଅଭିଯୋଗ



ଭଦ୍ରକ, ୩୧/୦୫ (ନି.ପ୍ର): ଚାନ୍ଦବାଲି ଡାକ୍ତରଖାନା ରେ ଷ୍ଟାଫ ନର୍ସଙ୍କୁ ଡାକ୍ତରଙ୍କ ଅସଭ୍ୟ ବ୍ୟବହାର, ଯୌନ ଲାଳସା ନେଇ ସମ୍ପୃକ୍ତ ଷ୍ଟାଫ ନର୍ସ ଚାନ୍ଦବାଲି ଥାନାରେ ଏତଲା ଦେବା ପରେ ବୟାନ ରେକର୍ଡ କରି ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ନର୍ସଙ୍କୁ ସେଠାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବଦଳି କରି ଦିଆଯାଇଛି । ଏ ନେଇ ଆଜି କଂଗ୍ରେସ ଯୁବ ସଭାପତି ହେମନ୍ତ ମହାପାତ୍ର ଓ ଛାତ୍ର କଂଗ୍ରେସ ସଭାପତି ସାହିଲ କାଦ୍ରି ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତ । ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ସମ୍ପୃକ୍ତ ଡାକ୍ତର ପ୍ରଚୁର ମଦ୍ୟ ପାନ କରି ଉପଯୁକ୍ତ ଚିକିତ୍ସା ନ କରି ବହୁ ଅଭିଯୋଗ ପରେ ତାଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ଯାଉନାହିଁ । ମା' କୁ ସମ୍ମାନ ପ୍ରଚାର କରୁଥିବା ବିଜେଡି ସରକାର ଏଭଳି ସମ୍ମାନ ଦେଉଛି ତାହା ନେଇ ଏହା ଏକ ଜ୍ୱଳନ୍ତ ନମୁନା ବୋଲି ସୂଚାଇଛନ୍ତ । ସାଧାରଣରେ ମଧ ମହିଳା ନର୍ସଙ୍କୁ ଏଭଳି ଘଟଣା ନେଇ ନିନ୍ଦା କରା ଯାଉଛି । ନର୍ସ ସଂଘ ମଧ କାର୍ଯ୍ୟାନୁଷ୍ଠାନ ଦାବି କରିଥିବା ଯୁବ ସଭାପତି ଶ୍ରୀ ମହାପାତ୍ର ପ୍ରକାଶ କରିଛନ୍ତି । ତୁରନ୍ତ ଜିଲ୍ଲା ପ୍ରଶାସନ କିମ୍ବା ସରକାର ଯଦି ସଂପୃକ୍ତ ଡାକ୍ତରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରେ ତବେ ଯୁବ ଓ ଛାତ୍ର କଂଗ୍ରେସ ଆଗାମୀ ଦିନରେ ଏହାର ତୀବ୍ର ପ୍ରତିବାଦ କରିବ ଶ୍ରୀ ମହାପାତ୍ର କହିଛନ୍ତି ।

# ପଟିଦିଅଁ ଅଙ୍କନ ଓ ଚଢ଼େଇଆ ନାଟ ପ୍ରତିଯୋଗିତା ଉଦ୍‌ଘାଟନ




ବାଲେଶ୍ୱର, ୩୧/୦୫ (ନି.ପ୍ର): ବିଗତ ବର୍ଷ ପରି ଚଳିତ ବର୍ଷ ନୋଣୀ କଲଚୁରାଲ ଏକାଡେମୀ ଓ ବାଲେଶ୍ୱରୀ କଳା କେନ୍ଦ୍ରର ମିଳିତ ସହଯୋଗ ତଥା ଓଡିଶା ସରକାରଙ୍କ ସଂସ୍କୃତି ବିଭାଗର ସହାୟତାରେ ବାମପଦାସ୍ଥ ନସି ବିଯିନେସ ପାର୍କ ର ଉନ୍ମୁକ୍ତ ମଞ୍ଚ ରେ ଆଜି ସନ୍ଧ୍ୟାରେ ଶ୍ରୀ ଜଗନ୍ନାଥ ଙ୍କ ଅନନ୍ୟ ପ୍ରଥା ପରମ୍ପରା ୯ମ ପଟିଦିଅଁ ଅଙ୍କନ ଉତ୍ସବ ଓ ୨ୟ ଚଢ଼େଇଆ ନାଟ ପ୍ରତିଯୋଗିତା ଆନୁଷ୍ଠାନିକ ଭାବରେ ଉଦଘାଟନ ହୋଇଯାଇଛି । ପୂର୍ବାହ୍ନରେ ଚିତ୍ରକର ଓ ଛାତ୍ରଛତ୍ରୀମାନେ ପଟିଦିଅଁ ଅଙ୍କନ ପାଇଁ ପଟି ପ୍ରସ୍ତୁତି ଓ ରଙ୍ଗ ପ୍ରସ୍ତୁତି ଯଥାବିଧି କରାଯାଇଥିଲା । ପଟ୍ଟଚିତ୍ର ଗୁରୁ ନିମାପଡ଼ାର ଶରତ ପ୍ରଧାନ, ପିପିଲିର ସଂଯୁକ୍ତା ଦାସ ଯୋଗ ଦେଇ ଛାତ୍ରଛତ୍ରୀମାନଙ୍କୁ ପଟ୍ଟଚିତ୍ର ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡିଶୀ ନୃତ୍ୟ, ଆଦିବାସୀ ନୃତ୍ୟ କାଇଁ ଗଡିଆ, ବାମପଦା ପରିବେଷଣ କରିଥିଲେ । ଚିତ୍ରଶିଳ୍ପୀ ରୂପକ ଦାସ, ଦୀନକୃଷ୍ଣ ଧଳ, ଅଙ୍କିତ ଦାସ, ପାପୁନ ପ୍ରଧାନ, ପ୍ରମୋଦ ମାଝି ସହ ନସି ର ରୁଦ୍ର ପ୍ରସାଦ ବଳ, ପ୍ରଶାନ୍ତ ବେହେରା, ଲୁନା ସାହୁ ପ୍ରମୁଖ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ । ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ରମରେ ୧ ରୁ ୩ ତାରିଖ ପର୍ଯ୍ୟନ୍ତ ପ୍ରତି ସନ୍ଧ୍ୟାରେ ଦୁଇଟି କରି ବାଲେଶ୍ୱରୀ ଚଢ଼େଇଆ ନାଟ ଦଳ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ନାଟ ପରିବେଷଣ କରିବେ ବୋଲି ଆୟୋଜକ ଜଣାଇଛନ୍ତି ।

# ଶ୍ରମିକନେତା ଶଶିକାନ୍ତ ବେହେରାଙ୍କ ଦେହାନ୍ତ



ବାଲେଶ୍ୱର, ୩୧/୦୫ (ନି.ପ୍ର): ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ବାଲେଶ୍ୱର ଜିଲ୍ଲା କମିଟିର ଜଣେ ସକ୍ରିୟ ସଦସ୍ୟ ତଥା ଏଆଇଟିୟୁସିର ଜିଲ୍ଲା କାର୍ଯ୍ୟକାରୀ ସଭ୍ୟ ଓ ନିର୍ମାଣ ଶ୍ରମିକ ସଂଘ ସମୂହ ସମନ୍ୱୟ ସମିତିର ପ୍ରତିନିଧି ଶଶିକାନ୍ତ ବେହେରାଙ୍କ ଗତକାଲି ମଙ୍ଗଳବାର ରାତିରେ ହୃଦଘାତରେ ଦେହାନ୍ତ ହୋଇଯାଇଛି । ମଙ୍ଗଳବାର ଦିନ ସେ ଜିଲ୍ଲା ଶ୍ରମଅଫିସ୍ ଓ ପଡ୍ଡୁଆଁପଦାସ୍ଥିତ ସଂଘ କାର୍ଯ୍ୟାଳୟରେ ନିଜର କାର୍ଯ୍ୟ ଶେଷ କରି ପ୍ରତିଦିନ ଭଳି ନଗ୍ରମ ପଞ୍ଚାୟତସ୍ଥିତ ଟିକିରାପାଳ ଗ୍ରାମକୁ ଫେରିଥିଲେ । ସ୍ୱାଭାବିକ ଭାବେ ରାତ୍ରିଭୋଜନ ଶେଷ କରି ଶୋଇବା ପରେ ରାତି ୩ଟାରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ୍ୟୁବେଳକୁ ତାଙ୍କୁ ୬୩ବର୍ଷ ହୋଇଥିଲା । ସେ ଜଣେ ଦକ୍ଷ ନିର୍ମାଣ ଶ୍ରମିକ ଓ ଶ୍ରମିକନେତା ଭାବେ ସମସ୍ତଙ୍କର ପ୍ରିୟଭାଜନ ହୋଇଥିଲେ । ତାଙ୍କର ଶବାଧାରରେ ଏଆଇଟିୟୁସି ରାଜ୍ୟ କମିଟିର ବରିଷ୍ଠ ଉପସଭାପତି ଗୌରାଙ୍ଗ ପାଣିଗ୍ରାହୀ, ଜିଲ୍ଲା ସଂପାଦକ ଶ୍ୟାମସୁନ୍ଦର ଜେନା, ସହସଂପାଦକ ଶରତଚନ୍ଦ୍ର ଦଳାଇ, ନିର୍ମାଣ ଶ୍ରମିକ ନେତା ସନ୍ତୋଷ ରଣା ଓ ବିଦ୍ୟୁତ୍ କର୍ମଚାରୀ ନେତା ଭରତ ଚନ୍ଦ୍ର ସେଠୀ ପ୍ରମୁଖ ପୁଷ୍ପମାଲ୍ୟ ପ୍ରଦାନ କରି ଶେଷଦର୍ଶନ କରିଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳ ଓ ଶ୍ରମିକ ମହଲରେ ଶୋକର ଛାୟା ଖେଳିଯାଇଛି । ଆସନ୍ତା ୭ ତାରିଖ ଅପରାହ୍ନରେ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ମିଳିତ ଶ୍ରଦ୍ଧାଞ୍ଜଳି ସଭାପାଇଁ ନିଷ୍ପତ୍ତି ନିଆଯାଇଥିବାର ଜଣାଯାଇଛି ।

## ଲାଂଚ ନେବା ସମୟରେ ଭିଜିଲାନ୍ସ ହାତରେ ଧରା ପଡିଲେ ଜୁନିୟର ଏକାଉଂଟାଂଟ

ନୂଆପଡ଼ା, ୩୧/୦୫ (ନି.ପ୍ର): ଖଡ଼ିଆଳ ବନଖଣ୍ଡ ବିଭାଗ ଜୁନିଅର ଏକାଉଂଟଟେଣ୍ଟ ସଞ୍ଜୟ କୁମାର ବାଗ ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡ଼ି ଗିରଫ ହୋଇଛନ୍ତି । ଇଚ୍ଛାକୃତ ଅବସର ନେଇଥିବା ଫରେଷ୍ଟ ଗାର୍ଡ ବିନୋଦିନି କୈବର୍ତ୍ତଙ୍କ କାଗଜାତ କରାଇ ଦେବା ନେଇ ତାଙ୍କ ଭାଇ ମନୋଜ କୈବର୍ତ୍ତଙ୍କ ଠାରୁ ୨୦ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ଟିମ ତାଙ୍କୁ ଧରିଛି । ଏବେ ଖଡ଼ିଆଳ ମିଶନ ସ୍ଥିତ ତାଙ୍କ ବାସ ଭବନ ଓ ବନ ବିଭାଗ କାର୍ଯ୍ୟାଳୟରେ ଚଢ଼ାଉ ଜାରି ରହିଛି ।

# ମିତ୍ରପୁର ବିଦେଶୀ ମଦ ଦୋକାନର ଦାଦାଗିରି: ଅଧିକ ଦରରେ ଗ୍ରାହକଙ୍କୁ ଲୁଟୁଛନ୍ତି କାଉଣ୍ଟର ମାଲିକ



ନୀଳଗିରି , ୩୧/୦୫ (ନି.ପ୍ର): ନୀଳଗିରି ଥାନା ଅଧୀନ ମିତ୍ରପୁର ବିଦେଶୀ ମଦ ଦୋକାନରେ ଅଧିକାଂଶ ସମୟରେ ଗ୍ରାହକ ଅସନ୍ତୋଷ ଦେଖାଦେଉଥିବା ବେଳେ ମଙ୍ଗଳବାର ଗ୍ରାହକ ଓ କାଉଣ୍ଟର କର୍ମଚାରୀ ମଧ୍ୟରେ ପ୍ରବଳ ଉତ୍ତେଜନା ଦେଖାଦେଇଛି । ସୂଚନା ଅନୁଯାଇ ସରକାର ମଦ ବୋତଲ ଉପରେ ନିର୍ଦ୍ଦିଷ୍ଟ ଦର ଧାର୍ଯ୍ୟ କରି ବିକ୍ରି କରିବାକୁ ନିର୍ଦ୍ଦେଶ ଥିବାବେଳେ ଦର ଠାରୁ ଅଧିକ ଦାମରେ ମଦ ବିକ୍ରିକରିବାକୁ ନେଇ କାଉଣ୍ଟର କର୍ମଚାରୀ ଓ ଗ୍ରାହକ ମଧରେ ପ୍ରବଳ ପାଟିତୁଣ୍ଡ ହୋଇଥିଲା । କାଉଣ୍ଟର କର୍ମଚାରୀ ଙ୍କ କହିବାକଥା ସରକାର ସମସ୍ତ ମଦ ଉପରେ ରେଟ ବଢ଼ାଇବା ଯୋଗୁଁ ଅଧିକ ଦରରେ ଆମ୍ଭେ ବିକୁଛୁ । ତେବେ ସରକାର ଯଦି ମଦ ଉପରେ ଦାମ ବଢ଼ାଇଛନ୍ତି ମାଲିକ ପ୍ରତି କାଉଣ୍ଟର ସାମ୍ନାରେ ରେଟ ଚାଟ ମାରିବା କଥା । ମାତ୍ର ମିତ୍ରପୁର ସ୍ଥିତ ବିଦେଶୀ ମଦ କାଉଣ୍ଟରରେ ସେଭଳି କୌଣସି ସୂଚନା ଫଳକ ମରାଯାଇନାହିଁ । ତେବେ ଏହି ମଦ ଦୋକାନଟି ଠିପି ବନ୍ଦ ମଦଦୋକାନ ହୋଇଥିବା ବେଳେ ଏହାର ଚତୁର୍ପାର୍ଶ୍ୱକୁ ଦେଖିଲେ ଜଣାଯାଏ ଏଠାରେ ଦିନରାତି ମଦ୍ୟପ ମାନେ ଖୋଲାମେଲାରେ ବସି ମଦ ପିଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ସବୁଠାରୁ ଗୁରୁତର କଥା ଉକ୍ତ କାଉଣ୍ଟରଟି ବରହମପୁର ଅଞ୍ଚଳର ସୁଷମା ବେହେରା ନାମକ ମହିଳାଙ୍କ ନାମରେ ଥିବାବେଳେ ବାଲେଶ୍ୱର ଅଂଚଳର ଜୈନିକ ଯୁବକ ଉକ୍ତ କାଉଣ୍ଟରରେ ମାଲିକାନା ଦେଖାଇ ଗ୍ରାହକଙ୍କୁ ରୁକ୍ଷ ଭାଷାରେ ଗାଳିଗୁଲଜ କରିବା ଅତ୍ୟନ୍ତ ନିନ୍ଦନୀୟ । ରେଟଚାଟ ନମାରି ଗ୍ରାହକଙ୍କୁ ସନ୍ତୋଷଜନକ ଉତ୍ତର ନଦେଇ ଗାଳିଗୁଲଜ କରିବା କେତେଦୂର ଗ୍ରହଣୀୟ । ତେବେ ଏନେଇ ନୀଳଗିରି ଅବକାରୀ ଓ ଆଇ ସି ନୃସିଂହ ପରିଡା ଙ୍କୁ ଯୋଗାଯୋଗ ପରେ ସରକାର ମଦ ରେଟ ବଢିବା କଥା ମାନିଥିଲେ କିନ୍ତୁ ଗ୍ରାହକ ଙ୍କ ପାଇଁ ସୂଚନା ଫଳକ ମାରିବା କଥା ସ୍ୱୀକାର ମଧ କରିଥିଲେ ।

## ବାଲେଶ୍ୱରରର ଯୁକ୍ତ ଦୁଇ ପାସହାର: ବିଜ୍ଞାନରେ ୯୫.୫୯ ଓ ବାଣିଜ୍ୟରେ ୮୮.୪୨ପ୍ରତିଶତ

ବାଲେଶ୍ୱର, ୩୧/୦୫ (ନି.ପ୍ର): ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବୁଧବାର ଯୁକ୍ତଦୁଇ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ପ୍ରକାଶ ପାଇଛି । ବାଲେଶ୍ୱର ଜିଲାର ପାସହାର ବିଜ୍ଞାନରେ ୯୫.୫୯ ପ୍ରତିଶତ ଓ ବାଣିଜ୍ୟରେ ୮୮.୪୨ ପ୍ରତିଶତ ଛୁଇଁଛି । ବିଜ୍ଞାନରେ ପରୀକ୍ଷା ଦେଇଥିବା ଜିଲାର୬ ହଜାର୬୩୨ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୬ହଜାର ୩୪୦ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ତନ୍ମଧ୍ୟରୁ ୪,୫୨୧ଜଣ ପ୍ରଥମ ଶ୍ରେଣୀରେ, ୧,୪୫୯ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୩୫୭ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେହିପରି ବାଣିଜ୍ୟରେ ପରୀକ୍ଷା ଦେଇଥିବା ୯୭୬ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୮୬୩ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ତନ୍ମଧ୍ୟରୁ ୩୩୬ଜଣ ପ୍ରଥମ ଶ୍ରେଣୀରେ, ୨୩୧ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୨୮୪ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି ।

# ହାତିଆଡିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ରରେ ଶୁଭ ଜନ୍ମଦିନ ପାଳନ




ରୂପସା , ୩୧/୦୫ (ନି.ପ୍ର): ହାତିଆଡିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ରରେ, ଆଶ୍ରମର ଉପାଧ୍ୟକ୍ଷା ମୁନିରାଜ୍ଞୀ କନକଲତା ମହାପାତ୍ର ଙ୍କ ନାତି ତଥା ମୁନି ଜାନକୀ ମହାପାତ୍ର-ମୁନିମତୀ ଝରଣା ମହାପାତ୍ରଙ୍କ ସୁପୁତ୍ର ଗୋପାଳ ମହାପାତ୍ରଙ୍କର ତୃତୀୟ ଶୁଭ ଜନ୍ମଦିନ,ମୁନି ସମାଜର ଜ୍ୟୋତି, ଜିଲ୍ଲା ସମ୍ପାଦକ, ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ, ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ମୁନି ଜୀଙ୍କ ସଭାପତିତ୍ୱରେ ମହା ସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ହିସାବରେ ଯୋଗଦାନ କରିଥିଲେ, ପ୍ରାନ୍ତୀୟ ସହ ସମ୍ପାଦକ ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ମହୋଦୟ । ମୁଖ୍ୟ ବକ୍ତା ହିସାବରେ ଯୋଗଦାନ କରିଥିଲେ ଆଶ୍ରମର କୋଷାଧକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି ଜୀ ମହୋଦୟ । ମୁନି ସଙ୍ଗୀତ ଗାନ କରିଥିଲେ ଆଶ୍ରମର କଣ୍ଠଶିଳ୍ପୀ ଯୋଗଶିକ୍ଷୟତ୍ରୀ ମଞ୍ଜୁଲତା ବେହେରା ମହୋଦୟା । ସମ୍ମାନୀତ ବକ୍ତା ହିସାବରେ ଯୋଗଦାନ କରିଥିଲେ ଆତ୍ମଜ୍ଞାନୀ ଯୋଗ ଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା । ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ, କରାଯାଇ ମୁନି କୁମାର ଗୋପାଳଙ୍କର ଦୀର୍ଘ ନୀରୋଗ ନିରାମୟ ଆନନ୍ଦମୟ ଜୀବନ ତଥା ଉଜ୍ଜ୍ୱଳ ଭବିଷ୍ୟତର ସମୂହ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା । ବହୁ ସଂଖ୍ୟାରେ ଆଶ୍ରମର ସଦସ୍ୟ ସଦସ୍ୟା ମାନେ ଯୋଗଦାନ କରିଥିଲେ । ଶେଷରେ ଯୋଗୀ ଭିକାରି ଚରଣ ମୁନି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ସ୍ୱାଦିଷ୍ଟ ଏକାମ୍ର ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

# ରୂପସା ରୋଗୀ କଲ୍ୟାଣ ସମିତିର ବୈଠକ



ବସ୍ତା, ୩୧/୦୫ (ନି.ପ୍ର): ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ରୋଗୀ କଲ୍ୟାଣ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ସଦର ବିଧାୟକ ସ୍ୱରୂପ କୁମାର ଦାସ ମୁଖ୍ୟ ଅଥିତି ଭାବେ ଯୋଗଦେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯିବା ସହିତ ଏବଂ ସ୍ତ୍ରୀ ପ୍ରସୂତି ବିଭାଗ ର ଡାକ୍ତର ଆସୁନଥିବା ନେଇ ବିନୟ କୁମାର ବେହେରା ପ୍ରଶ୍ନ କରିଥିଲେ ଏବଂ ଉତ୍ତମ ସେବା ଦେବା ପାଇଁ ଶ୍ରୀ ବେହେରା ମେଡିକାଲ ଅଫିସରଙ୍କୁ ଅନୁରୋଧ କରିଥିଲେ । ବିପିଓ ବାର୍ଷିକ ଆୟ ବ୍ୟୟର ବିବରଣୀ ପାଠକରିଥିବା ବେଳେ ରୋଗୀ କଲ୍ୟାଣ ସମିତି ର ସଭ୍ୟ ମାନେ ବିଧାୟକଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅବ୍ୟବସ୍ଥାକୁ ସୁଧାର ଆଣିବା ପାଇଁ ଦାବି ରଖିଥିଲେ । ଏହି ଅବସରରେ ମେଡିକାଲ ଅଫିସର ବିନୟ କୁମାର ଦାସ ମହାପାତ୍ର, ଡା ଅସିତ ପ୍ରଧାନ, ଏବିଡ଼ିଓ ଅଶୋକ କୁମାର ଦାସ,ସଦର ସିଡ଼ିପି ଓ ସୁଜାତା ପଟ୍ଟନାୟକ,ରୋରାଲ ସିଡ଼ିପିଓ ଜୋଥିକା ରାୟ,ବିପିଏମ ସତ୍ୟ ସୁନ୍ଦର ଗୋସ୍ୱାମୀ,ସାମ୍ବାଦିକ ମନୋରଞ୍ଜନ ପ୍ରଧାନ,ଉପସ୍ଥିତ ରହିଥିଲେ । ଶେଷରେ ବିଧାୟକ ଆଗାମୀ ଦିନରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

# ଶତମୁଖରେ ଫୁଟି ଉଠିଲା ଖଣ୍ଡେଇ ଭାଇଙ୍କ ପ୍ରଶଂସା

ଉଦଳା, ୩୧/୦୫ (ନି.ପ୍ର): ଉଦଳା ବିଜ୍ଞାପିତ ଅଂଚଳ ପରିଷଦର କର୍ମଚାରୀ ଉଗ୍ରେସର ଖଣ୍ଡେଇ ଆଜି ମଇ ୩୧ ତାରିଖ ବୁଧବାର ଦିନ ତାଙ୍କ ଚାକିରୀ ଜୀବନରୁ ଅବସର ନେଇଛନ୍ତି । ଏହି ଅବସରରେ ସ୍ଥାନୀୟ ସନ୍ଧାନଗୃହ ପରିସରରେ ଏକ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ସଭାରେ କାର୍ଯ୍ୟାଳୟରେ କାର୍ଯ୍ୟରତ ଯନ୍ତ୍ରୀ ଶୁଶାନ୍ତ ପାତ୍ର ଅଧକ୍ଷତା କରିଥିବା ବେଳେ ନଗରପାଳ ପ୍ରମିଳା ପଣ୍ଡା ଓ ଉପନଗରପାଳ ଲିଲି ଭୋଳ ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଖଣ୍ଡେଇ ଭାଇଙ୍କର ଶାନ୍ତ ସରଳ ସ୍ୱଭାବ ଓ କାର୍ଯ୍ୟରେ ନିଷ୍ଠା ଆଜି ଅନ୍ୟ ମାନଙ୍କ ପାଇଁ ଦୃଷ୍ଟାନ୍ତ ପାଲଟିଛି ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପୁର୍ବତନ ନଗରପାଳ ସୌଭାଗ୍ୟ କୁମାର ସାହୁ, ଉଦଳା ବ୍ଲକର ପୁର୍ବତନ ଅଧକ୍ଷ ଶରତ ଚନ୍ଦ୍ର ଦାଶ, କର୍ମଚାରୀ ସଂଜୟ ପାଢ଼ୀ ପ୍ରମୁଖ ଖଣ୍ଡେଇ ଭାଇଙ୍କର ସଗୁଣ କୀର୍ତନ କରିବା ସହ ତାଙ୍କର ଆଗାମୀ ଜୀବନ ସୁଖମୟ ହୋଇ ଉଠୁ ବୋଲି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ଜଣାଇଥିଲେ । ଶେଷରେ ତାଙ୍କୁ ଉପହାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରମୋଦ ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ସଭାରେ ସମସ୍ତ କର୍ମଚାରୀ ଓ କାଉନସିଲର ବୃନ୍ଦ ଉପସ୍ଥିତ ଥିଲେ ।

# ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ : ନିଶାସେବନରୁ ଛାତ୍ରଛାତ୍ରୀ ଦୂରେଇ ରହନ୍ତୁ

ଜଳେଶ୍ୱର , ୩୧/୦୫ (ନି.ପ୍ର): ଆଜି ବିଶ୍ୱ ତମାଖୁ ବର୍ଜନ ଦିବସ ହୋଇଥିବାରୁ ଜଳେଶ୍ୱର ସ୍ଥିତ ମିଳିତ ନିଶା ନିବାରଣ ମଂଚ (ମନା) ଜଳେଶ୍ୱର ଶାଖା ପକ୍ଷରୁ ଦିଗମ୍ବରୀଦେବୀ ବିଜ୍ଞାନ ପରିସରରେ ନିଶାନିବାରଣ ଲାଗି ଏକ ସଚେତନତା ସଭା ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଦିଲ୍ଲିପ କୁମାର ଗିରି ପୌରହିତ୍ୱ କରି ଏପରି ନିତୀର ଆବଶ୍ୟକତା ସଂପର୍କରେ କହିଥିଲେ । ଜଳେଶ୍ୱର ପୌରଶାଖାର ସଭାପତି କମଳ ଚକ୍ରବର୍ତ୍ତୀ, ସଂପାଦକ ଅରୁଣ ବେଜ, ଶିକ୍ଷାବିତ୍ ଲଳିତରଂଜନ ସେନାପତି, ଡ. ଚନ୍ଦ୍ରଶେଖର ଚକ୍ରବର୍ତ୍ତୀ, ଭାସ୍କର ଚନ୍ଦ୍ର ମିଶ୍ର, ଡ. ଅଜିତ୍ କୁମାର ମହାନ୍ତି, ପଲ୍ଟୁ ଦାସ, ଅଶୋକ ଜେନା, ମନୋଜ ଭୂୟାଁ, ଜଗନ୍ନାଥ ଗୋଛାୟତ ପ୍ରମୁଖ ଆଲୋଚନରେ କରିଥିବା ବେଳେ ବିଜ୍ଞାନ କଲେଜର ଛାତ୍ରଛାତ୍ରୀ ଭାଗ ନେଇଥିଲେ । ନିଶା ନିମନ୍ତେ ସରକାରଙ୍କ ନିତୀର ସୁଧାର ପାଇଁ ସାମଗ୍ରୀକ ତଥା ସାଂଗଠନୀକ ପଦକ୍ଷେପ ଗ୍ରହଣ କରିବାକୁ ଛାତ୍ରଛାତ୍ରୀମାନେ ସଂକଳ୍ପ ନେଇଥିଲେ । ଏ ସୁସ୍ଥ ସମାଜ ଗଠନ ପାଇଁ ନିଶାନିବାରଣ ମଂଚ ତାର ଅଭିଯାନ ଜାରି ରଖିବ ବୋଲି ସଭ୍ୟମାନେ ସୂଚନା ଦେଇଥିଲେ । କଲେଜର ଅଧ୍ୟକ୍ଷ ମାନସ ମାଇତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଆଜି ତମାଖୁ ସେବନ ହିଁ ସଂକ୍ରମକ ଓ କର୍କଟ ରୋଗର ମୁଖ୍ୟକାରଣ ବୋଲି ଜଳେଶ୍ୱର ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । ଡା. ମୋହନଲାଲଙ୍କ ପୌରହିତ୍ୟରେ ଗୋଷ୍ଠୀସ୍ୱାସ୍ଥ୍ୟ ଅଧିକାରୀ, ସ୍ୱାସ୍ଥ୍ୟସେବିକା, ଆଶାକର୍ମୀ, କେତେକ ରୋଗୀ ଉପସ୍ଥିତ ଥିଲେ । ତମାଖୁ ବର୍ଜନ ସମାଜ ପ୍ରତି ହିତକର ବୋଲି ମତପ୍ରକାଶ ପାଇଥିଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo